R.N.I. REGN. No. 65000/96 POSTAL REGN. No. OR/BN-32/12-14

13 October 2025, Monday

ତ୍ରିଂଶତ୍ତମ ବର୍ଷ

ସଂଖ୍ୟା : ୦୯

ତିଥି : ସପ୍ତମୀ

୧୩ ଅକ୍ଟୋବର ୨୦୨୫, ସୋମବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur


## ବିହାର ବିଧାନସଭା ନିର୍ବାଚନ

# ବିଜେପି-ଜେଡିୟୁ ମଧ୍ୟରେ ଆସନ ଭାଗବଣ୍ଟା



ନୂଆଦିଲ୍ଲୀ,୧୨।୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ଏନଡିଏ ମଧ୍ୟରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇଛି । ବିଜେପି ଏବଂ ଜେଡିୟୁ ପ୍ରତ୍ୟେକ ୧୦୧ଟି ଲେଖାଏଁ ଆସନରେ ଲଢ଼ିବେ,

### ଦୁଇ ଦଳ ୧୦୧ଟି ଲେଖା ଆସନରେ ଲଢ଼ିବେ

ଯେତେବେଳେ କି ଚିରାଗ ପାଶଓ୍ୱାନଙ୍କ ଦଳକୁ ୨୯ ଆସନ ଦିଆଯାଇଛି । ଜିତନ ରାମ ମାଁଝିଙ୍କ ଦଳକୁ ୬ ଆସନ ଦିଆଯାଇଛି । ବିଜେପି ବିହାର ପ୍ରଭାରୀ ବିନୋଦ ତାଓ୍ୱଡେ କହିଛନ୍ତି ଯେ ଏନଡିଏ ପରିବାରର ସମସ୍ତ ସଦସ୍ୟ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସହମତ ହୋଇଛନ୍ତି ଏବଂ ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ଉପରେ ସହମତ ହୋଇଛନ୍ତି । ସେହିପରି ବିହାର ବିଜେପି ସଭାପତି ଦିଲୀପ ଜୟସ୍ୱାଲ କହିଛନ୍ତି, ଏନଡିଏ ଏକଜୁଟ ଅଛି । ଆମେ ଦୃଢ଼ ବହୁମତ ସହିତ ସରକାର ଗଠନ କରିବୁ । ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁକୁ ମେଣ୍ଟରେ ବଡ଼ ଭାଇ ମାନ୍ୟତା ଦିଆଯିବ ଏବଂ ବିଜେପି ଅପେକ୍ଷା ଗୋଟିଏ କିମ୍ବା ଦୁଇଟି ଅଧିକ ଆସନ ମିଳିବ ବୋଲି କଳ୍ପନାଜଳ୍ପନା କରାଯାଉଥିଲା । କୁହାଯାଉଥିଲା ଯେ ଜେଡିୟୁ ୧୦୨-୧୦୩ ଆସନ ମିଳିବ । କିନ୍ତୁ ଏବେ ଏହା ସ୍ପଷ୍ଟ ଯେ ବିଜେପି ଓ ଜେଡିୟୁକୁ ସମାନ ମାନ୍ୟତା ଦିଆଯାଇଛି । ଏହି ନିଷ୍ପତ୍ତିକୁ ଏନଡିଏର ଉଭୟ ପ୍ରମୁଖ ଦଳକୁ ସମାନ ଗୁରୁତ୍ୱ ଦେବାର ରଣନୀତିର ଅଂଶ ଭାବରେ ଦେଖାଯାଉଛି । ସୂଚନା ଅନୁଯାୟୀ ଜିତନରାମ ମାଝି ୧୫ଟି ଆସନ ମାଗୁଥିଲେ । ତାଙ୍କୁ ୮ଟି ଆସନ ନେବାକୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସେ ରାଜି ହୋଇନଥିଲେ । ରବିବାର ସକାଳେ ଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା ପରେ ୬ଟି ଆସନ ନେବାକୁ ରାଜି ହୋଇଥିଲେ । ସେମାନଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଭବିଷ୍ୟତରେ ଜିତନଙ୍କ ଦଳକୁ ବିହାର ବିଧାନ ପରିଷଦ ନିର୍ବାଚନରେ ଗୋଟିଏ ଆସନ ଦିଆଯିବ । ସେହି ଆସନରେ ତାଙ୍କ ଦଳ ନିର୍ବାଚନ ଲଢ଼ିବେ । ଜିତନରାମଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଓ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ଆସନ ବୁଝାମଣା ପୂର୍ବରୁ ଏକକ ଭାବେ ନିର୍ବାଚନ ଲଢ଼ିବେ ବୋଲି ଚେତାବନୀ ଦେଇଥିଲେ । ଯାହା ଫଳରେ ଆସନ ଭାଗବଣ୍ଟା ନେଇ ବିଳମ୍ବ ଦେଖା ଦେଇଥିଲା । ବିହାର ବିଧାନସଭାର ୨୪୩ଟି ଆସନ ମଧ୍ୟରୁ ଚିରାଗ ପାଶଓ୍ୱାନଙ୍କ ଲୋକଜନଶକ୍ତି ପାର୍ଟି (ରାମବିଳାସ) କୁ ୨୯ଟି ଆସନ ମିଳିଛି । ଆଜି ଆସନ ଭାଗବଣ୍ଟା ପରେ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥି ତାଲିକା ଚୂଡ଼ାନ୍ତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ୪ ଅଭିଯୁକ୍ତ ଗିରଫ, ବାଲେଶ୍ୱର ପ୍ରଶାସନର ତନାଘନା

ବାଲେଶ୍ୱର,୧୨।୧୦(ସବ୍ୟୁ): ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହ ସ୍ଥାନୀୟ କିଛି ଲୋକଙ୍କ ବୟାନ ଆଧାରରେ ମୋଟ ୫ ଜଣଙ୍କୁ ଚିହ୍ନଟ କରାଯାଇଥିବା କୁହାଯାଉଛି । ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗିଥିବା ଜଙ୍ଗଲ ମହଲ ଇଲାକାର ବୋଲି ସୂଚନା ମିଳିଛି । ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୋବାଇଲ ଟ୍ରାକିଂ କରି ପାରାନଗଞ୍ଜ ଜଙ୍ଗଲରୁ ଗିରଫ କରାଯାଇଛି । ଗିରଫ ୪ ଜଣ ଅଭିଯୁକ୍ତଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ଏସଆଇଟି(ସ୍ପେଶାଲ୍ ଇନଭେଷ୍ଟିଗେସନ ଟିମ୍)ମାରାଥନ ଜେରା କରୁଛି । ଅନ୍ୟ ୨ ଜଣଙ୍କୁ ଗିରଫ ପାଇଁ ସେହି ପାରାନଗଞ୍ଜ ଜଙ୍ଗଲ ମଧ୍ୟରେ ଡ୍ରୋନ ସହାୟତାରେ ତଲାସୀ କରାଯାଉଛି ।

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଏକ ଦୁଇ ଜଣିଆ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କ ବାପାମାଙ୍କୁ ଦେଖା କରିଛି । ପୀଡ଼ିତା ଓ ତାଙ୍କ ପରିବାର ସହ ଓଡ଼ିଶା ସରକାର ରହିଛନ୍ତି ବୋଲି ଏହି ଟିମ୍ ବାପାମାଆଙ୍କୁ ସାକ୍ଷାତ ସମୟରେ ଆଶ୍ୱସ୍ତ କରିଛି । ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ଏହି ଘଟଣାରେ ତାଙ୍କ ପୁରୁଷ ବନ୍ଧୁ ମଧ୍ୟ ସଂପୃକ୍ତ ରହିଛନ୍ତି । ସେ ଝିଅକୁ ନିଛାଟିଆ ଜାଗାକୁ ଡାକି ନେଇ ଏମିତି ଏକ ଘଟଣା ଘଟାଇଛନ୍ତି ।





ଅଭିଯୁକ୍ତମାନେ ପୀଡ଼ିତାଙ୍କ ଫୋନ୍ ଓ ୫୦୦୦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି । ଗଣଦୁଷ୍କର୍ମର ଶିକାର ହୋଇଥିବା ଡାକ୍ତରୀ ଛାତ୍ରୀ ଜଣଙ୍କ ଏବେ ଦୁର୍ଗାପୁରର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ସେ ଧୀରେ ଧୀରେ ସୁସ୍ଥ ହେଉଥିବା ସେଠାକାର କର୍ତ୍ତୃପକ୍ଷ କହିଛନ୍ତି ।ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହିତ ଅନେକ ଲୋକଙ୍କୁ ଜେରା କରାଯାଇଛି । ସେମାନେ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରିଛନ୍ତି । ପଶ୍ଚିମବଙ୍ଗ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତା ଶଶୀ ପାଞ୍ଜା କହିଛନ୍ତି ଯେ ପୀଡ଼ିତାଙ୍କୁ ମାନସିକ ସ୍ତରରେ ଦୃଢ଼ କରିବା ପାଇଁ କାଉନସେଲିଂ କରାଯିବ । ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଶ୍ଚିମବଙ୍ଗ ପୁଲିସ "ଏକ୍ସ"ରେ ଏକ ବୟାନ ଜାରି କରିଛି । ଏହା ସହିତ ଏହି ଘଟଣାକୁ ନେଇ କୌଣସି ମିଛ ସୂଚନାକୁ ସୋଶାଲ ମିଡିଆରେ ଶେଆର ନ କରିବାକୁ ଅନୁରୋଧ କରିଛି । ଅନ୍ୟପକ୍ଷରେ ପୀଡ଼ିତାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ତାଙ୍କ ବାପା । ସେ ତାଙ୍କ ଝିଅକୁ ଓଡ଼ିଶା ଫେରାଇ ନେବାକୁ ଚାହୁଁଥିବା କହିଛନ୍ତ । ମୋ ଝିଅ କଷ୍ଟରେ ଅଛି । ବର୍ତ୍ତମାନ ସେ ଚାଲି ପାରୁ ନାହିଁ । ସେ ଶଯ୍ୟାଶାୟୀ । ଏଠାରେ ମୁଁ ତା'ର ସୁରକ୍ଷାକୁ ନେଇ ଚିନ୍ତିତ ଅଛି ।ସେମାନେ ତାକୁ ଯେକୌଣସି ମୁହୂର୍ତ୍ତରେ ମାରି ଦେଇ ପାରନ୍ତି । ସେଥିପାଇଁ ଆମେ ତାକୁ ଓଡ଼ିଶା ନେଇ ଯିବାକୁ ଚାହୁଁଛୁ । (୯ ପୃଷ୍ଠାରେ)

### ମମତାଙ୍କ ବୟାନକୁ ନେଇ ବିବାଦ

କୋଲକାତା,୧୨।୧୦: ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ରବିବାର ମୁହଁ ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ତେବେ ତାଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି । ତାଙ୍କ ମନ୍ତବ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ଏଭଳି ଏକ ଘଟଣାକୁ ନେଇ ସେ ଅସମ୍ବେଦନଶୀଳ ମନ୍ତବ୍ୟ ଦେଇଛନ୍ତି ।ପୀଡ଼ିତା ଏକ ଘରୋଇ ମେଡିକାଲ କଲେଜର ଛାତ୍ରୀ ହୋଇଥିବାରୁ ଏହି ଘଟଣା ପାଇଁ ପୂରା ଦାୟିତ୍ୱ ସରକାରଙ୍କଠାରୁ ହଟାଇ ଉକ୍ତ ମେଡିକାଲ କଲେଜ ଉପରେ ଲଦିବାକୁ ପ୍ରୟାସ କରିଛନ୍ତି ମମତା । ସେ କହିଛନ୍ତି, ପୀଡ଼ିତା ଏକ ଘରୋଇ ମେଡିକାଲ କଲେଜରେ ପଢନ୍ତି । ତା'ହେଲେ ଏହା କାହାର ଦାୟିତ୍ୱ? ସେ କାହିଁକି ରାତି ସାଢେ ୧୨ଟା ବେଳେ ବାହାରକୁ ଆସିଥିଲେ? ଘରୋଇ ମେଡିକାଲ କଲେଜଗୁଡ଼ିକ ନିଜେ ସେମାନଙ୍କ ଶିକ୍ଷାର୍ଥୀଙ୍କ ଯନି ନେବା ଉଚିତ । ତା'ସହିତ ରାତିରେ ବାହାରେ ବୁଲିବା ପ୍ରସଙ୍ଗ ଉପରେ ମଧ୍ୟ ଦୃଷ୍ଟି ଦେବା ଉଚିତ । ସେମାନଙ୍କୁ ରାତିରେ ବାହାରେ ବୁଲାବୁଲି କରିବାକୁ ଅନୁମତି (୯ ପୃଷ୍ଠାରେ)

# ଆଫଗାନୀ ସେନାର ପ୍ରତିଆକ୍ରମଣ: ପାକିସ୍ତାନର ୫୮ ଯବାନ ନିହତ

କାବୁଲ,୧୨।୧୦:ଗତ ସପ୍ତାହରେ ପାକିସ୍ତାନ କରିଥିବା ଏୟାର ଷ୍ଟ୍ରାଇକର କଡ଼ା ଜବାବ ଦେଇଛି ଆଫଗାନିସ୍ତାନ । ଶନିବାର ରାତିରେ ସୀମାରେ ଥିବା ପାକିସ୍ତାନର ଏକାଧିକ ପୋଷ୍ଟ ଉପରେ ଆକ୍ରମଣ କରିଥିଲା ଆଫଗାସ୍ତାନ ସେନା । ଏଥିରେ ୫୮ ଜଣ ପାକ୍ ଯବାନ ନିହତ ହୋଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିବା ଦାବି କରିଛି ଆଫଗାନିସ୍ତାନ । ଏହା ସହିତ ଆଉ କେବେ ଆକ୍ରମଣ ନ କରିବାକୁ କଡ଼ା ଚେତାବନୀ ଦେଇଛି । ଆଫଗାନିସ୍ତାନର ତାଲିବାନ ସରକାରଙ୍କ ମୁଖପାତ୍ର ଜବୀହୁଲ୍ଲା ମୁଜାହିଦ କହିଛନ୍ତି,



ଆଫଗାନିସ୍ତାନକୁ ଏହାର ସ୍ଥଳ ଓ ବାୟୁ ସୀମାକୁ ସୁରକ୍ଷିତ ରଖିବାର ସମସ୍ତ ଅଧିକାର ରହିଛ । କୌଣସି ଆକ୍ରମଣର ଜବାବ ବାକି ରଖାଯିବ ନାହିଁ । ଏହା ସହିତ ପାକିସ୍ତାନ ତା' ମାଟିରୁ ଆଇଏସ୍ଆଇଏସ୍ ସଦସ୍ୟଙ୍କୁ ହଟାଇବାକୁ ଚେତାବନୀ ଦେଇଛି ଆଫଗାନିସ୍ତାନ । ମୁଖପାତ୍ର ଜବୀହୁଲ୍ଲା ମୁଜାହିଦ କହିଛନ୍ତି, ପାକିସ୍ତାନ ମାଟିରେ ଆଇଏସ୍ଆଇଏସର ଉପସ୍ଥିତି ରହିଥିଲେ ହେଁ ସେଠାକାର ସରକାର ଆଖି ବୁଜି ଦେଇଛନ୍ତି । (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର,୧୨।୧୦,(ସବ୍ୟୁ):କଟକ ବୟାଳିଶ ମୌଜାର ଗୁରୁପ୍ରସାଦ ନାୟକ (ପିତା-ଦିଲ୍ଲୀପ ନାୟକ) କାଠଯୋଡ଼ି ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ଏସମ୍ପର୍କରେ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ କଟକ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଅସ୍ଥାୟୀ ବିଚାରପତି ନିଯୁକ୍ତି ମଞ୍ଜୁରୀ

# ୯ ମାସ ବିତିଲା, ହାଇକୋର୍ଟରୁ ମିଳିଲାନି ସୁପାରିଶ

ନୂଆଦିଲ୍ଲୀ,୧୨।୧୦: ଦେଶରେ ପଡି ରହିଥିବା ଲକ୍ଷ ଲକ୍ଷ ଫୌଜଦାରୀ ମାମଲାର ସମାଧାନ ପାଇଁ ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ସକାଶେ ଗତ ଜାନୁଆରୀ ମାସରେ ସୁପ୍ରିମକୋର୍ଟ ପଥ ପରିଷ୍କାର କରିଥିଲେ । କିନ୍ତୁ ହାଇକୋର୍ଟଗୁଡ଼ିକ ଏପର୍ଯ୍ୟନ୍ତ କୌଣସି ନାମ ସୁପାରିଶ କରିନାହାଁନ୍ତି । ପ୍ରାୟ ନଅ ମାସ ବିତିଗଲାଣି, କିନ୍ତୁ ହାଇକୋର୍ଟଗୁଡ଼ିକ ଦ୍ୱାରା ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇନାହିଁ । ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ଜଡିତ ଲୋକଙ୍କ ଅନୁଯାୟୀ, ଅକ୍ଟୋବର ୧୧ ସୁଦ୍ଧା ଦେଶର ୨୫ଟି ହାଇକୋର୍ଟ ମଧ୍ୟରୁ କୌଣସିଟି ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପାଇଁ କୌଣସି ନାମ ସୁପାରିଶ କରି ନଥିଲେ । କେନ୍ଦ୍ର ଆଇନ ମନ୍ତ୍ରଣାଳୟ ମଧ୍ୟ ଏହି ସମ୍ପର୍କରେ କୌଣସି ହାଇକୋର୍ଟ କଲେଜିୟମରୁ କୌଣସି ସୁପାରିଶ ପାଇନାହିଁ । ଜାନୁଆରୀ ୩୦ ତାରିଖରେ, ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଥିଲେ ଯେ ଦେଶରେ ୧୮ ଲକ୍ଷରୁ ଅଧିକ ଫୌଜଦାରୀ (୯ ପୃଷ୍ଠାରେ)

### ବିସ୍ଫୋରଣ ପୂର୍ବରୁ ୩ ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୧୨।୧୦: ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଂଗଲରେ ଖଞ୍ଜିଥିବା ୩ଟି ଲ୍ୟାଣ୍ଡମାଇନକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଛନ୍ତି । ଆଜି ସକାଳେ ଏସଟିଏଫ ଯବାନ ଜିଲ୍ଲାର କୋକାମେଟା ଥାନା ଅନ୍ତର୍ଗତ କୋଡଲି ଏବଂ ବିଚପାଡା ନିକଟସ୍ଥ ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲ ମଝିରେ ପ୍ରେସର କୁକରରେ ଖଞ୍ଜାଯାଇଥିବା ତିନୋଟି ଲ୍ୟାଣ୍ଡମାଇନକୁ ଉଦ୍ଧାର କରିଥିଲେ । ତୁରନ୍ତ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାଗୁଡିକକୁ ଅତି ସତର୍କତାର ସହ ନିଷ୍କ୍ରିୟ କରିଥିଲେ । ତେବେ ଏଥିରେ କୌଣସି ଯବାନଙ୍କର କିଛି କ୍ଷତି ହୋଇନାହିଁ । ନକ୍ସଲ ଯବାନଙ୍କୁ ସହଜରେ ଟାର୍ଗେଟ କରିପାରିଥାନ୍ତେ । ତେଣୁ ଯବାନଙ୍କର ଏହି ସଫଳତା ଯୋଗୁଁ ଏକ ବଡ ଧରଣର ଅଘଟଣକୁ ଏଡାଇ ଦିଆଯାଇପାରିଛି ।

## ମଞ୍ଚେଶ୍ୱର ରେଳଡବା କାରଖାନା ଖେଳପଡ଼ିଆ ହତ୍ୟାକାଣ୍ଡ

# କିଏ ସେହି ଯୁବକ, କୁଆଡେ ଗଲେ ହତ୍ୟାକାରୀ

ଭୁବନେଶ୍ୱର,୧୨।୧୦,(ସବ୍ୟୁ):ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ଖେଳ ପଡିଆ ହତ୍ୟାକାଣ୍ଡକୁ ଦୀର୍ଘଦିନ ବିତିଗଲାଣି । ହତ୍ୟାର ଶିକାର ହୋଇଥିବା ଯୁବକ କିଏ ଓ ହତ୍ୟାକାରୀ କେଉଁମାନେ ପୋଲିସ ତା'ର ସନ୍ଧାନ ପାଇନାହିଁ । ଏ ସମ୍ପର୍କରେ ଜଣାଇଲେ ୨୫ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ପୋଲିସ ଘଟଣାସ୍ଥଳ ଓ ବିଭିନ୍ନ ସ୍ଥାନରେ ପୋଷ୍ଟର ମାରି ନିରବ ହୋଇଗଲା ପରି ମନେ ହେଉଛି । ମଞ୍ଚେଶ୍ୱର ରେଳଡବା କାରଖାନା ଖେଳପଡିଆ ଶୌଚାଳୟ ପଛପଟୁ ଜଣେ ସୁସ୍ଥ ସବଳ ଯୁବକଙ୍କ ଶବ ଉଦ୍ଧାର କରି ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା । ଯୁବକଙ୍କୁ ସେହି ସ୍ଥାନରେ ହତ୍ୟାକାରୀମାନେ ହତ୍ୟା କରିଛନ୍ତି ନା ଅନ୍ୟ କେଉଁଆଡେ ହତ୍ୟା କରି ସେଠାରେ ପକାଇ ଦେଇଥିଲେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ଯୁବକଙ୍କ ବୟସ ପ୍ରାୟ ୨୫/୩୦ବର୍ଷ ହେବ । ପରିଚୟ ନମିଳିବାରୁ କେହି ଦାବିଦାର ଆସିଲେ ନାହିଁ । ଯାହା ଫଳରେ ୯୬ଘଣ୍ଟା ପରେ ପୋଲିସ ଉପସ୍ଥିତିରେ ବିଏମ୍‌ସି ପକ୍ଷରୁ ଶବକୁ ପୋତି ଦିଆଯାଇଛି । ହତ୍ୟାର ଶିକାର ହୋଇଥିବା ଯୁବକଙ୍କ ପାଖରୁ ମୂଲ୍ୟବାନ ହାତଘଣ୍ଟା, ମୂଲ୍ୟବାନ ଜୋତା ପ୍ରଭୃତି ଜବତ ହୋଇଛି । ସେ ଓଡ଼ିଆ କିମ୍ବା ଅଣଓଡ଼ିଆ ତାହା ଜଣାପଡିନାହିଁ । ସେହି ଯୁବକ ଆମ ରାଜ୍ୟର କିମ୍ବା ରାଜ୍ୟ ବାହାରର ତାହା ମଧ୍ୟ ସନ୍ଦେହରେ ରହିଛି । କେଉଁଭଳି କିପରି ଭାବେ ସେଠାରେ ଆଣି ପକାଇଲେ ତାହା ବିସ୍ମୟ ସୃଷ୍ଟି କରିଥିବା ବେଳେ ସେ ଭୁବନେଶ୍ୱରର (୯ ପୃଷ୍ଠାରେ)


Bharat Medical Hall

**Bharat Medical Hall**
Hospital Road, Baripada, Mayurbhanj

| SPECIALIST | VISITING DOCTOR | PROFESIONAL STATUS |
|---|---|---|
| DENTIST | Dr.Sujit Ranjan Sahoo<br>Dr. Sonia Aggarwal<br>Dr. A.K. Das | (Professor) PRMMCH, Baripada, (Ex- Asso, Prof.)<br>SUM Hospital, BBSR.<br>D. Artho (Khalikot), B.D.S. (Indore) |
| DIABETIC & THYROID | Dr. J.B. Kanwar | (Professor) Institute of Medical Science & SUM Hospital. MD (Medicine). DM (Endocrinology),SGPG |
| E.N.T | Dr. Rajesh Kar | Grant Medical College & Sir J.J. Group of Hospitals, Mumbai,- M.B.B.S, M.S., DNB. |
| E.N.T | Dr. Mamata Sahu | Prof.& HOD (E.N.T) - PRMMCH, Baripada |
| EYE (OPTHALMOLOGIST) | Dr. Suchitra Panigrahi | |
| GASTROENTEROLOGIST | Dr. Manjit KANUNGO | MBBS, MD (Medicine),<br>DM(Gastroenterology & Hepatology)<br>Associate Professor, Department of Gastroenterology and Hepatology<br>IMS and SUM Hospital, BBSR |
| GYNAECOLOGIST | Dr. Sudhanshu Sekhar Nath | (Asst. Professor) PRMMCH,<br>Baripada - M.S (O&G) |
| HEART (CARDIOLOGIST) | Dr. Giridhari Jena | CARE Hospital, BBSR. - M.D., D.M. (Cardio), FSCAI, FAHA. |
| KIDNEY (NEFROLOGIST) | Dr. Bibekananda Panda | CARE Hospital, BBSR.- M.D, (Ped.), DNB, Nephrology, Pediatric and Transplant Nephrology. |
| MEDICINE (Peulmonary) | Dr. Madhumita Nayak | (Asst. Professor) PRMMCH, Baripada - M.D |
| MEDICINE (General) | Dr. Thakura Soren | Asst. Professor., Dept. of Medicine P.R.M Medical College ,Baripada Ex-Resident Doctor in SCB Cuttack |
| MEDICINE (General) | Dr. Satyaranjan Panda | MBBS, DNB MEDICINE (Apollo Hospital, BBSR )<br>Medicine Specialist , PRMMCH , BARIPADA |
| NEUROLOGIST DNB. | Dr. Pradyut Ranjan Bhuyan | AMRI Hospital, BBSR.- M.B.B.S., M.D. (Medicine), DNB |
| ORTHOPAEDICS | Dr. Rashmi Ranjan Mohanty | (Associate Professor) PRMMCH, Baripada.<br>M.S. (Orthopedic) - UTKAL |
| SKIN & V.D. | Dr. Chandan Kumar Satpathy | MBBS, MD (Skin & V.D.), S.C.B. M.C.H Cuttack,<br>Consultant (Skin & V.D.) DHH,<br>Baripada, MAYURBHANJ |
| SURGEON | Dr. K.N. Bisoi | Senior Consultant Surgeon. |
| NEUROPSYCHIATRIST | Dr. U.P. Biswal | Consultant - Neuropsychiatrist. |

Bharat Medical Hall
HOME DELIVERY

**Bharat Medical Hall**
Hospital Road, Baripada, Mayurbhanj
Contact us - 8093110888 / 9437039969
For Home Delivery Call :9776001963 Pathology : 8093110888

Bharat Medical Hall

**ଭାରତ ମେଡିକାଲ ହଲ**
ହସ୍ପିଟାଲ ରୋଡ୍, ବାରିପଦା, ମୟୂରଭଞ୍ଜ

| ବିଭାଗ | ଡାକ୍ତରଙ୍କ ନାମ | ସାମ୍ପ୍ରତିକ ସ୍ଥିତି |
|---|---|---|
| ଡେଣ୍ଟିଷ୍ଟ | ଡା. ସୁଜିତ ରଞ୍ଜନ ସାହୁ<br>ଡା. ସୋନିଆ ଅଗ୍ରୱାଲ<br>ଡା. ଏ. କେ. ଦାସ୍ | ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ,<br>ପୂର୍ବରୁ- ସୋମହସ୍ପିଟାଲ, ଭୁବନେଶ୍ୱର<br>ଡ. ଆର୍ଥୋ (ଖଲିକୋଟ), ବି.ଡି.ଏସ୍. – ଇନ୍ଦୋର |
| ଡାଇବେଟୋଲୋଜିଷ୍ଟ | ଡା. ଜେ. ବି. କୋଆଁର୍ | ପ୍ରଫେସର, ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଏବଂ ସୋମ ହସ୍ପିଟାଲ, ଭୁବନେଶ୍ୱର |
| କର୍ଣ୍ଣ–ନାସା–ଗଳା (ଇ.ଏନ୍.ଟି.) | ଡା. ଚିନ୍ମୟ ସୁନ୍ଦରରାଏ<br>ଡା. ରାଜେଶ କର | ସହ–ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ<br>ଗ୍ରାଣ୍ଟମେଡିକାଲ କଲେଜ ଏବଂ ସାରଜେ. ଜେ. ହସ୍ପିଟାଲ, ମୁମ୍ବାଇ |
| ଅପଥାଲମୋଲୋଜିଷ୍ଟ (ଚକ୍ଷୁ) | ଡା. ସୁଚିତ୍ରା ପାଣିଗ୍ରାହୀ | |
| ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ | ଡା. ପ୍ରେମାନନ୍ଦ ପଟ୍ଟନାଏକ | ହାଇଟେକ୍ମେଡିକାଲକଲେଜ, ଭୁବନେଶ୍ୱର |
| ଗାଇନାକୋଲୋଜିଷ୍ଟ (ସ୍ତ୍ରୀଓପ୍ରସୂତି) | ଡା. ସୁଧାଂଶୁ ଶେଖର ନାଥ | ସହ– ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| କାଡିଓଲୋଜିଷ୍ଟ | ଡା. ଗିରିଧାରି ଜେନା | କେୟାର ହସ୍ପିଟାଲ, ଭୁବନେଶ୍ୱର |
| ନେଫ୍ରୋଲୋଜିଷ୍ଟ (କିଡନି) | ଡା. ବିବେକାନନ୍ଦ ପଣ୍ଡା | କେୟାର ହସ୍ପିଟାଲ, ଭୁବନେଶ୍ୱର |
| ମେଡିସିନ୍ସେଶାଲିଷ୍ଟ | ଡା. ମଧୁମିତା ନାୟକ | ସହ– ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| ନ୍ୟୁରୋଲୋଜିଷ୍ଟ (ସ୍ନାୟୁ) | ଡା. ପ୍ରଦ୍ୟୁତ୍ ରଞ୍ଜନ ଭୂୟାଁ | ଆମ୍ରି ହସ୍ପିଟାଲ, ଭୁବନେଶ୍ୱର |
| ଅର୍ଥୋପେଡିକ (ଅସ୍ଥିଶଲ୍ୟ) | ଡା. ରଶ୍ମୀରଞ୍ଜନ ମହାନ୍ତି | ସହ– ପ୍ରଫେସର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| ପେଡିଆଟ୍ରିକ୍ (ଶିଶୁରୋଗ) | ଡା. ପ୍ରଶାନ୍ତ କୁମାର ଦାସ | ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ |
| ସ୍କିନ୍ ସ୍ପେଶାଲିଷ୍ଟ (ଚର୍ମରୋଗ) | ଡା.ଚନ୍ଦନ କୁମାର ସତପଥୀ | ଏସି, ଏମସିଏଚ କଟକ |
| ୟୁରୋଲୋଜିଷ୍ଟ (ମୁତ୍ରାଶୟ) | ଡା. ପ୍ରଣବ ପଟ୍ଟନାୟକ | ସହ– ପ୍ରଫେସର, ସୋମ୍‌ହସ୍ପିଟାଲ, ଭୁବନେଶ୍ୱର |
| ସର୍ଜରୀ ସ୍ପେଶାଲିଷ୍ଟ (ସଲ୍ୟ) | ଡା.କାଶୀନାଥ ବିଶୋଇ | ବରିଷ୍ଠ ବିଶେଷଜ୍ଞ – ସର୍ଜରୀ |
| ସାଇକାଟ୍ରିକ୍ସ | ଡା. ୟୁ. ପି. ବିଶ୍ୱାଳ | ବରିଷ୍ଠ ବିଶେଷଜ୍ଞ – ସାଇକାଟ୍ରିକ୍ସ |

Bharat Medical Hall
HOME DELIVERY

**ଭାରତ ମେଡିକାଲ ହଲ୍**
ହସ୍ପିଟାଲ ରୋଡ୍, ବାରିପଦା, ମୟୂରଭଞ୍ଜ
ଯୋଗାଯୋଗ - ୮୦୯୩୧୧୦୨୨୨, ୯୪୩୭୦୩୯୯୬୯
ହୋମ୍ ଡେଲିଭେରୀ : ୯୭୭୬୦୦୧୯୬୩ ପାଥୋଲୋଜି : ୮୦୯୩୧୧୦୮୮୮

# ଜିରାର ଉପକାରିତା



ଭାରତୀୟ ମସଲାରେ ଭରପୂର ମାତ୍ରାରେ ପୁଷ୍ଟିସାର ରହିଛି ବୋଲି ମନେ କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି ଜିରା । ଯାହାକୁ ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପକ୍ଷେ ଅନେକ ଲାଭ ମିଳିଥାଏ । ଏକ ଗବେଷଣାରୁ ଜଣାପଡ଼ିଛି ଯେ ଜିରା ଦ୍ୱାରା ପାଚନ ପ୍ରକ୍ରିୟା ଉନ୍ନତମାନର ହୋଇଥାଏ । ଏହାସହିତ ଓଜନ ହ୍ରାସ ଏବଂ ରକ୍ତରେ ଶର୍କରାର ସ୍ତର ନିୟନ୍ତ୍ରଣାଧୀନ ରହିଥାଏ । ଘରୋଇ ଉପଚାରରେ ଜିରାକୁ ଆମେ କୋଷ୍ଟକାଠିନ୍ୟର ଚିକିତ୍ସା ରୂପେ ମଧ୍ୟ ବ୍ୟବହାର କରିପାରିବା । କାରଣ ପ୍ରତ୍ୟହ ଜିରା ଖାଇବା ଦ୍ୱାରା ଏହି ସମସ୍ୟାରୁ ଆଶ୍ୱସ୍ତି ମିଳିଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି । ଏହା ପାଚନ ଏନ୍‌ଜାଇମ୍‌ର ଗତିବିଧିକୁ ପ୍ରୋତ୍ସାହିତ କରି କୋଷ୍ଠକାଠିନ୍ୟ ସହିତ ପେଟ ସମସ୍ୟା ଓ ମେଟାବଲିଜିମ୍‌କୁ ଠିକ୍ କରିବାରେ ବିଶେଷ ସହାୟକ ହୋଇଥାଏ । ସେହିପରି ଜିରାରେ ଆଇରନ୍‌ର କିଛି ମାତ୍ରା ଥାଏ, ଯାହା ଶରୀରକୁ ଦୈନିକ ପ୍ରାୟ ୨୦ ପ୍ରତିଶତ ଆଇରନ୍ ଯୋଗାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂଚନା ମୁତାବକ, ଜିରାକୁ ରାତିରେ ପାଣିରେ ଭିଜେଇ ସକାଳେ ସେହି ପାଣିକୁ ପିଇବା ଦ୍ୱାରା ଖୁବ୍ ଲାଭ ମିଳିବ ।



# ସାପ ଶିକାର କରୁଥିବା ପକ୍ଷୀ

ଦୁନିଆରେ ଗୋଟିକରୁ ଗୋଟିଏ ଭିନ୍ନ ପକ୍ଷୀ ଅଛନ୍ତି । ମାତ୍ର ଯଦି ବିଷାକ୍ତ ସାପ ଏମାନଙ୍କ ସାମନାକୁ ଆସିଯାଆନ୍ତି ତେବେ ଏହାଠାରୁ ସମସ୍ତେ ଦୂରେଇ ରହିବା ପସନ୍ଦ କରନ୍ତି । ହେଲେ ଏମିତି ଏକ ପକ୍ଷୀ ଅଛି, ଯିଏ ଅଧିକରୁ ଅଧିକ ବିଷାକ୍ତ ସାପ ପାଇଁ ଏକପ୍ରକାରର କାଳ ପାଲଟିଥାଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କ୍ଷଣକ ମଧ୍ୟରେ ଏହି ପକ୍ଷୀ ସମସ୍ତ ସାପକୁ ମୃତ୍ୟୁମୁଖରେ ପକାଇଦିଏ । ତେଣୁ ଏହି ପକ୍ଷୀକୁ କିଲର କୁଇନ୍ ବୋଲି କୁହାଯାଏ । ସେକ୍ରେଟାରି ନାମକ ଏହି ପକ୍ଷୀର ଗୋଡ଼ ଖୁବ୍ ଲମ୍ୱା ଥିବାବେଳେ ଏହି ପକ୍ଷୀ ଅବିଶ୍ୱସନୀୟ ଭାବେ ଖୁବ୍ ଶକ୍ତିଶାଳୀ ରୂପେ ଆକ୍ରମଣ କରିଥାଏ । ମୁଖ୍ୟତଃ ଏମାନେ ସାପକୁ ଶିକାର କରିଥାଆନ୍ତି । ବିଶେଷକରି ଏମାନେ ଆଫ୍ରିକାର ଘାସ ଥିବା ଅଞ୍ଚଳରେ ଦେଖିବାକୁ ମିଳନ୍ତି । ଏହି ପକ୍ଷୀ ଗୋଡ଼ରେ ହିଁ ସାପକୁ ମକଚି ମକଚି ମାରିଦିଏ । କୁହାଯାଏ ଏହାର ଗୋଡ଼ର ଶକ୍ତି ବାଘ ପଞ୍ଝାର ଶକ୍ତି ସହିତ ପ୍ରାୟତଃ ସମାନ ହୋଇଥାଏ ।

୧୮୯୫: ଭାରତୀୟ କ୍ରିକେଟର ପ୍ରଥମ ଟେଷ୍ଟ ଅଧିନାୟକ ସି.କେ. ନାୟଡୁଙ୍କ ଜନ୍ମ ।

୧୯୭୬: ବୋଲିଭିଆରେ ବୋଇଂ ଜେଟ୍ ବିମାନ ଦୁର୍ଘଟଣାରେ ୧୦୦ ଜଣଙ୍କ ମୃତ୍ୟୁ ।

୧୯୮୭: କୋଷ୍ଟାରିକା ରାଷ୍ଟ୍ରପତି ଓସ୍କର ଆରିୟାସଙ୍କୁ ନୋବେଲ ଶାନ୍ତି ପୁରସ୍କାର ।

୧୯୮୭: ହିନ୍ଦୀ ସିନେମାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ପରଲୋକ ।

୧୯୯୪: ଭାରତୀୟ ବାଧାଦୌଡ଼ ଧାବକ ଅବିନାଶ ସାବଲେଙ୍କ ଜନ୍ମ ।

୧୯୯୯: ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେଲେ ଅଟଳ ବିହାରୀ ବାଜପେୟୀ ।

୨୦୦୦: ନୋବେଲ ଶାନ୍ତି ପୁରସ୍କାର ଜିତିଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି କିମ୍ ଦାଇ ଜୁଙ୍ଗ ।

୨୦୦୦: ସର୍ବଶ୍ରେଷ୍ଠ ଫୁଟବଲ୍ ଖେଳାଳି ଜରନେଲ ସିଂହଙ୍କ ବିୟୋଗ ।

୨୦୦୧: ନାଇଜେରିଆରେ ଆମେରିକା ବିରୋଧୀ ସାମ୍ପ୍ରଦାୟିକ ହିଂସାରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ।

୨୦୦୪: ପ୍ରତିଷ୍ଠିତ ବଲିଉଡ୍ ଅଭିନେତ୍ରୀ ନିରୁପା ରାୟଙ୍କ ନିଧନ ।

୨୦୧୩: ମଧ୍ୟପ୍ରଦେଶ ଦାତିୟା ଜିଲ୍ଲାରେଦଳାଚକଟାରେ ୧୦୯ ଜଣଙ୍କ ମୃତ୍ୟୁ ।

# ୧୭୦୦ ବର୍ଷର ଅଣ୍ଡା



ସାଧାରଣତଃ ଅଣ୍ଡାକୁ କିଛି ସପ୍ତାହ ଷ୍ଟୋର୍ କରି ରଖିଲେ ତାହା ଖରାପ ହୋଇଯାଏ । ଯାହାକୁ ଖାଇବାଯୋଗ୍ୟ ବୋଲି ଆଦୌ ମନେ କରାଯାଏ ନାହିଁ । ହେଲେ ବର୍ତ୍ତମାନ ଏମିତି ଏକ ଅଣ୍ଡାର ସନ୍ଧାନ କରାଯାଇଛି ଯାହା ପ୍ରାୟ ୧୭୦୦ ବର୍ଷର ପୁରୁଣା ବୋଲି କୁହାଯାଉଛି । କେବଳ ଏତିକି ନୁହେଁ, ଏହି ଅଣ୍ଡାର ଭିତର ଅଂଶ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ମଧ୍ୟ ଜଣାପଡ଼ିଛି । ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ । ଇଂଲଣ୍ଡର ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ଖନନ କରାଯିବା ସମୟରେ ୧୭୦୦ ବର୍ଷ ତଳର ଏହି ଅଣ୍ଡା ମିଳିଛି । ପରେ ଏହି ଅଣ୍ଡାକୁ ସ୍କାନ୍ କରାଯିବା ଦ୍ୱାରା ଅଣ୍ଡାଟି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଛି । ତେବେ ଏତେ ବର୍ଷ ଧରି ଅଣ୍ଡାଟି ସୁରକ୍ଷିତ ଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗର କର୍ମକର୍ତ୍ତାମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି । ଇଂଲଣ୍ଡର ବକିଂହାମ୍‌ଶାୟରରେ ଏଲିସବରିର ବେରିଫିଲ୍ଡରେ ମିଳିଥିବା ରୋମାନ ଯୁଗର ଏହି ଅଣ୍ଡା ମଧ୍ୟରେ ଏବେବି ତରଳ ହଳଦିଆ ଓ ଧଳା ଅଂଶ ସୁରକ୍ଷିତ ଭାବେ ରହିଛି । ପ୍ରାୟ ୪ ସେମି ଚଉଡ଼ାବିଶିଷ୍ଟ ଏହି ଅଣ୍ଡାଟି ଏକ ଜଳପୂର୍ଣ୍ଣ ଖାଲରୁ ମିଳିଛି, ଯାହାଫଳରେ ଅଣ୍ଡାଟି ଏତେ ବର୍ଷ ହେବ ସୁରକ୍ଷିତ ରହିଛି ବୋଲି କୁହାଯାଉଛି । ଡିଜିବି କନ୍‌ଜର୍‌ଭେସନ୍‌ର ପ୍ରତ୍ନତତ୍ତ୍ୱବିଦ୍ ଡେନା ଗୁଜବର୍ନ ବ୍ରାଉନ୍‌ଙ୍କ କହିବା ଅନୁସାରେ ଏହି ଅଣ୍ଡା ମଧ୍ୟରେ କିଛି ପାଣି ଫୋଟକା ଦେଖିବାକୁ ମିଳିଥିଲା, ଯାହା ଜରିଆରେ ଅଣ୍ଡା ମଧ୍ୟରେ ଥିବା ତରଳ ପଦାର୍ଥ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଥିଲା ।


# ଛତୁ ଖେଚୁଡି



**ସାମଗ୍ରୀ–** ଚାଉଳ, ଆଳୁ, ପିଆଜ, ରସୁଣ, ଟମାଟୋ, ବଟନ୍ ଛତୁ, କ୍ୟାପିସକମ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ସୋୟାବିନ୍ ବଡି, ହଳଦୀ, ସାମ୍ବର ମସଲା, ଲୁଣ, ଧନିଆ ପତ୍ର, ମୁଗ ଡାଲି, ଚିନି ।

**ପ୍ରଣାଳୀ–** ପ୍ରଥମେ ସମସ୍ତ ସାମଗ୍ରୀକୁ ଛୋଟ ଆକାରରେ କାଟି ନିଅନ୍ତୁ । ଗୋଟିଏ ଛୋଟ ହାଣ୍ଡି ବସାଇ ଏଥିରେ ତେଲ ପକାଇ ଜିରା ଫୁଟାନ୍ତୁ । ଏହାପରେ ପିଆଜ ଓ ରସୁଣ କଟା ପକାଇ ଭାଜନ୍ତୁ । ଅଳ୍ପ ସମୟରେ ପରେ ସମସ୍ତ ପରିବା , ଟମାଟୋ, ଛତୁ ଓ ସୋୟାବିନ ବଡି ପକାଇ ଭାଜନ୍ତୁ । ଏହାପରେ ଏଥିରେ ମୁଗ ଡାଲି ଓ ଚାଉଳ ଧୋଇ ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ । ପରେ ଏଥିରେ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ । ବର୍ତ୍ତମାନ ଲୁଣ ସହିତ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ଏହାପରେ ଘୋଡଣୀ ଘୋଡାଇ ବସାଇ ଦିଅନ୍ତୁ । କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଛତୁ ଖେଚୁଡି । ଶେଷରେ ଧନିଆ ପତ୍ର ପକାଇ ଦିଅନ୍ତୁ । ଏହାକୁ ବିନା ପିଆଜ ରସୁଣରେ ମଧ୍ୟ ପ୍ରସ୍ତୁତ କରିପାରିବେ ।

# ଚାହୁଁନଥିଲେ କରୀନାଙ୍କ ନାଁର ଟାଟୁ



ଅନେକ ସମୟରେ ଦେଖିବାକୁ ମିଳେ ସେଲିବ୍ରିଟିମାନେ ସେମାନଙ୍କ ପାର୍ଟନରଙ୍କ ଟାଟୁ ଶରୀରରେ ଆଙ୍କିଥାଆନ୍ତି । ତେବେ ନିକଟରେ ସୈଫ ଅଲ୍ଲି ଖାନ୍‌ଙ୍କର ଟାଟୁକୁ ନେଇ ଏକ ଷ୍ଟେଟମେଣ୍ଟ ଖୁବ ଚର୍ଚ୍ଚାରେ ରହିଛି । ସୈଫ କରିଥିବା କରୀନାଙ୍କ ନାଁର ଟାଟୁକୁ ନେଇ ଏକ ସାକ୍ଷାତକାରରେ କଥା ହୋଇଛନ୍ତି । ସେ କରୀନାଙ୍କ ନାଁ ଟାଟୁ କରିବାକୁ ଚାହୁଁ ନଥିଲେ, ଏହା ଭୁଲବଶତଃ ହୋଇଥିଲା ବୋଲି ସୈଫ ମତ ଦେଇଛନ୍ତି । ସେ ଜାଣିବା ପୂର୍ବରୁ ତାଙ୍କ କାନ୍ଧରେ କରୀନାଙ୍କର ପୂରା ନାଁକୁ ଟାଟୁ କରାଯାଇଥିଲା । ହେଲେ ସେ କିଛି ଭିନ୍ନ ଟାଟୁ କରାଇବାକୁ ଚାହୁଁଥିଲେ । ସୈଫଙ୍କର ଏହି ସାକ୍ଷାତକାର ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ଏହି ସାକ୍ଷାତକାରରେ ସୈଫ ନିଜ ପ୍ରଥମ ପତ୍ନୀଙ୍କ ସମ୍ପର୍କରେ ମଧ୍ୟ କଥା ହୋଇଛନ୍ତି । ଉଭୟଙ୍କର ବିଚ୍ଛେଦ ସରିଥିଲେ ବି ବର୍ତ୍ତମାନ ଏକ ଭଲ ସମ୍ପର୍କ ସେମାନଙ୍କ ମଧ୍ୟରେ ରହିଛି । ଉଭୟ ଉଭୟଙ୍କୁ ଖୁବ ସମ୍ମାନ ଦେଇଥାଆନ୍ତି । କରୀନା ହେଉଛନ୍ତି ସୈଫଙ୍କର ଦ୍ୱିତୀୟ ପତ୍ନୀ ।

## ହାହାଃ..ହାହାଃ..



ମନୋଜ – ବାପା, ଆପଣ ଅନ୍ଧାରକୁ ଡରନ୍ତି ?

ବାପା – ନାଁ, ଡରେ ନାହିଁ ?

ମନୋଜ – ବିଜୁଳି, ଘଡଘଡି, ବାଘ, ଭାଲୁ ?

ବାପା – ନାଁ ଡରେନି ।


ମନୋଜ – ତାହେଲେ ଆପଣ କେବଳ ବୋଉକୁ ଛାଡି ଆଉ କାହାକୁ ଡରନ୍ତି ?



# ମଦରେ ଗାଧୁଆ !

ୟୁରୋପରେ କିଛି ଦେଶରେ ଏବେ ମଦରେ ଗାଧୁଆ ଟ୍ରେଣ୍ଡ ଦେଖିବାକୁ ମିଳିଛି । ଏହାର ନାଁ ଦିଆଯାଇଛି ବିୟର ସ୍ପା । ଏହି ସ୍ପାରେ ଲୋକମାନେ ବିୟରରେ ଭରପୂର ଥିବା ବାଥଟବ୍‌ରେ ଗାଧୋଉଛନ୍ତି । ଏହାଦ୍ୱାରା ସେମାନଙ୍କର ଶରୀର ତଥା ମନ ଉଭୟ ରିଲାକ୍ସ ହେଉଥିବା ମତ ପ୍ରକାଶ ପାଇଛି । ଏହି ସ୍ପାକୁ କିଛି ବ୍ୟକ୍ତି ଥେରାପି ସହିତ ତୁଳନା କରିଛନ୍ତି । ଏହି ସ୍ପାରେ ଗରମ ପାଣିରେ ବିୟର ସହିତ ଆହୁରି ଅନ୍ୟ କିଛି ପ୍ରାକୃତିକ ସାମଗ୍ରୀ ମିଶାଯାଇଥାଏ । ଏହାପରେ ଏହି ବାଥଟବ୍‌ରେ ଗ୍ରାହକ ୨୦ରୁ ୩୦ ମିନିଟ ପର୍ଯ୍ୟନ୍ତ ବସି ଥାଆନ୍ତି । ଏହି ସ୍ପା ବହୁତ ଦିନରୁ ଏଠାରେ ଚାଲିଛି । ଏହାକୁ ବର୍ତ୍ତମାନ ବିଭିନ୍ନ ଦେଶରେ ରୟାଲ ବାଥ ଏକ୍ସପିରିଏଂସ ରୂପରେ ପରିଚାଳନା କରାଯାଉଚି ।

# ସୋସିଆଲ କୋଟ୍ସ




“ ଅମିତାଭ ବଚ୍ଚନ ସୁପରହିଟ ହେବା ପରେ ମଧ ବିନମ୍ର ରହିଛନ୍ତି । ସେଟରେ ସମସ୍ତଙ୍କ ସହିତ ଖୁବ ଭଲରେ ମିଶନ୍ତି । ପ୍ରତିସମୟରେ ସେଟ୍‌ରେ ୧୫ ମିନିଟ ଆଗୁଆ ପହଞ୍ଚନ୍ତି ।

ଜାବେଦ ଅଖତର, ଫିଲ୍ମମେକର



“ ଆଜି ପର୍ଯ୍ୟନ୍ତ ଯେତେ ବି ପୁରସ୍କାର କାର୍ତ୍ତିକ ଆରିୟନଙ୍କୁ ମିଳିଛି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହି ପୁରସ୍କାର । ଚନ୍ଦୁ ଚମ୍ପିଅନ ପାଇଁ ଏହା ମିଳିଥିବାରୁ ବହୁତ ଗର୍ବିତ ଲାଗୁଛି ।

ସୁବାସ ଘଇ, ଫିଲ୍ମମେକର



“ ସପନାଙ୍କୁ ଆଜି ଯାହା ବି ଫେମ୍ ମିଳିଛି ସେ ସବୁ ମୋପାଇଁ । ମୋ ଗୀତରେ ନାଚି ତାଙ୍କୁ ଏହି ପପୁଲାରଟି ମିଳିଛି ।

ଅଞ୍ଜଲୀ ରାଘବ, ଅଭିନେତ୍ରୀ

## ଆର୍ଯ୍ୟ ସମାଜର ୧୫୦ ତମ ପ୍ରତିଷ୍ଠା ଦିବସ ସମାରୋହ

# ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନୂତନ ଜାଗରଣ ସୃଷ୍ଟି କରିଥିଲେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଯେତେବେଳେ ଭାରତ ବିଦେଶୀ ଶାସନ ଅଧିନରେ ସଂଘର୍ଷ କରୁଥିଲା, ସେହି ସମୟରେ ୧୮୭୫ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ, ପରାଧୀନ ଭାରତ ବର୍ଷରେ ଅଜ୍ଞତାର ଅନ୍ଧକାର ଓ ଅସାମାନତା ମଧ୍ୟରେ ଆଲୋକର ସୂର୍ଯ୍ୟପରି ଉଦୟ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆର୍ଯ୍ୟ ସମାଜର ୧୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯଦି ଆମେ ଗତ ୧୫୦ ବର୍ଷକୁ ଦେଖିବା ତେବେ ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ । ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ



ନୁହେଁ, ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ ।

ସେ ପୁଣି କହିଥିଲେ, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ ଯିଏ ଅନ୍ଧ ବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାରକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିଥିଲେ । ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା । ସ୍ୱାମୀ ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଥିଲା ଆର୍ଯ୍ୟ ସମାଜ । ସେ ଆହୁରି କହିଥିଲେ, ଆଜି ଆମେ ମହିଳାଙ୍କ ବିକାଶ ପାଇଁ ମହିଳା ସଶକ୍ତିକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ତୃଣମୂଳ ସ୍ତରରେ ମହିଳାଙ୍କ ନେତୃତ୍ୱ ବିଷୟରେ ଯେଉଁ କାର୍ଯ୍ୟ କରୁଛୁ ତାହା ହେଉଛି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ମାର୍ଗ ଦର୍ଶନ ।

ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବ ସଶକ୍ତି କରଣର ପ୍ରଥମ ଚମ୍ପିଆନ ଥିଲେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ । ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ପାଇଁ ଓ ନିଜ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦିଶ ପ୍ରସାଦ ଖାଡାଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ।

# ଆରଏସ୍‌ଏସ୍ ଭୁବନେଶ୍ୱର ମହାନଗରର ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ

ଭୁବନେଶ୍ୱର,(ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଶତାବ୍ଦୀ ବର୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ସଂଘର ଭୁବନେଶ୍ୱର ମହାନଗର ତରଫରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ,ଅକ୍ଟୋବର ୧୨ ତାରିଖ, ରବିବାର,ଅପରାହ୍ନ ୪.୩୦ ସମୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପଥ ସଞ୍ଚଳନ ଏକା ସଙ୍ଗରେ ୪ଟି ସ୍ଥାନ ଯଥା ସହିଦ ନଗର ଦୁର୍ଗା ମଣ୍ଡପ, ଖାରବେଳ ନଗର, ୟୁନିଟ-୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ-୩,ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରିଥିଲା । ଘୋଷବାଦ୍ୟର ତାଳେତାଳେ ପାଦକୁ ପାଦ ମିଶାଇ ସ୍ୱୟଂସେବକମାନେ ବୀର ଦର୍ପରେ ଆଗେଇ ଚାଲିଥିଲେ ।

ପ୍ରଥମ ସଞ୍ଚଳନ ଶହୀଦ ନଗର ଦୁର୍ଗା ମଣ୍ଡପ ନିକଟରୁ ବାହାରି ସତ୍ୟନଗର ଛକ ହୋଇ ରାମ ମନ୍ଦିର ଛକ ନିକଟରେ ପହଞ୍ଚିଥଲା । ଦ୍ୱିତୀୟ ସଞ୍ଚଳନ ଖଦି ବୋର୍ଡ ସାମ୍ନାରୁ ବାହାରି ଶ୍ରିୟା ଟକିଜ୍ ଛକ,ପ୍ରେସ କଲୋନୀ ସ୍କୁଲ, ଦୃଷ୍ଟିହୀନ ଅଫିସ,ସତ୍ୟନଗର ଛକ ହୋଇ ରାମ ମନ୍ଦିର ଛକ ନିକଟରେ ପହଞ୍ଚିଥିଲା । ତୃତୀୟ ସଞ୍ଚଳନ ୟୁନିଟ୍ ୩ ନୂଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ବାହାରି କେଶରୀ ଟକିଜ୍ ପଛ ରୋଡ଼,ପ୍ରଦର୍ଶନୀ ପଡ଼ିଆ ରାସ୍ତା ଦେଇ ରାମ ମନ୍ଦିର ଛକ ନିକଟରେ ପହଞ୍ଚିଥିଲା । ସେହିପରି ଚତୁର୍ଥ ସଞ୍ଚଳନଟି ୟୁନିଟ୍ ୩ ପୁରୁଣା ସରସ୍ୱତୀ ଶିଶୁମନ୍ଦିର ନିକଟରୁ ବାହାରି ଶ୍ରିୟା ଟକିଜ୍ ଛକ ହୋଇ ରାମ ମନ୍ଦିର ଛକରେ ପହଞ୍ଚି ଥିଲା । ୪ ଟି ଯାକ ସଞ୍ଚଳନ ନିଜ ନିଜ ସ୍ଥାନରୁ ୩



ପ୍ରତତି ରେ ବାହାରି ଏକା ସମୟରେ ରାମ ମନ୍ଦିର ଛକରେ ମିଶିବା ପରେ ସେଠାରୁ ୯ ଟି ପ୍ରତତିରେ ମାଷ୍ଟର କ୍ୟାଣ୍ଟିନ୍ ଦେଇ ଲୋୟର ପିଏମଜି ଛକରେ ପହଞ୍ଚି ଥିଲେ । ସେଠାରେ ପଥ ସଞ୍ଚଳନ ସମାପ୍ତ ହୋଇଥିଲା ।

ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କୌଣସି ପଥ ସଞ୍ଚଳନ ଅନୁଷ୍ଠିତ ହୁଏ ସେତେବେଳେ ଘୋଷବାଦ୍ୟ ଏହାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ । ଏବେ ସଂଘ କାର୍ଯ୍ୟର ଶତବାର୍ଷିକୀ ବର୍ଷ । ଏହି ୧୦୦ ବର୍ଷ ମଧ୍ୟରେ ସଂଘ ଯେପରି ଧୀରେ ଧୀରେ ବିକଶିତ ହୋଇଛି, ସେହିପରି ଏହାର ଘୋଷ ମଧ୍ୟ ଧୀରେ ଧୀରେ ବିକଶିତ ହୋଇଛି । ଯେତେବେଳେ ସଂଘର ପ୍ରଥମ ପଥ ସଞ୍ଚଳନ ଡିସେମ୍ବର ୧୯୨୬ ରେ ହୋଇଥିଲା, ସେତେବେଳେ ଘୋଷରେ କେବଳ ଗୋଟିଏ ଶଙ୍ଖ ଏବଂ ଗୋଟିଏ ଆନକ ଥିଲା । ବିଗତ ଶହ ବର୍ଷ ଭିତରେ ଘୋଷର ମଧ୍ୟ ବିକଶିତ ହୋଇଛି । ସଂଘରେ ଘୋଷ କେବଳ ଏକ ବାଦ୍ୟଯନ୍ତ୍ର କିମ୍ବା ମନୋରଞ୍ଜନ ନୁହେଁ; ଏହା ଏକ ଆଧ୍ୟାତ୍ମିକ ଅଭ୍ୟାସ ଯାହା ମଣିଷକୁ ଅନୁଶାସନ, ସମନ୍ୱୟ ଏବଂ ରାଷ୍ଟ୍ରହିତ ସହିତ ଯୋଡ଼ିଥାଏ । ପଥ ସଞ୍ଚଳନରେ ଯେତେବେଳେ ସମସ୍ତେ ଏକାଠି ଚାଲନ୍ତି, କେବଳ ସେମାନଙ୍କର ପାଦ ନୁହେଁ ବରଂ ସେମାନଙ୍କ ମନ ମଧ୍ୟ ଏକ ହୋଇଯାଏ ।

## ପିଲା ଚୋରି ଘଟଣାର ନାଟକୀୟ ମୋଡ଼

# ଚୋରି କରିଥିବା ମହିଳା ଗର୍ଭବତୀ ହେବାର କରିଥିଲା ମିଛ ନାଟକ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅଧୀନ ବାରିପଦା ବଡ଼ ମେଡ଼ିକାଲରୁ ଶନିବାର ଚୋରି ହୋଇଥିବା ଶିଶୁକୁ ଚୋରି କରିଥିବା ବୈଶିଙ୍ଗା ଥାନା ଅଧୀନ ଡାହିବାଡ଼ି ଗ୍ରାମର ମହିଳା ଜଣକ ଗର୍ଭବତୀ ହେବାର ମିଛର ନାଟକ କରି ସ୍ୱାମୀକୁ ଠକି ଚାଲିଥିଲା ଏବଂ ପରିବାର ବର୍ଗଙ୍କୁ ସତରେ ପିଲା ଜନ୍ମ ଦେଇଛି ବୋଲି କହି ଡାକ୍ତରଖାନାରୁ କରିଥିଲେ ଚୋରି । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଉପକଣ୍ଠ ଡାହିବାଡ଼ି ଗ୍ରାମର ଅରୁଣ ମାଝୀଙ୍କ ସହ ପାର୍ବତୀ ହେମ୍ବ୍ରମଙ୍କ ମଧ୍ୟରେ ଫେସବୁକରୁ ପ୍ରେମ ଏବଂ ପରେ ବାହାଘର ହୋଇଥିଲା କ୍ଷ କିଛି ମାସ ପରେ ସେ ମିଛରେ ଗର୍ଭବତୀ ହୋଇଥିବା ନେଇ ସ୍ୱାମୀ ଅରୁଣଙ୍କ ପାଖରେ ପ୍ରକାଶ କରିଥିଲେ ।ସ୍ତ୍ରୀ ଗର୍ଭବତୀ ହୋଇଛି ବୋଲି ସ୍ୱାମୀ ତାର ବହୁ ସେବା ଯତ୍ନ କରିବା ସହ ସେ ବହୁତ ଖୁସିଥିଲା । ବୁଧବାର ପାର୍ବତୀ ଅସୁସ୍ଥ ହୋଇଥିବା ନେଇ ସ୍ୱାମୀ ଅରୁଣକୁ କହିଥିଲା କ୍ଷ ସଙ୍ଗେ ସଙ୍ଗେ ଅରୁଣ ଏକ ଗାଡ଼ି ଯୋଗେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ ମଧ୍ୟ ପାର୍ବତୀ ନିଜର ଗର୍ଭ ପେଟକୁ ସ୍ପର୍ଶ କରିବା ପାଇଁ ଦେଇନଥିଲେ , ଫଳରେ ଡାକ୍ତର ତାଙ୍କୁ ବାରିପଦା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ଗୁରୁବାର ସେଠାରେ ପାର୍ବତୀ ର ଚିକିତ୍ସା ଆରମ୍ଭ ହୋଇଥିବା ବେଳେ ସେ ଗର୍ଭବତୀ ହୋଇଥିବା ନେଇ ଯେଉଁ ମିଛ ନାଟକ ରଚିଥିଲା ତାହାର ପର୍ଦ୍ଦାଫାସ ହୋଇଥିଲା । ତା ପେଟରେ ଲୁଗା ଗୁଡାଇ ସେ ଗର୍ଭବତୀର ନାଟକ କରୁଥିବାର ଜାଣିବାକୁ ମିଳିଥିଲା କ୍ଷ ପରବର୍ତ୍ତୀ ସମୟରେ ତାଙ୍କୁ ନେଇ ତାର ସ୍ୱାମୀ ଘରକୁ ଫେରିଥିଲେ କ୍ଷ ଘରେ ପିଲା କୁଆଡ଼େ ଗଲା ବୋଲି ସେ ପାର୍ବତୀଙ୍କୁ ତାଙ୍କ ଶଶୁର ଘର ଲୋକ ପିଲା କେଉଁଠି ଅଛି ବୋଲି ପଚାରିଥିଲେ । ସେ ଉକ୍ତ ପିଲାକୁ ନିଜ ବାପଘରେ ରଖି ଥିବାର ପ୍ରକାଶ କରିଥିବା ନେଇ ପ୍ରକାଶ କରିଥିଲା । ଶୁକ୍ରବାର ସକାଳ ସମୟରେ ଉକ୍ତ ମହିଳା ଜଣକୁ ନିଜର ଶଶୁର ଘରୁ ବାହାରି ଆସିଥିଲେ । ଆଜି ଶନିବାର ସକାଳ ସମୟରେ ବାରିପଦା ବଡ ମେଡ଼ିକାଲରୁ ପ୍ରସୂତି ବିଭାଗରୁ ଧନାଇଁ ହାଁସଦା ଏବଂ ଫୁଲମଣି ସରେନଙ୍କ ତିନି ଦିନର ଶିଶୁକୁ ସାଙ୍ଗରେ ଆଣିବା ସହ ବୈଶିଙ୍ଗା ବଜାରସ୍ଥିତ ଏକ ମେଡ଼ିସିନ ଦୋକାନ ପାଖରୁ ଖାଦ୍ୟ ଆଣି ପାଖରେ ଥିବା ଏକ ଗୃହ ଠାରେ ବସିରହିଥିଲା । ବାରିପଦା ପୁଲିସ ତଦନ୍ତ ପୂର୍ବକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି ଅପରାହ୍ନ ସମୟରେ ବୈଶିଙ୍ଗା ସ୍ଥିତ ଉକ୍ତ ମହିଳାଙ୍କ ଡାହିବାଡ଼ି ସ୍ଥିତ ଶଶୁର ଘରକୁ ଯାଇ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ସେହି ସ୍ଥାନରୁ ଗିରଫ କରିଥିଲା ।ଏହା ସହ ସ୍ୱାମୀ ଅରୁଣ ମାଝୀ ଏବଂ ଦେଢଶୁର ଶିବ ମାଝୀଙ୍କୁ ମଧ୍ୟ ସାଙ୍ଗରେ ନେବା ସହ ଚୋରି ହୋଇଥିବା ନବଜାତ ଶିଶୁ କୁ ମଧ୍ୟ ଉଦ୍ଧାର କରିଥିଲା ପୁଲିସ । ମିଛ କହି ଏହି ଗର୍ଭବତୀ ହେବାର ନାଟକୀୟ ପରିବେଶ ସୃଷ୍ଟି କରିଥିଲା ପାର୍ବତୀ ବୋଲି ସ୍ୱାମୀ ଅରୁଣ ପ୍ରକାଶ କରିଛନ୍ତି ।

## ବାଙ୍କୀ ମହୋତ୍ସବ -୨୦୨୫ ରୌପ୍ୟ ଜୟନ୍ତୀ ଉଦଯାପିତ

ବାଙ୍କୀ , (ସବ୍ୟୁ): ୫ଦିନ ଧରି ଚାଲିଥିବା କଳା ଓ ସଂସ୍କୃତିର ମାଟି ବାଙ୍କୀ ଗଣ ପର୍ବ ବାଙ୍କୀ ମହୋତ୍ସବ ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ସଂଧ୍ୟା ରେ ଉଦଯାପିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ତଥା ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବରେ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଖ୍ୟାତ ସିନେ କଳାକାର ଡକ୍ଟର ଅନଙ୍ଗ ଦ୍ୱିବେଦୀ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସ୍ତମ୍ଭାକାର ଡ଼କଫର ସତ୍ୟ ରାୟ ଯୋଗ ଦେଇ ବାଙ୍କୀ କଳା ସାହିତ୍ୟ ସଂସ୍କୃତି ସମ୍ପର୍କ ରେ ଆଲୋକପାତ କରିଥିଲେ । ସମ୍ପାଦକ ଡ଼କଫର ଗଣେଶ୍ୱର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଗତ ଭାଷଣ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ବାଙ୍କୀ ଏନ, ଏ, ସି ର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ,ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ । ଶେଷରେ ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ଅପରାଧ : ୧୦%ରୁ କମ୍ ଦଣ୍ଡ ପଶ୍ଚିମବଙ୍ଗରେ

ଭୁବନେଶ୍ୱର, (ତଥ୍ୟ) ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରେ ଦେଶର ଯେଉଁ ୯ଟି ରାଜ୍ୟରେ ଦଣ୍ଡବିଧାନ ହାର ୧୦%ରୁ କମ୍ ରହୁଛି ସେଗୁଡିକ ଭିତରେ ପଶ୍ଚିମବଙ୍ଗ ନାଁ ରହିଛି । କେନ୍ଦ୍ର ସରକାରଙ୍କ ସଦ୍ୟ ପ୍ରକାଶିତ ଏନସିଆରବି ରିପୋର୍ଟର ତଥ୍ୟ ମୁତାବକ ଏଭଳି ସମ୍ବେଦନଶୀଳ ମାମଲାରେ ସାରା ଦେଶରେ ଦଣ୍ଡବିଧାନ ହାର ୨୧.୩% ଥିବାବେଳେ ଏହା ପଶ୍ଚିମବଙ୍ଗରେ ମାତ୍ର ୩.୭% ଏବଂ ଓଡିଶାରେ ୬.୯% ରହିଛି । ଅନ୍ୟ ଯେଉଁସବୁ ରାଜ୍ୟରେ ଦଣ୍ଡବିଧାନ ହାର ୧୦% ରୁ କମ୍ ରହିଛି ସେଥିରେ ଜାମ୍ମୁକାଶ୍ମୀରରେ ୩.୮%, କର୍ଣ୍ଣାଟକରେ ୩.୨%, ଗୁଜୁରାଟରେ ୬.୬%, ଆନ୍ଧ୍ରରେ ୫.୮%, ଆସାମରେ ୭.୪%, ମହାରାଷ୍ଟ୍ରରେ ୯.୬% ଏବଂ ଆଣ୍ଡାମାନ ନିକୋବରରେ ୭.୪% ରହିଛି । ତେବେ ନାଗାଲ୍ୟାଣ୍ଡ ଭଳି ଛୋଟିଆ ରାଜ୍ୟରେ ଏଭଳି ମାମଲାରେ ଦଣ୍ଡବିଧାନ ହାର ୮୩.୩% ଥିବାବେଳେ ଏହା ଉତ୍ତରପ୍ରଦେଶରେ ୬୪.୬%, ମିଜୋରାମରେ ୨୯.୮% ଓ ବିହାରରେ ୫୬.୩% ରେକର୍ଡ କରାଯାଇଛି ।

ସବୁଠାରୁ ଉଦବେଗଜନକ ତଥ୍ୟ ହେଉଛି ୨୦୨୩ ଶେଷସୁଦ୍ଧା ସମଗ୍ର ଦେଶରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ମାମଲାରୁ ୨୩,୦୩,୬୫୭ଟି ବିଚାରାଧିନ ଥିବାବେଳେ ଏହି ବର୍ଷରେ ମାତ୍ର ୯.୨% ମାମଲା ଫଏସଲା ହୋଇଛି। ଅନ୍ୟ ପକ୍ଷରେ ମହିଳମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରେ ସର୍ବାଧିକ ୩.୬୮ ଲକ୍ଷରୁ ଅଧିକ ପଶ୍ଚିମବଙ୍ଗରେ ବିଚାରାଧିନ ଥିବାବେଳେ ଉତ୍ତରପ୍ରଦେଶରେ ଏହା ବି ୩ଲକ୍ଷରୁ ଅଧିକ ରହିଛି । ମହାରାଷ୍ଟ୍ରରେ ଏହି କିସମର ବିଚାରାଧିନ ମାମଲା ସଂଖ୍ୟା ପ୍ରାୟ ୨.୯୪ଲକ୍ଷ ଥିବାବେଳେ ଓଡିଶାରେ ଏହାର ସଂଖ୍ୟା ୧,୭୭,୯୪୦, ମଧ୍ୟପ୍ରଦେଶରେ ୧,୨୪,୧୯୬ ଓ ବିହାରରେ ୧,୩୦,୫୪୬ ରେକର୍ଡ କରାଯାଇଛି । ଉକ୍ତ ବର୍ଷରେ ଏଭଳି କିସମ ସମ୍ବେଦନଶୀଳ ମାମଲାରୁ ପଶ୍ଚିମବଙ୍ଗରେ ମାତ୍ର ୫.୨% ଫଏସଲା ହୋଇଥିବାବେଳେ ଓଡିଶାରେ ୫.୩% ଫଏସଲା ହୋଇଛି । ସଂଖ୍ୟାଧିକ ରାଜ୍ୟରେ ୮୦%ରୁ ଅଧିକ ମାମଲା ଫଏସଲା ହୋଇନପାରି ପରବର୍ତ୍ତୀ ବର୍ଷରେ ବିଚାରପାଇଁ ଗଡୁଛି ।

ମହିଳାଙ୍କ ନିରାପତ୍ତା ପ୍ରସଙ୍ଗକୁ ନେଇ ରାଜନୈତିକ ବୟାନବାଜି ଜୋରଦାର ଚାଲୁଥିବାବେଳେ ସେମାନଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତିୟ ମାମଲାଗୁଡିକର ଦ୍ୱରିତ ଫଏସଲା ନହୋଇ ବର୍ଷ ବର୍ଷ ଧରି ଗଡି ଚାଲିବା ଫଳରେ ସାକ୍ଷ୍ୟ ପ୍ରମାଣ ନଷ୍ଟ ହେଉଥିବା ଯୋଗୁଁ ସଂଖ୍ୟାଧିକ ମାମଲାରେ ଅଭିଯୁକ୍ତ ଖଲାସ ହୋଇଯାଉଛନ୍ତି । ଯାହାର ସିଧାସଳଖ ପ୍ରତିକୂଳ ପ୍ରଭାବ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ଓ ନାରୀମାନଙ୍କ ନିରାପତ୍ତା ଉପରେ ପଡୁଛି ବୋଲି ଅଭିଜ୍ଞ ଆଇନଜୀବୀମାନେ କହୁଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଅର୍ଥ କମିଶନଙ୍କ ସୁପାରିଶ୍ ଆଧାରରେ କେନ୍ଦ୍ର ସରକାର ମାମଲା ନୀତି ପ୍ରଣୟନ କରିବାପରେ ଓଡିଶା ସରକାର ୨୦୧୧ ମସିହାରେ ରାଜ୍ୟ ମାମଲାନୀତି ପ୍ରଣୟନ କରିଥିଲେ । ଅନ୍ୟ ବହୁ ରାଜ୍ୟରେ ବି ମାମଲା ନୀତି ପ୍ରଣୟନ ହୋଇଛି । ମୁଖ୍ୟତଃ ମାମଲା ସଂଖ୍ୟା ହ୍ରାସ, ମାମଲାଗୁଡିକର ଦ୍ୱରିତ ଫଏସଲା ଏବଂ ସର୍ବୋପରି ୫ବର୍ଷର ପୁରୁଣା ମାମଲା ଯେଭଳି ନଗଡେ ତାହାକୁ ଆଖିଆଗରେ ରଖି ମାମଲା ନୀତି ପ୍ରଣୟନ କରାଯାଇଥିଲା । କିନ୍ତୁ ଏହାକୁ ଠିକଣା ଭାବେ କାର୍ଯ୍ୟକାରୀ କରାନଯିବା ସହିତ ତଦନ୍ତ ପ୍ରକ୍ରିୟାରେ ତ୍ରୁଟିବିଚ୍ୟୁତି, ମାମଲା ପରିଚାଳନାରେ ସମନ୍ୱୟର ଅଭାବ ଏବଂ ସର୍ବୋପରି ବର୍ଷ ବର୍ଷ ଧରି ଏଭଳି ସମ୍ବେଦନଶୀଳ ମାମଲା ଗଡୁଛି । ଅନ୍ୟ ପକ୍ଷରେ ପୁଣି କେଉଁଠି ମହିଳାଙ୍କ ପ୍ରତି ସାଂଘାତିକ ଅପରାଧମାନ ଘଟିଲେ ତାହା ରାଜନୈତିକ ବୟାନବାଜି ଭିତରେ କିଛିଦିନ ପାଇଁ ଗଣମାଧ୍ୟମର ପୃଷ୍ଠାମଣ୍ଡନ କରି ପୁଣି ମିଳେଇ ଯାଉଛି ।

## ଭଟିମୁଣ୍ଡାରେ ଗଜଲକ୍ଷ୍ମୀ ପୂଜା, ୫୦ବର୍ଷ ପୂର୍ତ୍ତି ପଥେ...

କଟକ, (ସ୍ୱ.ପ୍ର) : କଟକ ଜିଲା ଟାଙ୍ଗି-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘଣ୍ଟୁଆ ସେବାୟତ ଗ୍ରାମ ଭାବରେ ପରିଚିତ । ଅନ୍ୟପକ୍ଷରେ ଭଟିମୁଣ୍ଡା କଂସାପିତ୍ତଳ ବାସନକୁସନ ହସ୍ତଶିଳ୍ପ, କାରିଗରୀ ପାଇଁ ସାରା ଓଡିଶାରେ ବିଖ୍ୟାତ । ବିଭିନ୍ନ କୌଳିକ ବୃତ୍ତିକୁ ନେଇ ପରିବାର ପ୍ରତିପୋଷଣ କରୁଥିଲେ ବି ଗ୍ରାମବାସୀଙ୍କ ଭିତରେ ଧର୍ମଧାରଣା ଓ ଈଶ୍ୱରାଧନାର ପ୍ରବୃତ୍ତି ଅଧିକ ବୋଲି ସମୟକ୍ରମେ ଏଠାରେ ଗଢି ଉଠିଥିବା ମଠ ମନ୍ଦିର, ଦେବଦେବୀଙ୍କପୀଠ, ବିଜେସ୍ଥଳୀ ତାର ପରିଚୟ ଦିଏ । ପ୍ରାୟତଃ ବର୍ଷ ତମାମ୍ ନାନାଦି ପୂଜା, ପାର୍ବଣ, ଉତ୍ସବାନୁଷ୍ଠାନରେ ଚଳଚଞ୍ଚଳ ଥାଏ ଗ୍ରାମ୍ୟ ପରିବେଶ । ଏଠାରେ ପୂଜିତ ବିଭିନ୍ନ ଦେବଦେବୀଙ୍କ ମଧ୍ୟରେ ଗ୍ରାମର ମଧ୍ୟଭାଗରେ ପୂଜା ପାଆନ୍ତି ନଳେଇ ଭଅଁରା ଠାକୁରାଣୀ । ପୀଠ ପ୍ରାଙ୍ଗଣରେ ରହିଛି ମା' ଲକ୍ଷ୍ମୀଙ୍କ ମଣ୍ଡପ । ପ୍ରତିବର୍ଷ ଶାରଦୀୟ ପାର୍ବଣ ଋତୁରେ ମା'ଙ୍କର ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତୀ ନିର୍ମିତ ହୋଇ ୫ ଦିନ ଧରି ପୂଜା ପାଇଥାନ୍ତି । ଏଥିପାଇଁ ରହିଛି ସ୍ୱତନ୍ତ୍ର ପୂଜା ମଣ୍ଡପ । ବିଧି ଅନୁଯାୟୀ କୁମାର ଉତ୍ସବ ଦିନରୁ ମା'ଙ୍କର ପାର୍ବଣ ପୂଜା ଆରମ୍ଭ ହୁଏ । ନୀତିନିଷ୍ଠାରେ ପୂଜା ଚାଲେ । ମା'ଙ୍କର ସ୍ୱତନ୍ତ୍ର ନୀତିକାନ୍ତି ସହ ହୋମ, ପୂଜା, ଲକ୍ଷ୍ମୀ ପୁରାଣ ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କୁ ମଣ୍ଡପରେ ଦର୍ଶନ ସହ ଭୋଗ ନୈବେଦ୍ୟ ଅର୍ପଣ କରି ପରିବାରର ଶ୍ରୀବୃଦ୍ଧି କାମନା କରିଥାନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କହନ୍ତି ଏଠାରେ ଗଜଲକ୍ଷ୍ମୀଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା ପାଖାପାଖି ୧୦୦ ବର୍ଷ ତଳୁ । ବିଭିନ୍ନ କାରଣରୁ ମଝିରେ ପୂଜାରେ ଅନିୟମିତତା ଦେଖାଦେଇଥିଲା । ଆର୍ଥିକ ସମସ୍ୟା ଓ ସହଯୋଗର ଅଭାବ ଯୋଗୁ ମା'ଙ୍କ ପୂଜା ସାମୟିକ ବ୍ୟାହତ ହୋଇଥିଲା । ତେବେ ସମ୍ମିଳିତ ସହଯୋଗରେ ନିରବଚ୍ଛିନ୍ନ ଭାବରେ ପ୍ରତିବର୍ଷ ମା'ଙ୍କର ମୃଣ୍ମୟ ପ୍ରତିମା ପୂଜା ହୋଇ ଆସୁଛି ସତୁରୀ ଦଶକରୁ । ଆସନ୍ତା ବର୍ଷ ମା'ଙ୍କ ପାର୍ବଣ ପୂଜାର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କପାଳିତ ହେବ । ଏସଂପର୍କରେ ପୂଜା କମିଟୀର ସଭାପତି ପର୍ଶୁରାମ ମଙ୍ଗରାଜ କହନ୍ତି, ମା' ଲକ୍ଷ୍ମୀଙ୍କ କୃପାରୁ ବିଗତ ୪୯ବର୍ଷ ହେବ ପାର୍ବଣ ପୂଜା ବେଶ ଉତ୍ସାହଉଦ୍ଦୀପନାର ସହ ସାହି ବାସିନ୍ଦାଙ୍କ ସହଯୋଗରେ ପାଳିତ ହୋଇଆସୁଛି । ସବୁବର୍ଷ ମା'ଙ୍କର କମନୀୟ ମୂର୍ତ୍ତି ନିର୍ମାଣ ସହିତ ଆଡମ୍ବରପୂର୍ଣ୍ଣ ଭସାଣି ଶୋଭାଯାତ୍ରା ଆୟୋଜନକୁ ପ୍ରାଧାନ୍ୟ ଦିଆଯାଇଛି । ଯୁବଗୋଷ୍ଠୀ ଅଧିକ ସଂଖ୍ୟାରେ ସାମିଲ ହୋଇଛନ୍ତି । ଅନେକ ବର୍ଷ ପୂର୍ବେ ମା' ପାଇଁ ଚାନ୍ଦି ମୁକୁଟ ନିର୍ମାଣ ହୋଇଥିଲା । ପ୍ରାୟ ଦେଢ କିଲୋ ରୂପା ଲାଗିଥିଲା ସେତେବେଳେ । ଖର୍ଚ୍ଚ ହୋଇଥିଲ।। ପ୍ରାୟ ୧୮ ହଜାର ଟଙ୍କା । ଆଗାମୀ ଦିନରେ ମା'ଙ୍କର ସୁନା ମୁକୁଟ ସାଙ୍ଗକୁ ଚାନ୍ଦି ମେଢ ନିର୍ମାଣ ଲକ୍ଷ୍ୟ ରହିଛି । ତେବେ ମା' ଚାହିଁଲେ ଏହା ସମ୍ଭବ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କର ପୂଜା ବେଶ ଧୁମ୍‌ଧାମରେ ଅନୁଷ୍ଠିତ ହେଉଛି । ସଂଧ୍ୟାରେ ମର୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି ।

## ବିଦାୟ ନେଲେ ମା ଲକ୍ଷ୍ମୀ, ହାତଗଣତି ମେଢ଼କୁ ନେଇ ସମୂହ ଭଷାଣି

# ମୁଣ୍ଡ ନୁଆଁଇଲା ପ୍ରଶାସନ, ବାଜିଲା ଡିଜେ

ଖୋର୍ଦ୍ଧା, (ସବ୍ୟୁ): ଧନ, ସୁଖ ସମୃଦ୍ଧିର ଦେବୀ ମା'ଲକ୍ଷ୍ମୀଙ୍କର ଜନ୍ମତିଥି କୁହାଯାଉଥିବା କୁମାରପୂର୍ଣ୍ଣିମା ଠରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜା ଅବ୍ୟବସ୍ଥା ଭିତରେ ଶେଷ ହୋଇଛି । ସ୍ଥାନିୟ ଅଂଚଳର ଗଣ ପର୍ବର ମାନ୍ୟତା ପାଇଥିବା ମା ଲକ୍ଷ୍ମୀଙ୍କର ବିଦାୟ କାଳିନ ମିଳିତ ଭଷାଣି ଶୋଭାଯାତ୍ରା ରବିବାର ସନ୍ଧ୍ୟାରୁ ଅନୁଷ୍ଠିତ ହୋଇଯାଇଛି । ସହରର ୩୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଅସ୍ଥାୟୀ ପୂଜା ମଣ୍ଡପରେ ମା ଲକ୍ଷ୍ମୀଙ୍କର ମୃର୍ଣ୍ମୟୀ ପ୍ରତିମା ୭ଦିନ ଧରି ସୁସଜ୍ଜିତ ବେଶରେ ଏବଂ ଦୈନିକ ରିତି ନିତି ଅନୁଯାୟୀ ପୂଜା ସମାପନ ହୋଇଛି । ଏଥିଲାଗି ୭ଦିନ ଧରି ସମଗ୍ର ସହର ଉତ୍ସବ ମୁଖରିତ ହୋଇ ଉଠିଥିଲା । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସୁଉଚ୍ଚ ତୋରଣ ସୁସଜ୍ଜିତ ଆଲୋକ ମାଳାରେ ସହର ଝଲସି ଉଠିଥିଲା । ୭ଦିନ ଧରି ସ୍ଥାନୀୟ ବାସିନ୍ଦା ଏବଂ ଆଖପାଖ ଗ୍ରାମାଂଚଳର ଲୋକ ମାନେ ବେଶ ଉପଭୋଗ କରିଛନ୍ତି । ରବିବାର ସନ୍ଧ୍ୟାରେ ମାଙ୍କ ମିଳିତ ଭଷାଣି ଲାଗି ପୌରପ୍ରଶାସନ ପ୍ରସ୍ତୁତି କରିଥିଲା । ଚଳିତ ବର୍ଷ ଭଷାଣି ଆରମ୍ଭ ରୁ ବିଶୃଙ୍ଖଳା ଦେଖାଯାଇଛି । ବହୁ ଆଡମ୍ବରେ ଲଘୁକ୍ରିୟା ଭଳି ଚଳିତବର୍ଷ ନେତୃତ୍ୱ ବିହୀନ ଭଷାଣି ଉତ୍ସବ ହୋଇଥିବା ଦେଖାଯାଇଛି । ପୂର୍ବରୁ ବ୍ୟବସାୟୀ ମହାସଂଘ ଓ ଜିଲ୍ଲାପ୍ରଶାସନ ମିଳିତ ଆନୁକୁଲ୍ୟରେ ଭଷାଣୀ ହେଉଥିବାବେଳେ ଚଳିତ ବର୍ଷ କିନ୍ତୁ ବ୍ୟବସାୟୀଙ୍କୁ ଅଣଦେଖା କରି ପୌରପରିଷଦ ଏହାକୁ କରିଛି । ଯାହା ଭଷାଣି ପରମ୍ପରାକୁ ଭଙ୍ଗ କରିଛି ବୋଲି ଚର୍ଚ୍ଚା ହେଉଛି ।

ସହରର ବିଭିନ୍ନ ବ୍ୟବସାୟୀ ସଙ୍ଘ ପକ୍ଷରୁ ପୂଜାମଣ୍ଡପରେ ପୂଜା ପାଉଥିବା ୩୦ରୁ ଉଦ୍ଧ୍ୱର୍ ମା ଗଜଲକ୍ଷ୍ମୀ ମେଢଙ୍କର ମିଳିତ ଭଷାଣୀ ରେ ସାମିଲ ହେବା ପରିବର୍ତେ ପ୍ରାୟ



୧୦ମଣ୍ଡପ ର କର୍ମକର୍ତା ଭଷାଣୀ ଯାତ୍ରା ରେ ଡିଜେ ନ ବଜାଇବାକୁ ପ୍ରଶାସନର ପୂର୍ବ ନିଷ୍ପତିକୁ ବିରୋଧ କରି ଅସନ୍ତୁଷ୍ଟ ହୋଇ ଭଷାଣିରେ ସାମିଲ ନହୋଇ ଦିନବେଲୁ ମେଢ ବିସର୍ଜନ କରିଛନ୍ତି । ବିନା ଡିଜେରେ ଭଷାଣୀକୁ ବିରୋଧ କରି ବିଭିନ୍ନ ପୂଜା କମିଟି ନିର୍ଦ୍ଧାରିତ ରାସ୍ତାରେ ନ ଯାଇ ବିଜେବି ହାଇସ୍କୁଲ ପଡିଆରୁ ବାହାରି ଇଗଲକ୍ଲବ୍ ଦେଇ ଚଣ୍ଡୀରୁଆ ହୋଇ ବିସର୍ଜନ ପାଇଁ ଯାଇଥିଲେ । ଅନ୍ୟ କମିଟି ସଦସ୍ୟମାନେ ବିଜେବି ହାଇସ୍କୁଲ ପଡିଆ ଠାରେ ଡିଜେ ବାଦ୍ୟ ବଜାଇବା ଦାବିରେ ପ୍ରତିବାଦ କରିଥିଲେ । ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର ପଣ୍ଡା, ତହସିଲଦାର ବିଭାସ ପାଣିଗ୍ରାହୀ, ପୌରନିର୍ବାହୀ ଅଧିକାରୀ, ଅତିରିକ୍ତ ଏସପି ପ୍ରମୁଖ ପ୍ରଶାସନିକ ଅଧିକାରୀ ପହଁଚି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପ୍ରାଶାସନିକ ଅଧିକାରୀ ଦୀର୍ଘ ଅଧଘଂଟା ପରିଶ୍ରମ କରି ପୂଜା କମିଟିର ଅବୁଝା ସଦସ୍ୟମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ । ନିୟମ ଅନୁଯାୟୀ ଭସାଣୀ କରିବାକୁ ରାଜି ହେଲେ ପୂଜାକମିଟି । ପ୍ରାୟ ୭ଟା ୧୫ ବେଳକୁ ଆରମ୍ଭ ହେଲା ଭସାଣୀ ଯାତ୍ରା । ପୂର୍ବରୁ ଇଗଲ କ୍ଲବ ଦେଇ ଯାଇଥିବା ଦୁଇ କମିଟିକୁ ମଧ୍ୟ ଭଷାଣଇରେ ସାମିଲ କରାଯାଇଥିଲା । କିନ୍ତୁ ଭସାଣୀରେ ଅନେକ ପୂଜା କମିଟି ସାମିଲ୍ ହୋଇନଥିବା ଦେଖିବାକୁ ମିଳିଛି । ଶେଷରେ ନିୟମ ଅନୁଯାୟୀ ପୂଜାକମିଟି ପକ୍ଷରୁ ମେଢ କୁ ସହର ମଧ୍ୟ ଦେଇ ନିଆଯାଇଥିଲା । ଏହି ଭଷାଣୀ ଶୋଭାଯାତ୍ରରେ ବିଭିନ୍ନ ପ୍ରକାର ପାରମ୍ପାରିକ ବାଦ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଡିଜେ ବାଦ୍ୟ ଯନ୍ତ୍ରରେ ସହର ଦୁଲୁକୁଥିଲା । ଏହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା । ଏହାକୁ ଦେଖିବାକୁ ସହରର ମୁଖ୍ୟରାସ୍ତା କଡରେ ହଜାର ହଜାର ଦର୍ଶକଙ୍କର ସମାଗମ ହୋଇଥିଲା ।

ସହର ମଧ୍ୟ ସ୍ଥଳ ସମବାୟ ବ୍ୟାଙ୍କ ଛକ ଠାରେ ନିର୍ମିତ ପେଣ୍ଡାଲରେ ଶାନ୍ତି ଶୃଙ୍ଖଳା, ଉତମ ମେଢ, ସାଜସଜା ଲାଗି ତିନିଗୋଟି ଶ୍ରେଷ୍ଠ ବିବେଚିତ ମେଢ ଚୟନ କରିବା ଲାଗି ବିଚାରକ ମଣ୍ଡଳୀ ଉପସ୍ଥିତ ଥିଲେ । ମେଢ ଗୁଡିକ ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବରେ ମିଳିତ ଭଷାଣୀ ଶୋଭାଯାତ୍ରା ବାହାରିଥିଲେ । ମେଢ ଗୁଡିକ ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକ, ନୂଆବସଷ୍ଟାଣ୍ଡ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଟି.ଏଲ.ଏସି ରୋଡରେ ନିର୍ମୀତ ହୋଇଥିବା ଅସ୍ଥାୟୀ ପୁଷ୍କରିଣୀ ଖଣି ପୋଖରୀ ଠାରେ ବିସର୍ଜିତ ହୋଇଥିଲେ । ସେହିପରି ଜିଲ୍ଲା ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଥିଲେ ମଧ୍ୟ ବହୁ ଆଡମ୍ବରେ ଲଘୁକ୍ରିୟା ସଦୃଶ ହୋଇଛି । ଭଷାଣ ଉତ୍ସବବେଳେ ସହର ରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି । ଟ୍ରାଫିକ ନିୟନ୍ତ୍ରଣରେ ଅବ୍ୟବସ୍ଥା ପୁଲିସ ର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି ।

## ଗାଡ଼ି ସାଇଡ୍‌କୁ ନେଇ ଗଣ୍ଡଗୋଳ

ଶରଣକୁଳ, (ସବୁ୍ୟ) : ଭୁବନେଶ୍ୱରର ଏନଏଫଏସ୍ସ ଟ୍ରେନିଂ ସ୍କୁଲର ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏକ ବସ ଓ କାର ଯୋଗେ ଶିମିଳି ଝରଣା ବୁଲିବାକୁ ଆସିଥିଲେ । ଝରଣା ବୁଲିସାରି ଶରଣକୁଳ ଥାନା ଗୋ ଦେଇ ଯାଉଥିବା ବେଳେ ବଜାର ଉପରେ ଆଉ ଏକ କାରକୁ ସାଇଟ ଦେବାକୁ ଯାଇ ଉଭୟ ଗା ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା । ଏନଏଫଏସ୍ସର ପିଲାମାନେ ସାମ୍ନାରୁ ଆସୁଥିବା ଗାଡ଼ି ସାଇଡ୍ ଦେବାକୁ ମନା କରିବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା । ବଚସା ସମୟରେ ଏହି ବ୍ୟକ୍ତିମାନେ ଗାଡ଼ି ଓହ୍ଲାଇ ଅନ୍ୟ ଗାଡ଼ି ଚାଳକଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ । ବଜାରର ଅନ୍ୟ ଦୋକାନୀମାନେ ପହଞ୍ଚି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେମାନଙ୍କୁ ଗାଳିଗୁଲଜ କରିଥିଲେ । ଖବରପାଇ ଗୋ ଫାଣ୍ଡି ପୁଲିସ ପହଞ୍ଚି ଉଭୟଙ୍କୁ ଫାଣ୍ଡିକୁ ନେଇଥିଲେ । ଫାଣ୍ଡି ମଧ୍ୟରେ ମଧ୍ୟ ଏହି ପିଲାମାନେ ଗଣ୍ଡଗୋଳିଆ ପରିସ୍ଥିତି ପରେ ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶ ପହଞ୍ଚି ମାମଲାର ଆପୋଷ ସମାଧାନ କରିବା ପରେ ନିଜେ ନିଜର ଭୁଲ ବୁଝି ଯାଇଥିଲେ । ଏବଂ ଉଭୟ ଥାନାରେ ଲିଖିତ ଭାବେ ଗଣ୍ଡଗୋଳ କରିବେ ନାହିଁ ବୋଲି ଚୁକ୍ତି କରିବା ପରେ ପୁଲିସ ସେମାନଙ୍କୁ ଛାଡ଼ିଥିଲା ।



ବିଶିଷ୍ଟ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ରାଜୁ କେୟାଲ ୭୯ ବୟସରେ ପଦାର୍ପଣ କରିବାରୁ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

## ୭ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ, ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଲୋକଙ୍କ ଠାରୁ ଦୁଇ ପର୍ଯ୍ୟାୟରେ ୭ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ଉଧାର ନେଇ ୧୫ଦିନରେ ଦେବା ପରିବର୍ତ୍ତେ ଦୁଇ ବର୍ଷ ବିତିଗଲା । ମଗାଜଚା ପରେ ସେ ଏକ ଚେକ୍ ଦେଇଥିଲା । ଯାହା ବ୍ୟାଙ୍କରେ ବାଉନ୍ସ ହେଲା ।ର ଟଙ୍କା ଦେଇଥିବା ଅଭିଯୋଗକାରିଣୀ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅନୁସନ୍ଧାନ କରି ଜାଣିବାକୁ ପାଇଥିଲା ଯେ, ଟଙ୍କା ଦେଇଥିବା ମହିହା ସୁବାସନଗରର ସୁବ୍ରତଙ୍କ ଠାରୁ ୫ଲକ୍ଷ ଟଙ୍କା ଆଣି ପ୍ରଥମେ ଅଭିଯୁକ୍ତ ରାଜେଶ ମଲ୍ଲିକକୁ ଦେଇଥିଲେ । ପରେ ମା'ଙ୍କଠାରୁ ୨ଲକ୍ଷ ୬୫ ହଜାର ଟଙ୍କା ଆଣି ରାଜେଶକୁ ଦେଇଥିଲେ ମଧ ସେ ଟଙ୍କା ଦେଲାନାହିଁ । ୧୫ଦିନ ପୂରିଯିବା ପରେ ଅଭିଯୋଗକାରିଣୀ ତାଙ୍କୁ ବାରମ୍ବାର ଟଙ୍କା ମାଗିବାରୁ ସେ ଚେକ୍ ଦେଇଥିଲା । ଟଙ୍କା ନଥିବାରୁ ବ୍ୟାଙ୍କରେ ଚେକ୍ ବାଉନ୍ସ ହେବାରୁ ମହିଳା ରାଜେଶକୁ ପଚାରିଥିଲେ । ରାଜେଶ ତାଙ୍କୁ ଟଙ୍କା ଦେବା ପରିବର୍ତ୍ତେ ଧମକଚମକ ଦେଇଥିଲା । ସେ ଉପାୟଶୂନ୍ୟ ହୋଇ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ରାଜେଶ ମଲ୍ଲିକକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ରାଜେଶ ଘର ନିଆଳି ଅଞ୍ଚଳରେ ହୋଇଥିବା ବେଳେ ସେ ଖଣ୍ଡଗିରି ପର୍ଶୁରାମ ମନ୍ଦିର ପାଖରେ ରୁହେ ବୋଲି ପୋଲିସ କହିଛି ।

## ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସିଂହଦ୍ୱାର ଥାନା ପକ୍ଷରୁ ଭକ୍ତଙ୍କୁ ଦହି ସର୍ବତ

ପୁରୀ, (ସବ୍ୟୁ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀମନ୍ଦିର ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଆସୁଛନ୍ତି । ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ସେବା ସୁବ୍ୟବସ୍ଥା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ବିଭିନ୍ନ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି । ଏହି ପରିପ୍ରେକ୍ଷିରେ, ଏସ୍ପି ପ୍ରତୀକ ସିଂ ଙ୍କ ନିର୍ଦ୍ଦେଶ କ୍ରମେ ସିଂହଦ୍ୱାର ଥାନା ପକ୍ଷରୁ ରବିବାର ଦିନ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସି ଥିବା ଭକ୍ତମାନଙ୍କୁ ଦହି ପାଣି ସର୍ବତ ପ୍ରଦାନ କରାଯାଇଛି । ଏହା ଦ୍ୱାରା ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଛିଡା ହୋଇ ଥିବା ଭକ୍ତମାନେ ସାମୟିକ ତୃପ୍ତି ଓ ସତେଜତା ଅନୁଭବ କରି ପାରିଛନ୍ତି । ପୁରୀ ପୋଲିସ ପକ୍ଷରୁ ଏହି ପ୍ରୟାସ ଭକ୍ତ ସେବା ଓ ମାନବିକ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦେଇ ସାଧାରଣ ଲୋକଙ୍କ ସହିତ ନିକଟ ସମ୍ପର୍କ ସ୍ଥାପନ କରିବାର ଏକ ଉଦ୍ୟମ । ପୁରୀ ପୋଲିସ ନିରନ୍ତର ଭାବରେ 'ସେବା, ଶାନ୍ତି ଓ ଶୃଙ୍ଖଳା' ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି ଏସପି ପ୍ରତୀକ ସିଂ ।



## ଗୋଆ ପର୍ପଲ ଫେଷ୍ଟିଭାଲରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ୍ ପ୍ରଶଂସିତ

ଭୁବନେଶ୍ୱର, (ସବ୍ୟୁ): ଗୋଆ ସରକାରଙ୍କ ସହଯୋଗରେ ଦିବ୍ୟାଙ୍ଗ ପ୍ରସଙ୍ଗ ଉପରେ ଇଣ୍ଟରନ୍ୟାସନାଲ ପର୍ପଲ- ୱି କେୟାର ଫିଲ୍ମ ଫେଷ୍ଟିଭାଲ'ରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲର ସେନ୍ ଗ୍ଲୋବ୍‌ର କାର୍ଯ୍ୟ ବେଶ ପ୍ରଶଂସିତ ହୋଇଛି । କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ର ନ୍ୟୁରୋଡାଇଭର୍ଜେଣ୍ଟ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ଏବଂ ଅନ୍ତର୍ଭୁକ୍ତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ଅଭିଯାନ ଉପରେ ଆଲୋକପାତ କରାଯାଇଥିଲା । ଏହା ସହିତ ଚଳଚ୍ଚିତ୍ର 'ସିତାରେ ଜମିନ୍ ପର'ର କଳାକାରଙ୍କ ମାଆମାନଙ୍କ ସଂଘର୍ଷର କାହାଣୀ ଦର୍ଶକଙ୍କ ହୃଦୟକୁ ଗଭୀର ଭାବରେ ଛୁଇଁଥିଲା । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସେନ୍ ଗ୍ଲୋବ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁ କାର୍ଯ୍ୟ କରିଆସୁଛି, ତାହା ଅନ୍ତର୍ଭୁକ୍ତି ଦାନର



କାର୍ଯ୍ୟ ନୁହେଁ ବରଂ ଏକ ମିଳିତ ଦାୟିତ୍ୱ । ଗୋଆ ପର୍ପଲ ଫେଷ୍ଟିଭାଲ ଏହି ବାର୍ତ୍ତାକୁ ପୁନରାବୃତ୍ତି କରିଥିଲା । ୱି କେୟାର ଫିଲ୍ମ ଫେଷ୍ଟିଭାଲ ପ୍ରତିଷ୍ଠାତା ନିର୍ଦ୍ଦେଶକ ସତୀଶ କପୁରଙ୍କୁ ଏଭଳି ପ୍ରଭାବଶାଳୀ ପ୍ଲାଟଫର୍ମ ସୃଷ୍ଟି କରିବାରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ପ୍ରଶଂସା କରାଯାଇଥିଲା । ଏଭଳି ପ୍ଲାଟଫର୍ମ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଭୁକ୍ତି, ସଚେତନତା ଏବଂ ମର୍ଯ୍ୟାଦାକୁ ପ୍ରୋତ୍ସାହିତ କରିଥାଏ ।

ଏହି ଅବସରରେ ବିବିଧତା ଏବଂ ଅନ୍ତର୍ଭୁକ୍ତିକୁ ପାଳନ କରିଥିବାରୁ ମହୋତ୍ସବର ପ୍ରତିବଦ୍ଧତାର ଅଂଶ ଭାବରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ ମୋନାଲିସା ବଳ 'ସିତାରେ ଜମିନ୍ ପର୍' ନ୍ୟୁରୋଡାଇଭର୍ଜେଣ୍ଟ ଷ୍ଟାର କାଷ୍ଟଙ୍କୁ ସମ୍ମାନିତ କରିଥିଲେ । ଏହି ଉତ୍ସବରେ ଭାରତରେ ଜାତିସଂଘର ଆବାସିକ ସଂଯୋଜକ ଡ ଶୋମ୍ବି ଶାର୍ପ; ଭାରତ ଏବଂ ଭୁଟାନ ପାଇଁ ଜାତିସଂଘ ସୂଚନା କେନ୍ଦ୍ରର ନିର୍ଦ୍ଦେଶକ ଡାରିନ୍ ଫାରାଣ୍ଟ ଏବଂ ଗୋଆ ସରକାରଙ୍କ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ମନ୍ତ୍ରୀ ସୁଭାଷ ଫାଲ ଦେସାଇଙ୍କ ସମେତ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । କିଟ ଏବଂ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ୍ ଏବେ ବିଭିନ୍ନ ପ୍ଲାଟଫର୍ମରେ ପ୍ରଶଂସିତ ହେଉଛି ।

## ପରୋପକାରୀ ଶୁକଲତା ମହାନ୍ତିଙ୍କ ପରଲୋକ

ଅସ୍ତରଙ୍ଗ, (ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ପାଟଳଦା ଗ୍ରାମର ପରୋପକାରୀ, ସ୍ନେହମୟୀ ମହିଳା ଶୁକଲତା ମହାନ୍ତି (୭୯) ଙ୍କର ପରଲୋକ ଘଟିଛି । ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ପୁତ୍ର ଦରିଦ୍ର ମୁଖାଗ୍ନି ଦେଇଥିଲେ । ଏହି ଅବସରରେ ଆସନ୍ତା ୧୪ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ପାଟଳଦା ବାସ ଭବନ ଠାରେ ଏକାଦଶାହ କାର୍ଯ୍ୟକ୍ରମ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ ।

## ପୁଅ ସାଜିଲା ସୈତାନ, ମା କୁ ଭୁସିଲା ଛୁରି


ବେତନଟୀ, (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଡାକ୍ତରଖାନାରେ କାର୍ଯ୍ୟରତ ଆଶାକର୍ମୀ କାମ ସାରି ରବିବାର ଅପରାହ୍ନରେ ଘରକୁ ଫେରିବାପରେ ନିଶାଗ୍ରସ୍ତ ପୁଅ ଦୌଡି ଆସି ପେଟରେ ଧାରୁଆ ଛୁରୀ ଭୁସି ଦେବାରୁ ଆଶାକର୍ମୀ ଜଣକ ଗୁରୁତର ଆହତ ହୋଇଛନ୍ତି । ପ୍ରାପ୍ତ ସୂଚନା ମୁତାବକ ରବିବାର ପୋଲିଓ ଦିବସ ଥିବାରୁ ଦିନ ତମାମ ବେତନଟୀ ଡାକ୍ତରଖାନାରେ ପୋଲିଓ ବୁନ୍ଦା ଖାଇବାପରେ ଆଶାକର୍ମୀ ସୁଶୀଳା ବାରିକ ଅପରାହ୍ନରେ ଘରକୁ ଫେରିଥିଲେ । ଘରେ ସ୍କୁଟି ରଖି ଗାଡିରୁ ବ୍ୟାଗ ନେଉଥିବା ସମୟରେ ହଠାତ୍ ସୁଶୀଳାଙ୍କ



ସାନପୁଅ ମୁନା ବାରିକ ଦୌଡିଆସି ଏକ ଧାରୁଆ ଛୁରୀରେ ଅତର୍କିତ ଆକ୍ରମଣ କରିଥିଲା । ପେଟରେ ଛୁରୀ ଭୁସୀ ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ କୈଣସି ପ୍ରକାରରେ ସୁଶୀଳାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସୁଶୀଳା ବର୍ତ୍ତମାନ ବେତନଟୀ ଡାକ୍ତରଖାନାରେ ଚିକିତ୍ସିତ ଥିବା ବେଳେ ଖବର ପାଇ ବେତନଟୀ ପୁଲିସ ସୁଶୀଳାଙ୍କ ଘର ଏବଂ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରି ଫେରିଛି । ଏନେଇ ସୁଶୀଳା ବାରିକଙ୍କ ଏତଲାକ୍ରମେ ବେତନଟୀ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

## ଶ୍ରୀଜଗନ୍ନାଥ ଚେତନା ହିଁ ପ୍ରବାସରେ ଓଡ଼ିଆ ଭାଷା ସଂସ୍କୃତି ସୁରକ୍ଷାର କବଚ

ନୂଆଦିଲ୍ଲୀ (ସବ୍ୟୁ): ଶ୍ରୀଜଗନ୍ନାଥ ଚେତନା ହିଁ ବିଶ୍ୱରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ନିଜର ଭାଷା ଏବଂ ସଂସ୍କୃତିର ସୁରକ୍ଷା ସକାଶେ କବଚ ସଦୃଶ୍ୟ ଏବଂ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନେ ଓଡ଼ିଆ ଅସ୍ମିତା ପ୍ରତି ଅଧିକ ସଜାଗ ଥିବା ଉପରେ ଏଠାରେ ଆୟୋଜିତ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଆନେକ୍ସି ସଭାଗାରରେ ଅଗ୍ରଣୀ ସାହିତ୍ୟ ଏବଂ ସାମାଜିକ ସଂଗଠନ ପଲ୍ଲୀବାଣୀ ମିଶନ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବାସରେ ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ଶୀର୍ଷକ ଅଧିବେଶନରେ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରାଯାଇଥିଲା । ବକ୍ତା ଭାବରେ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ତଥା ଐତିହ୍ୟ ବିଶାରଦ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ ଯେ ଶ୍ରୀଜଗନ୍ନାଥ ଚେତନା ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ସର୍ବଦା ଉଜ୍ଜିବିତ କରି ରଖିଛି ଏବଂ ରଖୁଥିବ । କବି ତଥା ଭାରତର ପୂର୍ବତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ କହିଥିଲେ ଯେ ପ୍ରବାସରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସରକାର ମଧ ପ୍ରଚେଷ୍ଟା କରିବା ଉଚିତ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ରହିବା ଆବଶ୍ୟକ, । ସେହିପରି ଆୟକର ବିଭାଗର ପୂର୍ବତନ ତଦନ୍ତ ଏବଂ ଅପରାଧିକ ଗୁଇନ୍ଦାର ପ୍ରଧାନ ମହାନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲ କୁମାର ପୃଷ୍ଟି କହିଥିଲେ ଯେ ଆମେ ଯଦି ନିଜ ସ୍ତରରେ ନିଜକୁ ଓଡ଼ିଆ ଭାବରେ ଗର୍ବ ଅନୁଭବ ନକରିବା ତେବେ ଭାଷାର ସୁରକ୍ଷା କିପରି ହେବ । ନିପାର ସଚିବ ତଥା ରେଜିଷ୍ଟ୍ରାର ଡକ୍ଟର ସୂର୍ଯ୍ୟନାରାୟଣ ମିଶ୍ର ଏହି ଅଧିବେଶନରେ ଯୋଗଦେଇ ଓଡ଼ିଆ ଭାଷା ଏବଂ ସଂସ୍କୃତିର ସୁରକ୍ଷା ଦିଗରେ ବିଭିନ୍ନ ଧ୍ୟାନଆକର୍ଷଣକାରୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅଧିବେଶନରେ ପୌରୋହିତ୍ୟ କରିଥିଲେ ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ । ଦ୍ୱିତୀୟ ଅବେଶନରେ କବିତା ପାଠ କରିଥିଲେ ଦିଲ୍ଲୀ ତଥା ଏହାର ଆଖପାଖରେ ରହୁଥିବା ଓଡ଼ିଆ କବିମାନେ । ସ୍ୱରଚିତ କବିତା ପାଠ କରିଥିଲେ ସଂଘମିତ୍ରା ରଥ, ଅନନ୍ତ ଓଝା, ଅବନୀକାନ୍ତ ସାହୁ, ମନୋଜ ମିଶ୍ର, ନବଜ୍ୟୋତି ଦାସ, ଏବଂ ଶୁଭମ ଶାଶ୍ୱତ ପୃଷ୍ଟି । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସମାଗମ ଆଲୋଚନାକୁ ଭାବଗମ୍ଭୀର କରିଥିଲା ।




## ମୁକ୍ତ ମଂଚ ନାଟକ ପ୍ରତିଯୋଗିତା, ମା' ଗୌରୀ କ୍ଲବ ବାଙ୍କୁଆଳ ଚାମ୍ପିଅନ

ନିମାପଡା, (ସବ୍ୟୁ) : ନିମାପଡା ଗଡଅିଂ,ଆ ସ୍ଥିତ ଗଜଲକ୍ଷ୍ମୀଙ୍କ ମଣ୍ଡପରେ ଲକ୍ଷ୍ମୀଙ୍କ ପୂଜା ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗାରଙ୍ଗ ଆଲୋକମାଳାରେ ମା'ଙ୍କ ପୂଜା ମଣ୍ଡପ ଝଲସୀ ଉଠିଥିଲା। ଏହି ଅବସରରେ ୫ଦିନ ବ୍ୟାପି ମୁକ୍ତ ମଂଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ସାଂସଦ ଡଃ. ବିଭୂ ପ୍ରସାଦ ତରାଇ, ସମ୍ମାନୀତ ଅତିଥିଭାବେ ବରିଷ୍ଠ ସଂଗୀତକାର ନବୀନ କିଶୋର ପଟ୍ଟନାୟକ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଗଡଅିଂ,ଆ ଗ୍ରାମ ମଙ୍ଗଳ ସମିତି ସଭାପତି କୀରଣ ପଟ୍ଟନାୟକ, ସଂପାଦକ ପୁନେନ୍ଦୁ ଜେନା, ଅରବିନ୍ଦ କ୍ଲବର ସଭାପତି ନିର୍ମଳ ପରିଜା, ସଂପାଦକ ସୌମ୍ୟ ରଂଜନ ଦାସ, ପୂଜା କମିଟୀର ସଂପାଦକ ବିଚିତ୍ରା ନନ୍ଦ ପାତ୍ର, ନାଟକ ପ୍ରତିଯୋଗିତାର ବିଚାରକ ହେମନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ଗଡଅିଂ,ଆ ଗ୍ରାମ ମଙ୍ଗଳ ସମିତି ଓ ଅରବିନ୍ଦ କ୍ଲବକୁ ଅତିଥିମାନେ ବେଶ ପ୍ରଶଂସା କରିଥିଲେ। ମା' ଗୌରୀ କ୍ଲବ ବାଙ୍କୁଆଳ ଭୁବନେଶ୍ୱର ପକ୍ଷରୁ ମଂଚସ୍ଥ ନାଟକ "କାନ୍ଦନା ଲୁହ ସରିଯିବ' ଚଳିତ ବର୍ଷ ଚମ୍ପିଆନ ହୋଇ ବାଜି ମାରିନେଇଥିବା ବେଳେ ଭୁବନେଶ୍ୱର ସାମନ୍ତରାପୁର ଆମ ନାଟକ ଅନୁଷ୍ଠାନ ପକ୍ଷରୁ ମଂଚସ୍ଥ ନାଟକ "ମୁଁ ଅନାଥ ତୁ ଜଗନ୍ନାଥ" ରନର୍ସ ଅପ୍ ହୋଇଛି। ମା' ଗୌରୀ କ୍ଲବକୁ ଚମ୍ପିଆନ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ଏବଂ ଆମ ନାଟକ ଅନୁଷ୍ଠାନକୁ ରନର୍ସ ଅପ୍ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପୁରସ୍କାର ରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

### କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସରରେ

## ଓଡ଼ିଶା ଓ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ କାର୍ଯ୍ୟକ୍ରମ

ପୁରୀ: (ସବ୍ୟୁ): ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ତାହାର ସ୍ଥାପନା ସମୟରୁ ଚରିତ୍ର ଗଠନ ଏବଂ ବ୍ୟକ୍ତିତ୍ୱ ବିକାଶ ନେଇ କାର୍ଯ୍ୟ କରୁଛି । ଏହି ବିଷୟରେ ଏକାଧାରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଓ ଉଚ୍ଚ ଶିକ୍ଷା ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରି ସମଗ୍ର ଦେଶରେ ୫ ଶହରୁ ଅଧିକ କାର୍ଯ୍ୟଶାଳା ଆୟୋଜନ କରିଛି । ଏହି ବିଷୟରେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ଦେଶର ଅନେକ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍ଥାନ ସହିତ ଏମଓୟୁ (ଏମ ଓ ୟୁ) ମଧ କରିଛି । ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ତାହାର ଆରମ୍ଭ ସମୟରୁ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧାର କରି, ବର୍ତ୍ତମାନ ଓ ଭବିଷ୍ୟତର ଆଧୁନିକ ଆବଶ୍ୟକତାଙ୍କ ସହ ମିଶାଇ, ଦେଶର ଶିକ୍ଷାକୁ ଏକ ନୂଆ ପରିକଳ୍ପନା ଦେଇ ଭାରତୀୟ ଶିକ୍ଷାର ପୁନରୁତ୍ଥାନ ପାଇଁ ପ୍ରୟାସ ଚାଲାଇ ଆସୁଛି । ଭାରତରେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଜୀବିକା ଉପାର୍ଜନ ନୁହେଁ, ବରଂ ମଣିଷକୁ 'ସମ୍ପୂର୍ଣ୍ଣ ମଣିଷ' ଭାବେ ଗଢ଼ି ତୋଳିବା ଥିଲା । ଆମେ ଏହି ଦିଗକୁ ଶିକ୍ଷାକୁ ନେବାକୁ ଚାହିଁବା । ନ୍ୟାସର ମତ ହେଉଛି ଯେ, ଶିକ୍ଷାର ପ୍ରତ୍ୟେକ ସ୍ତରରେ ଭାରତୀୟ ସଂସ୍କୃତି, ପରମ୍ପରା, ସଂବିଧାନିକ ଏବଂ ନୈତିକ ମୂଲ୍ୟବୋଧକୁ ସମ୍ମିଳିତ କରି ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ସୁନିଶ୍ଚିତ କରାଯିବ । ବର୍ତ୍ତମାନ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ୧୧ଟି ବିଷୟ, ୩ଟି ଆୟାମ, ୩ଟି କାର୍ଯ୍ୟ ବିଭାଗ ଓ ୨ଟି ଅଭିଯାନ ଉପରେ କାର୍ଯ୍ୟ କରୁଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀ ଓଡ଼ିଶା ଓ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ, ନୂଆଦିଲ୍ଲୀର ସଂଯୁକ୍ତ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତ୍ରି-ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଅକ୍ଟୋବର ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ଶ୍ରୀ ସଦାଶିବ ପରିସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ସଂରକ୍ଷଣରେ ଓ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଚଳିତ ଅଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ, ସୁରଜ ସୂର୍ଯ୍ୟବଂଶୀ ଏବଂ ବିଶିଷ୍ଟ ଅତିଥି ଭାବେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ତଥା ଶିଳ୍ପ ମନ୍ତ୍ରୀ, ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ବ୍ୟତୀତ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ, ନୂଆଦିଲ୍ଲୀର ସଚିବ ଡକ୍ଟର ଅତୁଲ କୋଠାରୀ, ଏବଂ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ମହାସଚିବ ଡକ୍ଟର ପଙ୍କଜ ମିତ୍ତଲ ଉପସ୍ଥିତ ରହିଥିବା ବେଳେ ସୋମବାର ୧୩ ଅକ୍ଟୋବର , ଦିବା ୧୧.୩୦ ଘଟିକା) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।




## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଫୋଭାଲି ଥାନା ଅଞ୍ଚଳରେ ବିଦ୍ୟୁତ ଆଘାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ପୋଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଗ୍ରାମଡିହ ଗ୍ରାମର ଟୁଲୁ ମହାରଣା ସାଇ ହଷ୍ଟେଲକୁ କାମ କରିବାକୁ ଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜଖବର କରି ପାଇନଥିଲେ । ପରେ ଜାଣିବାକୁ ପାଇଥିଲେ ଯେ, ହଷ୍ଟେଲ ତାଜା ପାଖରେ ୧୧ କେଭି ତାର ଯାଇଥିବାରୁ ସେଠାରେ ଟୁଲୁକୁ ବିଦ୍ୟୁତ୍ ଆଘାତ ଲାଗିଥିଲା । ଆଘାତ ଲାଗିବା ପରେ ସେଠାରେ ସେ ପଡିଥିବା ଘର ଲୋକେ ଦେଖି ପୋଲିସକୁ ଖବର କରିଥିଲେ । ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଶବକୁ ନେଇ ବ୍ୟବଚ୍ଛେଦ କରାଇଥିଲା । ପୋଲିସ କହିବାନୁଯାୟୀ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଘଟଣା ଘଟିଛି ।

## ଭୁବନେଶ୍ୱରରେ ଏକ୍ସଟ୍ରା ଇଂଟେଲିଜେନ୍ସ ପକ୍ଷରୁ ଏକ୍ସଟ୍ରାମାର୍କସ

ଭୁବନେଶ୍ୱର (ସବ୍ୟୁ) ଭାରତର ଅନ୍ୟତମ ଅଗ୍ରଣୀ ଏଡ୍-ଟେକ୍ କମ୍ପାନୀ, ଏକ୍ସଟ୍ରାମାର୍କସ ଏଜୁକେଶନ ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ୍ସଟ୍ରା ଇଂଟେଲିଜେନ୍ସର ଶୁଭାରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକମାନଙ୍କୁ ସଶକ୍ତ କରିବା, ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରିବା ଏବଂ ଶ୍ରେଣୀଗୃହକୁ ବୁଦ୍ଧିମାନ, ସହଯୋଗୀ ଶିକ୍ଷଣୀୟ ପରିବେଶରେ ପରିଣତ କରିବା ପାଇଁ ଡିଜାଇନ କରାଯାଇଛି । ଏକ୍ସଟ୍ରା ଇଂଟେଲିଜେନ୍ସ ସହିତ ଏକ୍ସଟ୍ରାମାର୍କସ ହେଉଛି ପାଠ ଯୋଜନା ଓ ଶ୍ରେଣୀଗୃହ ଶିକ୍ଷାଦାନଠାରୁ ଆରମ୍ଭ କରି ମୂଲ୍ୟାଙ୍କନ ଓ ସ୍କୁଲ ପରବର୍ତ୍ତୀ ଶିକ୍ଷା ପର୍ଯ୍ୟନ୍ତ ସ୍କୁଲ ଇକୋସିଷ୍ଟମରେ ସାର୍ଥକ ଭାବେ ଏଆଇକୁ ସମନ୍ୱିତ କରିଥିବା ପ୍ରଥମ ଶିକ୍ଷା କମ୍ପାନୀ ଅଟେ ।

## ଆଳୁ ମିଶନର ୧୦ବର୍ଷ ପୂର୍ତ୍ତି

ଭୁବନେଶ୍ୱର, (ତଥ୍ୟ) ରାଜ୍ୟରେ ଆଳୁ ମିଶନକୁ ୧୦ବର୍ଷ ପୂରିଛି । ହେଲେ ରାଜ୍ୟରେ ଆଳୁ ଉତ୍ପାଦନ କିନ୍ତୁ ୫ଲକ୍ଷ ମେଟ୍ରିକ ଟନ୍‌କୁ ଟପିପାରି ନାହିଁ । ରାଜ୍ୟର ଆଳୁ ଚାହିଦା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାବେଳେ ଚାହିଦା ପୂରଣ ପାଇଁ ଓଡିଶା ଆଳୁ ପାଇଁ ଅନ୍ୟ ରାଜ୍ୟ ବିଶେଷକରି ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ । ତିରୋଟ ସମୟରେ ଉତ୍ତରପ୍ରଦେଶରୁ ମଧ ଆଳୁ ଆଣିବାକୁ ପଡିଥାଏ । ଏ ବାବଦରେ ଓଡିଶାରୁ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟକୁ ଚାଲିଯାଉଛି । ଆଳୁ ଯୋଗାଣ ନେଇ ପଶ୍ଚିମବଙ୍ଗ ବାରମ୍ବାର ଓଡିଶାକୁ ନାଲିଆଖି ଦେଖାଇବା ସହିତ ଆଳୁ ନପଠାଇବାର ମଧ ନଜିର ରହିଛି ।

ତେବେ ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡିଶାକୁ ଆତ୍ମନିର୍ଭର କରିବାପାଇଁ ୨୦୧୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଆଳୁ ମିଶନ । ଏହି ମିଶନ ଜରିଆରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲା । ବିଶେଷକରି ଯେଉଁ ଚାଷୀମାନେ ଆଳୁଚାଷ କରିବେ ସେମାନଙ୍କୁ ହେକ୍ଟରପ୍ରତି ୪୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିଲା । ଲକ୍ଷ୍ୟଥିଲା ୨୦୨୪ ସୁଦ୍ଧା ରାଜ୍ୟରେ ୧୫ହଜାର ହେକ୍ଟେରରୁ ଅଧିକ ଜମିରେ ଆଳୁଚାଷ କରି ଓଡିଶାର ଆବଶ୍ୟକତା ପୂରଣ କରିବା । ହେଲେ ମିଶନ କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ଆଳୁ ଉତ୍ପାଦନ ୨.୧ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ବି ରାଜ୍ୟରେ ଆଳୁ ଉତ୍ପାଦନ ୫ଲକ୍ଷ ମେଟ୍ରିକ ଟନ୍‌କୁ ଟପିପାରି ନାହିଁ । ୨୦୨୪-୨୫ ବର୍ଷରେ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ୍ ୪,୮୮,୫୫୦ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଥିବା ଜଣାଯାଇଛି ।

ରାଜ୍ୟରେ ଏବେ ବର୍ଷକୁ ୧୪ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ଥିବାବେଳେ ଉତ୍ପାଦିତ ଆଳୁ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି । ତଥାପି ଅମଳ ସମୟରେ ଏହି ଆଳୁକୁ ସାଇତିବା ପାଇଁ ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ତାହାକୁ ଅଳ୍ପ ଦରରେ ବ୍ୟବସାୟୀଙ୍କ ହାତରେ ଟେକି ଦେଉଛନ୍ତି । ବ୍ୟବସାୟୀମାନେ ଏହି ଆଳୁକୁ ନେଇ ପଡୋଶୀ ରାଜ୍ୟର ଶୀତଳଭଣ୍ଡାରରେ ରଖି ପରବର୍ତ୍ତୀ ସମୟରେ ଓଡିଶାକୁ ଅଧିକ ଦରରେ ବିକ୍ରି କରୁଛନ୍ତି । ସରକାରୀ ହିସାବରେ ଏବେ ରାଜ୍ୟରେ ୩୫ଟି ଶୀଳତଭଣ୍ଡାର ରହିଛି ଯାହାର କ୍ଷମତା ୧,୭୨,୮୮୦ ମେଟ୍ରିକ ଟନ୍ । ଫଳରେ ରାଜ୍ୟରେ ଉତ୍ପାଦିତ ହେଉଥିବା ପାଖାପାଖି ୫ଲକ୍ଷ ଟନ୍ ଆଳୁ ରଖିବାପାଇଁ ବି ଆମ ନିକଟରେ ଶୀତଳଭଣ୍ଡାର ନାହିଁ । ଯଦିଓ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବିଗତ ସରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ କିନ୍ତୁ ଉଦ୍ୟୋଗୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କଲେନାହିଁ । ଚଢା ଦରର ବିଦ୍ୟୁତ୍ ଦେୟ ଏ କ୍ଷେତ୍ରରେ ବଡ ବାଧକ ସାଜିଲା । ବର୍ତ୍ତମାନ ରାଜ୍ୟ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ସହିତ ପ୍ରତି ବ୍ଲକରେ ଅତନ୍ତଃପକ୍ଷେ ଗୋଟିଏ ଶୀତଳଭଣ୍ଡାର ପ୍ରତିଷ୍ଠାର ଲକ୍ଷ୍ୟ ରଖିଛନ୍ତି । ଏହା ହୋଇଗଲେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇବା ନେଇ ଆଶା କରାଯାଉଛି ।

# ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ କାଯ୍ୟକ୍ରମ ବାରିପଦା ସ୍ଥିତ ଷ୍ଟାଡିଅମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଲିଙ୍ଗଗତ ବୈଷମତାକୁ ଦୂର କରିବା ଓ ମହିଳା ତଥା କନ୍ୟା ସନ୍ତାନ ମାନେ କିପରି ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରି ପାରିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଅଛି।

ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୧୧ତାରିଖରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ୨୬ଟି ବ୍ଲକ ରୁ ୧୨୦ଜଣ ବାଳିକା ଯୋଗ ଦେଇଥିଲେ। ବାଳିକାମାନଙ୍କ ଦ୍ୱାରା ଗୀତ, ନାଚ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି ଅବସରରେ ମୟୂରଭଞ୍ଜର ଗର୍ବ ରଗବିଫୁଟବଲ ଖେଳାଳୀ ପାର୍ବତୀ ହାଁସଦାଙ୍କୁ ସମ୍ମାନିତ କରାଯାଇଥିଲା । ଗଳ୍ପ କାନ୍ଥ ମାଧ୍ୟମରେ ବାଳିକାମାନେ ନିଜ ନିଜର ସଫଳ କାହାଣୀ ଓ ନିଜ ଜୀବନର ଲକ୍ଷ୍ୟ ଓ ଚିତ୍ର ମାଧ୍ୟମରେ ବାଳିକା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ତଥା କାଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓ ମାନେ ଯୋଗଦେଇଥିଲେ । ମହିଳା ସଶକ୍ତିକରଣ କେନ୍ଦ୍ରର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅନଲାଇନ ଟ୍ରେଡିଂ ଆଳରେ ନେଇଗଲେ ୩୮ ଲକ୍ଷ

ବ୍ରହ୍ମପୁର,(ସବ୍ୟୁ) : ଗଞ୍ଜାମ ଜିଲାରେ ସାଇବର ଅପରାଧ ବଢ଼ିବାରେ ଲାଗିଛି । ବେଲଗୁଣ୍ଠା ଅଞ୍ଚଳର ଜଣେ ଯୁବକଙ୍କ ପାଇଁ ଅନଲାଇନ ଟ୍ରେଡିଂ ମହଙ୍ଗା ପଡିଛି । ସାଇବର ଠକମାନେ ତାଙ୍କ ଠାରୁ ୩୮ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଘଟଣାକୁ ନେଇ ବ୍ରହ୍ମପୁର ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଛି । ବେଲଗୁଣ୍ଠା ଅଞ୍ଚଳର ଏହି ଅଭିଯୋଗକାରୀ ଯୁବକ ଜଣଙ୍କ ଆଇଟି ଇଞ୍ଜିନିୟର ହୋଇଥିବାରୁ ନିଜ ଘରେ ରହି ଓ୍ୱାର୍କ ଫ୍ରମ ହୋମ କରୁଛନ୍ତି ।

ଗତମାସ ୨୦ ତାରିଖରେ ତାଙ୍କ ଓ୍ୱାଟସଆପକୁ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା । ଅନଲାଇନ ଟ୍ରେଡିଂ କରି ମୋଟା ଅଙ୍କର ଲାଭ ମିଳିବ ବୋଲି କୁହାଯାଇଥିଲା । ମୋଟା ଅଙ୍କର ଲାଭ ପାଇବା ଆଶାରେ ଯୁବକ ଜଣଙ୍କ ମେସେଜ ସହ ଆସିଥିବା ଏକ ଟେଲିଗ୍ରାମ ଚ୍ୟାନେଲ ଲିଙ୍କକୁ କ୍ଲିକ କରି ଉକ୍ତ ଅନଲାଇନ ଟ୍ରେଡିଂ ବିଷୟରେ ଯାଞ୍ଚ କରିଥିଲେ । ଇଞ୍ଜିନିୟର ଜଣଙ୍କ ଟ୍ରେଡିଂ ପାଇଁ ନିଜ ସମ୍ମତି ଜଣାଇବା ପରେ ତାଙ୍କୁ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ଦିଆଯାଇଥିଲା । ସେହି ଚ୍ୟାନେଲର ଆଡମିନ ଅନଲାଇନ ଟ୍ରେଡିଂ ବିଷୟରେ ଭିନ୍ନ ଭିନ୍ନ କୌଶଳ ଶିକ୍ଷା ଦେବା ସହ କେଉଁଥିରେ ଇନଭେଷ୍ଟ କଲେ ଅଧିକ ଲାଭ ମିଳିବ ତାହା ବୁଝାଇଥିଲେ ।ସେମାନଙ୍କ କଥାରେ ପଡି ଯୁବକ ଜଣଙ୍କ ପର୍ଯ୍ୟାୟକ୍ରମେ ୩୮ ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ । ହେଲେ ଆଜକୁ କିଛି ଦିନ ତଳେ ସେ ଇନଭେଷ୍ଟ ଟଙ୍କାରୁ କିଛି ଉଠାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଟଙ୍କା ଉଠାଇବା ତାଙ୍କ ପକ୍ଷେ ସମ୍ଭବ ହୋଇନଥିଲା ।

ଏ ବିଷୟରେ ସେ କମ୍ପାନୀର ପ୍ରତିନିଧିଙ୍କୁ ଜଣାଇଥିଲେ । ହେଲେ ତାଙ୍କୁ କୌଣସି ସଠିକ ଉତ୍ତର ମିଳିନଥିଲା । ବିଭିନ୍ନ ଦିଗରୁ କମ୍ପାନୀ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଯୁବକ ଜଣଙ୍କ ବିଫଳ ହୋଇଥିଲେ । ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

# ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ବୁଗୁଡା , (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ଦାଶ ଯୋଗ ଦେଇ ଉପସ୍ଥିତ ମାତୃମଣ୍ଡଳୀକୁ ମାର୍ଗ ଦର୍ଶନ କରିଥିଲା ବେଳେ ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁ ମାତୃକର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏ ଅବସରରେ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ଶିଶୁଙ୍କ ନିମନ୍ତେ ଉଦ୍ଦିଷ୍ଟ ୧୨ଟି ଶୈକ୍ଷିକ ବ୍ୟବସ୍ଥା ମଧ୍ୟରୁ ବନ୍ଦନା, ଶାରୀରିକ, ଭାଷାଜ୍ଞାନ, ହସ୍ତକର୍ମ, ବିଜ୍ଞାନ, ଅଙ୍କଜ୍ଞାନ ଓ ରଙ୍ଗମଞ୍ଚ ଆଦି ବିଷୟରେ ଆୟୋଜିତ କର୍ମଶାଳା ମାଧ୍ୟମରେ ମାଆମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏଥି ସହ ବିଭିନ୍ନ ବିଷୟ ଭିତ୍ତିକ କ୍ରିୟାକଳାପର ଶୈକ୍ଷିକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମକୁ ଗୁରୁମା ସୁଜାତା ମହାପାତ୍ର, ଅର୍ଚ୍ଚନାମୟୀ ପାତ୍ର, ରଶ୍ମିତା କୁମାରୀ , ପାପା ବିଷୋୟୀ ଓ ରାକ୍ଷୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲା ବେଳେ ଅନ୍ୟ ସେବାବ୍ରତୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଗୁରୁମା ହରପ୍ରିୟା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଗୁରୁଜୀ ଲଡ୍ଡୁ କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାରୁଆ ଅସ୍ତ୍ର ସହ ଯୁବକ ଗିରଫ

ଭଞ୍ଜନଗର , (ସବ୍ୟୁ): ତାରାସିଙ୍ଗି ଥାନା ଅନ୍ତର୍ଗତ ତିନିଛକିଆରୁ ମାଙ୍କଡକୁମ୍ପା ରାସ୍ତାରେ ଯାଉଥିବା ବେଳେ, ଗରଡପଥର ଗ୍ରାମର ଉପେନ୍ଦ୍ର ପ୍ରଧାନ ନାମକ ଜଣେ ଯୁବକ ଲୁଟର ଶିକାର ହୋଇଥିଲେ । ଏନେଇ ତାରାସିଙ୍ଗି ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ଘଟଣା ଦିନ, ସେହି ରାସ୍ତାରେ ନମ୍ବର ପ୍ଲେଟ ନଥିବା ଏକ ବାଇକରେ ଆସି ଜଣେ ଯୁବକ ତାଙ୍କୁ ଅଟକାଇଥିଲା । ଧମକ ଚମକ ଦେଇ ମାରିବା ଉଦ୍ଦେଶ୍ୟରେ ଏକ ଛୁରୀ ବାହାର କରିଥିଲା । ଫଳରେ ଭୟଭିତ ଅବସ୍ଥାରେ ଥିବା ଉପେନ୍ଦ୍ରଙ୍କ ଠାରୁ ଉକ୍ତ ଅପରାଧୀ ୪ହଜାର ଟଙ୍କା ଜୋର ଜବରଦସ୍ତ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା ।

ସେହି ସମୟରେ ରାସ୍ତାରେ ଯାଉଥିବା ୨ଜଣ ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ସେହି ବ୍ୟକ୍ତି ଜଣକ ଜଗନ୍ନାଥ ପ୍ରସାଦ ଥାନା ଅଧିନ ଝାଡ଼ ଭୂମି ଗ୍ରାମର ତୁଳସୀ ନନ୍ଦ (୩୧) ବୋଲି କହିଥିଲେ । ପୋଲିସ ତଦନ୍ତ କରି ଅଭିଯୁକ୍ତ ତୁଳସୀ ନନ୍ଦକୁ ଗିରଫ କରି ତା ନିକଟରୁ ଗୋଟିଏ ଛୁରୀ, ଗୋଟିଏ ହିରୋ ଗ୍ଲାମର ବାଇକ ଏବଂ ନଗଦ ୪ହଜାର ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି ।ଏସଂକ୍ରାନ୍ତରେ ତାରାସିଂ ଥାନା ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ତୁଳସୀ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ତାରାସିଙ୍ଗି ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି ।

# ମେଡିକାଲ ଛକରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




ବାରିପଦା, (ସବ୍ୟୁ) : ବାରିପଦା ପୌରପରିଷଦ ପକ୍ଷରୁ ମେଡିକାଲ ଛକ ଠାରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପାନୀୟ ଜଳ ପ୍ରକଳ୍ପ ଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମଧ୍ୟ ଉପସ୍ଥିତ ଥିଲେ ।

୨୦୧୯ - ୨୦ ଆର୍ଥିକ ବର୍ଷରେ ରାଜ୍ୟସଭା ସାଂସଦ ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିଲେ ତତ୍କାଳୀନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍ । ଏହି ପ୍ରକଳ୍ପକୁ ପୌରପରିଷଦ ଦ୍ୱାରା ପରିଚାଳନା କରାଯିବ ବୋଲି ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି । ଏଭଳି ପ୍ରକଳ୍ପ ଯୋଗୁଁ ବାରିପଦା ସହରର ବହୁ ଲୋକେ ଉପକୃତ ହୋଇ ପାରୁଛନ୍ତି ।

ଏହି ପାନୀୟ ଜଳ ପ୍ରକଳ୍ପ ଯୋଗୁଁ ମେଡିକାଲକୁ ଆସୁଥିବା ଲୋକଙ୍କ ସହ ସ୍ଥାନୀୟ ଲୋକ ଓ ପଥଚାରୀ ମାନେ ଉପକୃତ ହୋଇ ପାରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ଦ୍ୱିବେଦୀ, କାଶୀନାଥ ରଣା, ସୁଜିତ୍ ମହାନ୍ତି, ମୋହନା ବେହେରା, ସଞ୍ଜୀବ ରାଉତ, ପ୍ରଶନ୍ନ ମହାପାତ୍ର, ଶିବୁ ରଣା, ସତ୍ୟବାନ୍ ପାତ୍ର, ସମୀର ଦେ, ସନ୍ଦୀପ ପୃଷ୍ଟି, ଆଶୁତୋଷ ସାହୁ, ମଦନ ସାହୁ, ସୁକାନ୍ତ ବଳା, ବାଲିଆ ରଣା ଓ ଜଗନ୍ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପୀଡ଼ିତା ଡାକ୍ତରୀ ଛାତ୍ରୀଙ୍କୁ ସବୁ ପ୍ରକାର ସହାୟତା ଦେବ ପ୍ରଶାସନ

ବାଲେଶ୍ୱର,(ସବ୍ୟ): ପଶ୍ଚିମବଙ୍ଗର ଦୁର୍ଗାପୁର ମେଡିକାଲ କଲେଜରେ ଅଧ୍ୟୟନରତ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହ ଘଟିଥିବା ନିନ୍ଦନୀୟ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ଗଭୀର ଦୁଃଖ ଓ ନିନ୍ଦା ପ୍ରକାଶ କରୁଛି । ଏହି ଘଟଣାରେ ପୀଡିତା ଛାତ୍ରୀ ଓ ତାଙ୍କ ପରିବାରଙ୍କୁ ଆବଶ୍ୟକ ସହାୟତା ଓ ସମର୍ଥନ ପ୍ରଦାନ ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପକ୍ଷରୁ ଏକ ମିଳିତ ଟିମ୍ ଆଜି ଦୁର୍ଗାପୁର ଯାତ୍ରା କରିଛନ୍ତି । ଯେଉଁଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଡି ଏସ ପି ଙ୍କ ସମେତ ଅନ୍ୟ ମାନେ ଅଛନ୍ତି । ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏହି ମାମଲାରେ ପୀଡିତା ପରିବାର ସହ ନିରନ୍ତର ସମ୍ପର୍କ ରଖି ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରତିବଦ୍ଧ ଅଛି ।

# ୧୫ରେ କର୍ମଶାଳା ଭିତ୍ତିକ ନାଟକ "ଇତି ଯେବେ ହସେ'

ବାରିପଦା, (ସବ୍ୟୁ) : ଦୀର୍ଘ ବର୍ଷ ପରେ ବାରିପଦାରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମୀ ଓ ଓଡିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଯୁବ କଳାକାରଙ୍କୁ ନେଇ ଏକ ନାଟ୍ୟ କର୍ମଶାଳା ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଯାଇଛି ଓ ୧୪ ଦିନର ପ୍ରଶିକ୍ଷଣ ପରେ ଯୁବ କଳାକାର ମାନେ ୧୫ତାରିଖ ଦିନ ସନ୍ଧ୍ୟା ୭ଟାରେ କର୍ମଶାଳା ଭିତ୍ତିକ ନାଟକ "ଇତି ଯେବେ ହସେ' ସ୍ଥାନୀୟ ସହୀଦ ଭବନରେ ପରିବେଷଣ କରିବେ। ଅତୀତରେ ଉତ୍କଳର ସାଧବ ପୁଅ ମାନେ ଦୁରଦେଶକୁ ବଣିଜ କରିବାକୁ ଯାଇ ବହୁ ଧନସମ୍ପତ୍ତି ନେଇ ଘରକୁ ଫେରୁଥିଲେ ଓ ଝିଅ ବୋହୁ ମାନେ ବୋଇତ ବନ୍ଦାଣ କରୁଥିଲେ। ବ୍ରିଟିଶ ଶାସନ ସମୟର ଜମିଦାରୀ ପ୍ରଥା ଏହି ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବେଶ ପ୍ରଭାବିତ କରିଥିଲା। ଏହାହିଁ ନାଟକର ବିଷୟବସ୍ତୁ ଓ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସାଙ୍କ ସଂଯୋଜନାରେ ତଥା ଉତ୍କଳ ସଂଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନବୀନ ପରିଡାଙ୍କ ରଚିତ ଓ ନିର୍ଦ୍ଦେଶିତ ଏକ ଭିନ୍ନ ସ୍ୱାଦର ନାଟକଟିକୁ ଦେଖିବା ସହ ଯୁବ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ଆୟୋଜକଙ୍କ ତରଫରୁ ଅନୁରୋଧ କରାଯାଇଛି ।

# ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଦିବସ-୨୦୨୫

ବାରିପଦା, (ସବ୍ୟୁ): ରବିବାର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଦେବେନ୍ଦ୍ରପୁର ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ହେମକାନ୍ତ ସୟ ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲାରେ ଆଜି ଠାରୁ ୧୪ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଶୂନରୁ ପାଞ୍ଚ ବର୍ଷ ବୟସର ଶିଶୁଙ୍କ ପାଇଁ ଏହି ପଲ୍ସ ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ ଚାଲିବ ଏବଂ ଏହି ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମ ଜିଲ୍ଲା ସଦର ଚିକିତ୍ସାଳୟ, ସମସ୍ତ ଉପଖଣ୍ଡ ଚିକିତ୍ସାଳୟ ସମେତ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆରୋଗ୍ୟ ମନ୍ଦିର, ଅଙ୍ଗନବାଡି କେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ରକୁ ମିଶାଇ ମୋଟ ୧୧୭୦ଗୋଟି କେନ୍ଦ୍ରରେ ଦିଆଯାଉଛି । ଜିଲ୍ଲାରେ ୨,୧୨,୧୯୯ ଶିଶୁଙ୍କୁ ଏହି ବୁନ୍ଦା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ସେଥିପାଇଁ ୨,୫୦, ୦୦୦ ଭେକସିନ ମହଜୁଦ ରହିଛି । ରବିବାର ଦିନ କେନ୍ଦ୍ର ମାନଙ୍କରେ ଦିଆଯିବା ପରେ ଆସନ୍ତା କାଲି (ସୋମବାର )ଆଶା, ଅଙ୍ଗନବାଡି କର୍ମୀ, ଏଏନଏମ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ମାନେ ଘରକୁ ଘର ଯାଇ ବାକି ରହିଯାଇଥିବା ଶିଶୁ ମାନଙ୍କୁ ଚିହ୍ନଟ କରି ଏହି ପୋଲିଓ ବୁନ୍ଦା ଖୁଆଇବେ । ଏତଦ୍‌ବ୍ୟତୀତ ଆବଶ୍ୟକ ସ୍ଥଳେ ଜନ ଗହଳି ପୂର୍ଣ୍ଣ ସାଧାରଣ ସ୍ଥାନ ଯଥା ବସଷ୍ଟାଣ୍ଡ, ରେଳ ଷ୍ଟେସନ ଓ ବଜାର ଇତ୍ୟାଦି ଜାଗା ମାନଙ୍କରେ ମଧ୍ୟ ଶୂନ ରୁ ୫ବର୍ଷ ଶିଶୁ ମାନଙ୍କୁ ଚିହ୍ନଟ କରାଯାଇ ଏହି ବୁନ୍ଦା ଖୁଆଇବା ପାଇଁ ପ୍ରୟାସ କରାଯିବ । ଏହି ଶୂନ ରୁ ପାଞ୍ଚ ବର୍ଷ ବୟସର କୌଣସି ଶିଶୁ ଯେମିତି ଏହି ଔଷଧ ସେବନରୁ ବାଦ୍ ନପଡନ୍ତି ସେଥିପାଇଁ ଏହାର ସୁପରିଚାଳନ ପାଇଁ ୨୩୪୦ ଟିମ ଗଠନ ସହିତ ୭୬ଟି ଆଇଏଲଆର ଫ୍ରିଜରର ବ୍ୟବସ୍ଥା କରାଯାଇଛି । ଏ ସମ୍ବନ୍ଧରେ ଅଧିକ ବିବରଣୀ ପାଇଁ ସ୍ଥାନୀୟ ଆଶା କର୍ମୀ, ଏଏନଏମ ଏବଂ ଅଙ୍ଗନବାଡି କର୍ମୀଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଉଛି । ଏଥିସହିତ ନିଜର ତଥା ନିଜ ସମ୍ପର୍କୀୟ ଓ ବନ୍ଧୁ ପରିଜନଙ୍କ ଶୂନ ରୁ ପାଞ୍ଚ ବର୍ଷ ଶିଶୁଙ୍କୁ ବୁଥକୁ ଆଣି ପୋଲିଓ ବୁନ୍ଦା ଖୁଆଇବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟଙ୍କ ତ%ାବଧାନରେ ଆୟୋଜିତ ହେଉଛି ।

# ରୋଟାରୀ ହେରିଟେଜର ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟ ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ସେଣ୍ଟ ଜାଭିଅର ହାଇସ୍କୁଲ ପାଲବାଣୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀୟାନ ସନ୍ତୋଷ କୁମାର କାଶତଙ୍କ ପରିଚାଳନା ଏବଂ ଆଇପିପି ନଳିନ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ବରିଷ୍ଠ ସଦସ୍ୟ ତରଣୀସେନ ଧଳ, ଭୂମିକା ଚକ୍ଷୁ ଚିକିତ୍ସାଳୟ ତରଫରୁ ଉତ୍ତର ଓଡିଶା ଜୋନାଲ ମ୍ୟାନେଜେର କର୍ଣ୍ଣାଟ କିଶୋର ଜେନା ଏବଂ ଜୋନାଲ ମ୍ୟାନେଜେର ବିରଞ୍ଚି ନାରାୟଣ ସେଠୀ ମଂଚାସୀନ ଥିଲେ। ସଭାପତି ଶ୍ରୀ ଚୌଧୁରୀ ଏବଂ ଶ୍ରୀ ଧଳ ରୋଟାରୀର ନୀତି, ଆଦର୍ଶ ତଥା ସ୍ୱାସ୍ଥ୍ୟ ଶିକ୍ଷାରେ ରୋଟାରୀର ଭୂମିକା ଏବଂ ଶ୍ରୀ ଜେନା ଓ ଶ୍ରୀ ସେଠୀ ଆଖିର ବିଭିନ୍ନ ସମସ୍ୟା ଏବଂ ସମାଧାନରେ ଭୂମିକା ଚିକିତ୍ସାଳୟର ସହଯୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ଦେଇଥିଲେ। ତତ୍ପରେ ଡାକ୍ତର ଏବଂ ଟେକନିସିଆନ ମାନଙ୍କ ଦ୍ୱାରା ୪୮ଜଣ ଓପିଡି ଏବଂ ୫ଜଣ କ୍ୟାଟ୍ରାକଟ ପରୀକ୍ଷା କରାଯାଇଥିଲା ।

ଏଥିରେ କ୍ଲବର ସଦସ୍ୟ ଅମିତାଭ ପଟ୍ଟନାୟକ, ପ୍ରଦୀପ କୁମାର ନାୟକ, ଶୈବାଳ କାନ୍ତ ନାୟକ, ଚିତ୍ତରଞ୍ଜନ ପଳତା, ଅନିରୁଦ୍ଧ ପୃଷ୍ଟି, ଜ୍ୟୋତି ପ୍ରକାଶ ପଣ୍ଡା, ସଂଜୀବ ଦଣ୍ଡପାଟ୍, ବରିଷ୍ଠ ଡାଃ ପାର୍ଥସାରଥୀ ଜେନା, ଆଉଟ୍‌ରିଚ୍ ମ୍ୟାନେଜେର ଓମ ରାମଚନ୍ଦ୍ର ରାୟ, ପେସେଣ୍ଟ କେୟାର ମ୍ୟାନେଜେର ଜଗନ୍ନାଥ ନାୟକ, ଅପଫମ ସ୍ନେହାଶିଷ ହାଜରା, ଅପଟିକାଲ ଇନଚାର୍ଜ କମଳ କୁମାର ଜେନା, ଟେକନିକାଲ ଆସିଷ୍ଟାଣ୍ଟ ସୌମ୍ୟ ଜ୍ୟୋତିଦାସ ଅଧିକାରୀ, ଏଏନଏମ ପଙ୍କଜିନୀ ବିଶ୍ୱାଳ ଓ ଟେକ୍‌ନିସିଆନ ବଳରାମ ମଲ୍ଲିକ ସହଯୋଗ କରିଥିଲେ।

## ଭାଗ୍ୟ ବଦଳାଇ ଦେଉଛି ସାମୁଦ୍ରିକ ମାଛ

# ୯୦ଟି ତେଲିଆ ମାଛକୁ ୧ କୋଟିରେ ବିକ୍ରି




ଭୋଗରାଇ, (ସବ୍ୟୁ):ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଉପକୂଳ ଗଭୀର ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି ୯୦ଟି ବିରଳ ପ୍ରଜାତିର ତେଲିଆ ନାମିତ ଶୀଳା ମାଛ । ଦୀଘା ମୁହାଣ ଆନ୍ତର୍ଜାତିକ ମାଛ ମାର୍କେଟକୁ ରବିବାର ସକାଳ ଏହି ମାଛ ନିଲାମ ପାଇଁ ଆସିଥିଲା । ଏହି ବିରଳ ପ୍ରଜାତିର ତେଲିଆ ମାଛ ପ୍ରତ୍ୟେକେ ଓଜନ ୩୦ କେଜିରୁ ୩୫ କେଜି ପର୍ଯ୍ୟନ୍ତ ହୋଇଥିବାବେଳେ ମାଛ କେଜି ପ୍ରତି ୧୩ ହଜାର ୫ ଶହ ଟଙ୍କାରେ ନିଲାମ ଡାକ ହୋଇ ଶେଷରେ ୧ କୋଟି ପର୍ଯ୍ୟନ୍ତ କଲିକତାର ଏକ କମ୍ପାନୀ କିଣିଥିବା ସୂଚନା ମିଳିଛି । ସୂଚନାନୁଯାୟୀ । ଏହି ମାଛର ବ୍ଲାଡାରରେ ଦାମୀ ଔଷଧ ଓ ଏକ ପ୍ରକାର ସୁତା ବାହାରୁଥିବାରୁ ମଣିଷ ଅପରେସନ ରେ ବ୍ୟବହୃତ ହେଉଥିବା ଦୃଷ୍ଟିରୁ ବିଦେଶରେ ଏହାର ଯଥେଷ୍ଟ ଚାହିଦା ରହିଛି । ମାଛର ମେଲ ଓ ଫିମେଲ ଦେଖି ଏବଂ ଅଧିକ ଓଜନ ଅନୁସାରେ ମାଛର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ ବୋଲି ମତ୍ସ୍ୟ ବେପାରୀମାନେ ପ୍ରକାଶ କରିଛନ୍ତି ଏହି ମାଛ ଗୁଡିକୁ ଦେଖିବାନିମନ୍ତେ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା । ମାଛ ବିକ୍ରୀକୁ ନେଇଁ ଉକ୍ତ ଟ୍ରଲର ମାଲିକ ଓ ତାଙ୍କ ମତ୍ସ୍ୟଜୀବୀମାନେ ଖୁସି ବ୍ୟକ୍ତ କରିଛନ୍ତି । ସୂଚନାନୁଯାୟୀ, ଗତ ୧୯ ଜୁନରେ ଏକ ଟ୍ରଲରେ ୨୯ ଟି ତେଲିଆ ସାମୁଦ୍ରିକ ମାଛକୁ ଦୀଘା ମାଛ ମାର୍କେଟରେ ୩୩ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା ।

# ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ (ସୁନାରି) ସମାଜ ବୈଠକ

ଧରାକୋଟ, (ସବ୍ୟୁ): ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ବା ସୁନାରି ସମାଜ ୧୫ ତାଲୁକା କେନ୍ଦ୍ରର ବୈଠକ ଧରାକୋଟ ନିକଟସ୍ଥ ମୁକ୍ତେଶର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।


ମହାସଂଘ ର ସଭାପତି ଡି. ଶିବଶଙ୍କର ଆଚାରି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହାସଂଘ ସଂପାଦକ କେ ଶଶି ଭୂଷଣ ଆଚାରି, ଉପ ସଭାପତି କେ ଶ୍ୟାମମୂର୍ତ୍ତି ଆଚାରି, ଉପ ସଭାପତି ବି ଭୁକୈଳାସ ଆଚାରି, ସହ ସମ୍ପାଦକ ଟି ବିଜୟ କୁମାର ଆଚାରି, କୋଷାଧ୍ୟକ୍ଷ ବି ଶାନ୍ତନୁ କୁମାର ଆଚାରି,ବରିଷ୍ଠ ସଦସ୍ୟ କେ ଦିଲୀପ କୁମାର ଆଚାରି ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହିଥିଲେ । ପ୍ରାରମ୍ଭରେ ଧରାକୋଟ ତାଲୁକା ର କର୍ମକର୍ତ୍ତା ମାନଙ୍କ ଦାରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକ ରେ କେନ୍ଦ୍ରର ବହୁ ଗୁରୁିବପୂର୍ଣ୍ଣ ବିଷୟ ସହ ବିଭିନ୍ନ ତାଲୁକା ର ସମସ୍ୟା ଗୁଡ଼ିକ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା ।

ଧରାକୋଟ ତାଲୁକା ର ଯୁବ ସଭାପତି ପି ବିଶନାଥ ଆଚା ରି ଙ୍କ ସଂଯୋଜନା ରେ ସଭାପତି ଜଗନ୍ନାଥ ଆଚାରି, କାହ୍ନୁ ଆଚାରି, ସିତେନ୍ଦ୍ର ଆଚାରି ପ୍ରମୁଖ ଏଥିରେ ସହଯୋଗ ପ୍ରଦାନ କରିଥିଲେ ।

# ପଲ୍ସ ପୋଲିଓ କାର୍ଯ୍ୟକ୍ରମ

.ଧରାକୋଟ, (ସବ୍ୟୁ): ଧରାକୋଟ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ତରଫରୁ ସମଗ୍ର ବ୍ଲକ ଅଞ୍ଚଳର ୫୨ ଗୋଟି କେନ୍ଦ୍ରରେ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଛି । ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଏମ ଭି କେ ଅଶୋକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଧରାକୋଟ ବ୍ଲକର ସ୍ତରର ଏଗାର ହଜାର ବାବନ ଜନ ଶିଶୁଙ୍କୁ ପୋଲିଓ ଟୀକା କରଣ କରାଯାଇ ପୋଲିଓ ମୁକ୍ତ ସମାଜ ଗଠନ କରାଯିବାର ଲକ୍ଷ ରଖା ଯାଇଛି । ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ଶଙ୍କର ନାରାୟଣ ବେହେରା,ଡାକ୍ତର ସଚିଦାନନ୍ଦ ବିଶୋଇ, ବି ପି ଏମ ଗୋଲକ ନାରାୟଣ ଗରିଆଗଡୁ,ବହୁମୁଖି ମହିଳା ସାସ୍ଥ୍ୟକର୍ମୀ ବିଷ୍ଣୁ ପ୍ରିୟା ରେଡ୍ଡୀ, ସଙ୍ଗିତାଞ୍ଜଳି ପ୍ରଧାନ, ଆଶା କର୍ମୀ ଉର୍ମିଳା ବେହେରା, ରିତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ରଶ୍ମୀ ରଞ୍ଜନ ପଟ୍ଟନାୟକ ରବିବାର ଦିନ ଦାୟିତ୍ୱ ଗ୍ରହର କରିଛନ୍ତି ।ଏହି ଅବସରାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ତ୍ରିନାଥ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରି ରାଜ୍ୟରେ ୬୪ ହଜାର ମହିଳା ଓ ଯୁବତୀଙ୍କ ପତା ମିଳୁନାହିଁ । ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଗଞ୍ଜାମ ଜିଲ୍ଲାରେ କମ ଦିନରେ ୧୬ ରୁ ୧୭ ଟି ହତ୍ୟାକାଣ୍ଡ ଘଟି ଗଲାଣି ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା ଯୋଗ ଦେଇ ସମସ୍ତ ଜନସାଧାରଣଙ୍କ ସ୍ୱର ହେଉଛି କଂଗ୍ରେସ ।

ଅଣ କଂଗ୍ରେସ ସରକାର ଆସିବା ପରେ କୌଣସି ବିକାଶ ହୋଇ ପାରି ନାହିଁ । ବଡ ଶିଳ୍ପ ଓ କାରଖାନା କଂଗ୍ରେସ ଅମଳରେ ହୋଇ ଥିଲା । ଏବେ ବିଦ୍ୟୁତ ଟାଟାକୁ ଓ ବନ୍ଦର ଆଦାନୀକୁ ଦିଆଯାଇଛି । ସଂଗଠନ ସୃଜନ ମଧ୍ୟମରେ କଂଗ୍ରେସ ଦଳର ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲା ଗଡ ଭାବେ ରହୁଥିବା ବେଳେ ବିଜେଡି ତାକୁ ନେଇ ଯାଇଥିଲା ଏବେ ବିଜେପି ଜିଲ୍ଲା ରେ ଲେଖା ଛିଡାଇ ଦେଇଛି । କଂଗ୍ରେସ ସଂଗଠନ ଦୂର୍ବଳ ହୋଇ ଯାଇଛି ।ଗୋଟିଏ ଗୋଟିଏ ଧାନ ଗୋଟାଏଲା ଭଳି କଂଗ୍ରେସ ଦଳର ଲୋକମାନଙ୍କୁ ଆକର୍ଷଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବି ବୋଲି ଜିଲ୍ଲା ସଭାପତି ପୂର୍ବ ରଶ୍ମୀ ରଞ୍ଜନ ପଟ୍ଟନାୟକ କହିଛନ୍ତି ।

ଏହି ଅବସରରେ ପିତବାସ ପଣ୍ଡାଙ୍କ ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ପ୍ରଭାରି ଲଲାଟେନ୍ଦୁ ମହାପାତ୍ର, ସେବା ଦଳ ନେତା ଶୁଭେନ୍ଦୁ ମହାନ୍ତି, ଜାକବ ପ୍ରଧାନ, ପୂରସ୍ୱର ନାୟକ, ସାକା ସୁଜିତ, ରବିନ୍ଦ୍ର ନାଥ ଧ୍ୟାନ ସାମନ୍ତରାୟ ଗଣପତି ବାରିକ, ପିସିସି ସମ୍ପାଦକ ଭୋକାଳି ସେଠୀପ୍ରଦୀପ ଦାସ କଟକ ଜିଲ୍ଲା ସଭାପତି, ମହିଳା ସଭାନେତ୍ରୀ ବନଜା ପଣ୍ଡା, ବିକାଶ ନାୟକ, ବୃନ୍ଦାବନ ଖଟେଇ, ଶିବରାମ ପାତ୍ର, ଅତୁଲ୍ୟ ପାଢ଼ୀଙ୍କ ସମେତ ବହୁ କର୍ମକର୍ତ୍ତା ମଞ୍ଚାସିନଥିଲେ ।



# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ: ୨ ଦିନରେ ଦୁଇ ଜଣଙ୍କ ପ୍ରାଣହାନୀ




ହିନ୍ଦୋଳ, (ସବ୍ୟୁ) : ହାତୀ ଆକ୍ରମଣରେ ହିନ୍ଦୋଳ ବନାଞ୍ଚଳରେ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବନ ବିଭାଗ । ଗତକାଲି ବାଲିମୀ ଥାନା ଅନ୍ତର୍ଗତ ଗାଲପଡା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୋରଓ୍ୱେଲ କର୍ମଚାରୀ ମୃତ୍ୟୁ ବରଣ କରିବା ଘଟଣାର ୨୪ ଘଣ୍ଟା ନପୁରୁଣୁ ଆଜି ସେହି ଥାନା ଅନ୍ତର୍ଗତ ବାଲିମୀ ଗ୍ରାମର ନରୋତ୍ତମ ବେହେରା (୫୨) ଙ୍କୁ ତାଙ୍କ ଘର ପାଖରେ ଏକ ପୋଖରୀ ନିକଟରେ ଏକ ଦନ୍ତା ହାତୀ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ଘଟଣା ଘଟାଇ ଦନ୍ତା ହାତୀଟି ଦୀର୍ଘ ସମୟ ଧରି ଘଟଣା ସ୍ଥଳରେ ଛିଡା ହୋଇ ରହିବାରୁ ନରୋତ୍ତମ ଙ୍କୁ ଉଦ୍ଧାର କରିବା ପାଇଁ କେହି ସାହସ ଯୁଟାଇ ପାରି ନଥିଲେ ।

ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚିବାରୁ ଉଭୟ କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ହାତୀକୁ ଘଉଡାଇବା ସହଜ ହୋଇଥିଲା । ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେବା ସହ ପରିବାର ଲୋକ ମୃତଦେହ କୁ ବାଲିମି ଛକରେ ରଖି ରାସ୍ତାରୋକ କରିଥିଲେ । ଫଳରେ ରାସ୍ତାର ଉଭୟ ପାଖରେ ସହ ସହ ଗାଡ଼ି ମଟର ଅଟକି ରହିଥିଲା । ଖବର ପାଇ ବାଲିମି ଥାନାଧିକାରୀ, ହିନ୍ଦୋଳ ଭାରପ୍ରାପ୍ତ ରେଞ୍ଜର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ସହ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ରାଶି ଯୋଗାଇ ଦେବା ସହ ହାତୀ ଦାଉରୁ ଗ୍ରାମକୁ ସୁରକ୍ଷା ଦେବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହେବା ସହ ପରିସ୍ଥିତି ଶାନ୍ତ ପଡିଥିଲା । ଖବର ପାଇ ଢ଼େଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି, ଢ଼େଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କର ଏବଂ ଆର ସିସି ଏଫ ସଞ୍ଜୟ ସ୍ୱାଇ ,ପିସିସିଏଫ ପ୍ରେମକୁମାର ଝା ଙ୍କ ସହ ବିସ୍ତୁତ ଭାବେ କଥା ହୋଇ ମୃତକଙ୍କ ପରିବାର କୁ ତୁରନ୍ତ ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରିବା , ଜଙ୍ଗଲ ସନ୍ନିକଟ ଗ୍ରାମଗୁଡିକରେ ଆଲୋକ ବ୍ୟବସ୍ଥା ସହିତ ହିନ୍ଦୋଳ ବନାଞ୍ଚଳରେ ଧନ ଜୀବନ ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଛନ୍ତି । ଉଲ୍ଲେଯୋଗ୍ୟ ଯେ ହିନ୍ଦୋଳ ବନାଞ୍ଚଳରେ ହାତୀ ଆକ୍ରମଣ ଜନିତ ମୃତ୍ୟୁ ଏକ ନୀତି ଦିନିଆ ଘଟଣା ପାଲଟି ଥିବାବେଳେ ରାଜ୍ୟ ସରକାରଙ୍କ ବନବିଭାଗ ଏଠି ପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଏଠାରେ ଅକ୍ଳେଶରେ ବହୁ ନିରୀହ ବ୍ୟକ୍ତିଙ୍କ ଜୀବନ ହାତୀ ପାଦ ତଳେ ଚାଲି ଯାଉଛି ।

ବିଗତ ଚାରି ମାସ ମଧ୍ୟରେ ଏହି ବନାଞ୍ଚଳ ଅନ୍ତର୍ଗତ ବାଘଧରିଆ ଗ୍ରାମରେ ୪ ଜଣ ହାତୀ ଆକ୍ରମଣର ଶିକାର ହୋଇଥିବା ବେଳେ ବେଡାପଡା ଗ୍ରାମର ୧ ଜଣ, ଟାଙ୍ଗୀଶାଳର ଜଣେ, ଗତ କାଲି ଗାଲପଡା ଗ୍ରାମରେ ଜଣେ ଏବଂ ଆଜି ସକାଳୁ ସକାଳୁ ବଲିମି ଗ୍ରାମର ଜଣେ ବ୍ୟକ୍ତି ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସେହିଭଳି ସାନହିନ୍ଦୋଳ ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତି ଗୁରୁତର ଆହତ ହୋଇ ଏବେବି କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣା ପଡିଛି । ଗତ ଚାରି ମାସରେ ସମୁଦାୟ ୮ ଜଣ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଛି । ଏହିଭଳି ଘଟଣା ହିନ୍ଦୋଳ ସମେତ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳେଇ ଦେଇଛି । ସରକାରଙ୍କ ପକ୍ଷରୁ ଆଗାମୀ ଦିନରେ ସମାଧାନ ନହେଲେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଅନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ପୁଅ ଘର କଲାନି, ବୃଦ୍ଧ ବାପାଙ୍କ ଭତ୍ତା ଓ ରାସନ ବନ୍ଦ




ରାସୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ରାସୋଳ ପଞ୍ଚାୟତ ରାମପାଳ ସାହିର ଜଣେ ଜନଜାତି ଯୁବକ ସମୟ ସୀମା ଭିତରେ ଆବାସ ଗୃହ କରି ପାରି ନ ଥିବାରୁ ତାଙ୍କ ବୃଦ୍ଧ ବାପାଙ୍କ ବାର୍ଦ୍ଧକ୍ୟ ଭତ୍ତା ଓ ରେସନ ସାମଗ୍ରୀକୁ ପ୍ରଶାସନ ବନ୍ଦ କରି ଥିବାର ଜଣାଯାଇଛି । ଘଟଣାରୁ ଜଣା ଯାଏ ଯେ ଏହି ସାହିର କରୁଣା ମୁଣ୍ଡାଙ୍କ ନାମରେ ଆବାସ ଯୋଜନାରେ ଏକ ଘର ଆସିଥିଲା । ସେ ଠିକ ସମୟରେ କାମ ଆରମ୍ଭ କରି ଛାତ ପତନ ପର୍ଯ୍ୟନ୍ତ କାମ ସାରି ୪୦ହଜାର ଟଙ୍କା ର ବିଲ୍ ପାଇ ସାରିଛନ୍ତି ।

ମାତ୍ର ସମୟ ସୀମା ଭିତରେ ଛାତ ପକାଇ ପାରି ନ ଥିବାରୁ ଦଣ୍ଡ ସ୍ୱରୂପ ତାଙ୍କ ବୃଦ୍ଧ ବାପା କେଶବ ଟିଉ ଙ୍କ ବାର୍ଦ୍ଧକ୍ୟଭତ୍ତା ଓ ର ।ଶନ ସାମଗ୍ରୀକୁ ପ୍ରଶାସନ ବନ୍ଦ କରିଦେଇଛି । ବାପ ପୁଅ ଅଲଗା ଚଳୁଥିଲେ ମଧ୍ୟ ପୁଅ ପାଇଁ ବାପା କାହିଁକି ଦଣ୍ଡ ପାଇବ ତାହା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହୋଇଛି ।

## ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ବାଘ ଆତଙ୍କ
# ପିସିସିଏଫ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ସାଂସଦ

ଅନୁଗୁଳ/ତାଳଚେର, (ସବ୍ୟୁ) : ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଗତ କିଛିଦିନ ହେଲା ବ୍ୟାଘ୍ର ଆତଙ୍କ ଦେଖା ଦେଇଛି । ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ଅନେକ ମଣିଷ ଓ ପଶୁ ମୃତାହତ ହେବାର ସୂଚନା ମିଳିଛି । ଏହାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି । ଆଜି ରବିବାର ପାଲଲହଡା ଗସ୍ତ ସମୟରେ ତାଳଚେର ଗୋଡ଼ିବନ୍ଧ ଠାରେ ବ୍ୟାଘ୍ର ଆତଙ୍କ ସମସ୍ୟା ନେଇ ସାଂସଦ ଶ୍ରୀ ପାଣି ପିସିସିଏଫ ପ୍ରେମ କୁମାର ଝା ଏବଂ ରାଜ୍ୟ ସରକାରଙ୍କର ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଯୋଗେଁ କଥା ହୋଇ ଏ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ସାଧାରଣ ଲୋକଙ୍କ ହିତ ଦୃଷ୍ଟିରୁ ବାଘର ସ୍ଥାନାନ୍ତରଣ କାର୍ଯ୍ୟ ଶୀଘ୍ର କରିବାକୁ ସାଂସଦ କହିଥିଲେ । ବାଘଟି ଶିମିଳିପାଳରୁ ଆସିଥାଇ ପାରେ ଏବଂ ସେଠାକୁ ଯିବାର ବ୍ୟବସ୍ଥା କରାଯିବ ବୋଲି ପିସିସିଏଫ କହିଥିଲେ ।

## ଫାର୍ମ ହାଉସରେ ଦୁର୍ବୃତ୍ତଙ୍କ ଉନ୍ମତକାଣ୍ଡ
# ମାରଣାସ୍ତ୍ର ଓ ବନ୍ଧୁକ ମୁନରେ ଲୁଟିନେଲେ ଟଙ୍କା ଓ ଆସବାବପତ୍ର

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ରାଇବୋଲ ପଞ୍ଚାୟତ କଙ୍କଣା ଗ୍ରାମରେ ଥିବାଏକ ଫାର୍ମ ହାଉସରେ ଦୁର୍ବୃତ୍ତଙ୍କ ଉନ୍ମତ କାଣ୍ଡ ଦେଖିବାକୁ ମିଳିଛି । ଫାର୍ମ ହାଉସରେ ପଶି ମାଲିକଙ୍କୁ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ନଗଦ ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଲୁଟ କରିଥିବାର ଅଭିଯୋଗ ହୋଇଛି । କାମାକ୍ଷାନଗର ଥାନା ରାଇବୋଲ ପଞ୍ଚାୟତର କଙ୍କଣା ଗ୍ରାମରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଟଙ୍କା ଏବଂ ଆସବାବ ପତ୍ର ଲୁଟ କରିଥିବାର ଜଣାପଡିଛି । ସୂଚନା ଅନୁସାରେ ଭୁବନ ଥାନା ଯମୁନାକୋଟ ଗ୍ରାମର ନରେନ୍ଦ୍ର କୁମାର ସାହୁ କଙ୍କଣା ଗ୍ରାମରେ ଏକ ଫାର୍ମ ହାଉସ କରିଛନ୍ତି । ଦୀର୍ଘ ଦିନ ଧରି ନରେନ୍ଦ୍ର ସେଠାରେ ଫାର୍ମ ହାଉସ କରିବା ସହ ସେଠାରେ ରହି ଦେଖାଶୁଣା କରିଥାନ୍ତି ।

କିଛି ଦୁର୍ବୃତ୍ତ ନରେନ୍ଦ୍ରଙ୍କ ଫାର୍ମ ହାଉସକୁ ଯାଇ ନରେନ୍ଦ୍ରଙ୍କୁ ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହ ଫାର୍ମରେ ସେ ରଖିଥିବା ନଗଦ ଚାଳିଶ ହଜାର ଟଙ୍କା, କମ୍ପ୍ୟୁଟର, ଅନ୍ୟ ବୈଦ୍ୟୁତିକ ସାମଗ୍ରୀ ଇତ୍ୟାଦି ଲୁଟି ନେଇଛନ୍ତି । ଯାହାକୁ ନେଇ ନରେନ୍ଦ୍ର କାମାକ୍ଷାନଗର ପୋଲିସକୁ ଖବର ଦେଇଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି କିଛି ଦୁର୍ବୃତ୍ତଙ୍କୁ ଅଟକ ରଖିଥିବା ବେଳେ ମାରଣାସ୍ତ୍ର ଓ ବନ୍ଧୁକ ଜବତ କରିଛି । ଘଟଣାରେ ବ୍ୟବହୃତ ଏକ ଅଲଟୋ କାରକୁ ମଧ ଜବତ କରିଛି ଏ ନେଇ ନରେନ୍ଦ୍ର କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ଏନଟିପିସି ଟିଟିପିଏସ୍ ପକ୍ଷରୁ ମହିଳାଙ୍କୁ ସିଲେଇ ତାଲିମ




ତାଳଚେର, (ସବ୍ୟୁ) : ଗ୍ରାମାଂଚଳ ମହିଳାମାନଙ୍କୁ ସଶକ୍ତ କରିବାନେଇ ଏନଟିପିସି ତାଳଚେର ଥର୍ମାଲ ସନ୍ଥପଡ଼ା ଏବଂ ନୂଆପଡ଼ା ଗ୍ରାମରେ ମହିଳାମାନଙ୍କ ପାଇଁ ସିଲେଇ ତାଲିମ ଆରମ୍ଭ କରିଛି । ଯାହାର ଉଦ୍ଦେଶ୍ୟ କିଛି ଅଭାବୀ ଦୂର କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବି କରିବା ଓ ଟେଲରିଙ୍ଗକୁ ବୃତିଭାବେ ଗ୍ରହଣକରି ସେମାନଙ୍କର ଜୀବିକା ପରିଚାଳନା କରିବା । ଏହି ତାଲିମ କାର୍ଯ୍ୟକ୍ରମ ୬ମାସ ପାଇଁ ପରିଚାଳିତ ହେବ ଏବଂ ଉପରୋକ୍ତ ଗ୍ରାମ ଗୁଡ଼ିକର ପ୍ରାୟ ୪୦ଜଣ ମହିଳା ଅଂଶଗ୍ରହଣ କରି ସିଲେଇ ଶିଖିବେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସାଗରୀକା ଲେଡ଼ିଜ କ୍ଲବ୍ ସଭାପତି ବିଭା ଅଗ୍ରୱାଲ, ସନ୍ଥପଡ଼ା ସରପଂଚ ସହଦେବ ସାହୁ, ଏମବିକେ ସସ୍ମିତା ସାହୁ ସାଗରୀକାଙ୍କ ଉପସ୍ଥିତରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଶର୍ମିଷ୍ଠା ସାହୁ ସଚିବ ସାଗରୀକା ଲେଡ଼ିଜ କ୍ଲବ ଏବଂ ଏନଟିପିସି ଟିଟିପିଏସ୍‌ର ବରିଷ୍ଠ ଅଧିକାରୀ ମାନେ ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରି ମୁଖ୍ୟ ଅତିଥି ବିଭା ଅଗ୍ରୱାଲ କହିଥିଲେ ଯେ ମହିଳାମାନେ ଯେତେବେଳେ ଏକତ୍ରିତ ହୋଇ ସହଯୋଗର ସହ କାମ କରନ୍ତି ସେମାନେ ଏପରି ସଶକ୍ତିକରଣ ସୃଷ୍ଟି କରନ୍ତି ଯାହା ସମଗ୍ର ସମାଜକୁ ଉନ୍ନତ କରିପାରୁଛନ୍ତି । ଏସକେ ସେନାପତି ଡ଼ିଜିଏମ (ଏଚଆର- ଆରଆଣ୍ଡ ଆର) ଏହାର ରିବନକାଟି ଦୀପପ୍ରଜ୍ଜ୍ୱଳନ କରଥିଲେ ଓ ଅତିଥି ପରିଚୟ ଦେବା ସହ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଆରମ୍ଭରେ ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା । ଭାରତୀ ବେହେରାଙ୍କ ଦ୍ୱାରା ତାଲିମ ପରିଚାଳନା କରାଯିବା ସହ ସନ୍ଥପଡ଼ାର ମା'ସାରଳା, ମା' ସନ୍ତୋଷୀ, ନୂଆପଡ଼ାର ଓମସାଇ ଏବଂ ଗାୟତ୍ରୀଙ୍କ ଏସଏଚଜି ସଦସ୍ୟମାନେ ଗ୍ରାମାଂଚଳର ମହିଳାଙ୍କ ଉନ୍ନତି ପାଇଁ ଏପ୍ରକାର ତାଲିମ କରିବାନେଇ ଏନଟିପିସି ଟିପିଏସକୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଅନୁଗୁଳରେ ଜିଲ୍ଲାରେ ପଲସ ପୋଲିଓ

ଅନୁଗୁଳ, (ସବ୍ୟୁ) : ଅକ୍ଟୋବର ୧୨ ରବିବାର ଦିନ ସମଗ୍ର ଓଡ଼ିଶାରେ ୧୭ ଟି ଜିଲ୍ଲା ଓ ଦୁଇଟି ମହାନଗରରେ ପଲସ ପୋଲିଓ ଟିକାକରଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ପଲସ ପୋଲିଓ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡ଼ାଃ ମଦନମୋହନ ପ୍ରଧାନ ଉପସ୍ଥିତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଉଦଘାଟନ କରିଥିଲେ । ଜିଲ୍ଲାରେ ୦ ରୁ ୫ ବର୍ଷ ଶିଶୁଙ୍କୁ ପୋଲିଓ ଟିକାକରଣ ପାଇଁ ମୋଟ ଏକ ଲକ୍ଷ ୧୩ ହଜାର ୭୮୦ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ୫୯୭ ଟି ବୁଥରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୩୬ ଟି ଟ୍ରାନଜିଟ ,୧୯ ଟି ଭ୍ରାମ୍ୟମାଣ ଟିମ ,୨୪୯୮ ଜଣ ଟୀକା କର୍ମୀ ସମେତ ୧୧୭ ଜଣ ପଲସ ପୋଲିଓ ପରିଦର୍ଶକ ନିୟୋଜିତ ଅଛନ୍ତି । ପ୍ରଥମ ଦିନ ବୁଥ କାର୍ଯ୍ୟକ୍ରମ ଓ ୧୩ ଓ ୧୪ ତାରିଖରେ ଟିକାକର୍ମୀ ଘରକୁ ଘର ଯାଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଯାଯାବର,ବସ୍ତି ଅଞ୍ଚଳ ଶିଶୁ ଓ ନିର୍ମାଣଧୀନ କୋଠାବାଡି ରେ କାର୍ଯ୍ୟରତ ଶ୍ରମିକଙ୍କ ଶିଶୁଙ୍କୁ ଅଧିକ ପ୍ରାଧାନ୍ୟ ଦେବାକୁ ଟିକାକର୍ମୀ କୁହାଯାଇଛି । ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡ଼ାଃ ଅନ୍ତର୍ଯ୍ୟାମୀ ମିଶ୍ର ସମେତ ଜିଲ୍ଲା ରୋଗ ନିୟନ୍ତ୍ରଣ ଅଧିକାରୀ ,ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଅଧିକାରୀ,କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଜୋନ୍‌ସ୍ତରୀୟ କବାଡି, ଖୋ ଖୋ, ଫୁଟବଲ ଶିବିର

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋର ନଗର ଇଛାପୂର ହାଇସ୍କୁଲ ପରିସର ରେ ଶନିବାର ଦିନ ଜୋନ ସ୍ତରୀୟ ୧୭ ବର୍ଷ ରୁ ଓ ୧୪ ବର୍ଷରୁ କମ ବାଳିକା ଓ ବାଳକ ବିଭାଗର କବାଡି,ଖୋ ଖୋ, ଓ ଫୁଟବଲ ଖେଳ ଚୟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଟେଇ କୁଳିଆ ଗ୍ରାମ ପଞ୍ଚାୟତ ର ସରପଞ୍ଚ ନୟନି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚୟନ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷିତିଯୋ ରଞ୍ଜନ ଦେହୁରୀ, ମା ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟ ଲୁହାମୁଣ୍ଡା କ୍ରିଡା ଶିକ୍ଷକ ଅରୁଣ କୁମାର ସାହୁ,କିଶୋର ନଗର ବ୍ଲକ କ୍ରୀଡ଼ା କମିଟି ର ସମ୍ପାଦକ ରାମ ଦେଓ ଉଚ୍ଚ ବିଦ୍ୟାଳୟ କିଶୋର ଗଞ୍ଜ ଖେଳ ଶିକ୍ଷକ ବିଶ୍ୱନାଥ ଦେହୁରୀ ଏବଂ କିଶୋର ଗଞ୍ଜ ଜୋନର ସଂପାଦକ ମା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଗାଁ ବଇଣ୍ଡା ଖେଳ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଚୟନ ଶିବିରରେ ସମୁଦାୟ ୨୪୯ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ । ଏହି ଖେଳକୁ ଖେଳ ଶିକ୍ଷକ ସତ୍ୟଭାମା ପ୍ରଧାନ, ବରୁଣ କୁମାର ଦେହୁରୀ, ସନ୍ତୋଷ କୁମାର ପ୍ରଧାନ, ଅଶୋକ କୁମାର ସାହୁ, ସୁଜାତା ପ୍ରଧାନ ପରିଚାଳନା କରିଥିଲେ ।

# ୨ ଲୁହା ସ୍କ୍ରାପ ବୋଝେଇ ଗାଡ଼ି ଜବତ, ୫ ଗିରଫ

କଣିହାଁ, (ସବ୍ୟୁ) : କଣିହାଁ ପୁଲିସ ଦୁଇ ସ୍କ୍ରାପ ବୋଝେଇ ଗାଡି ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ୫ଜଣଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ମାନେ ହେଲେ କଣିହାଁ ଥାନା ଝରାବେରଣୀ ଗ୍ରାମର ସୁଷ୍ମନ୍ତ ବେହେରା (୨୬), ତପନ ବେହେରା (୨୦), ବଇଣ୍ଡା ଗ୍ରାମର ଦୀପକ ଷଣ୍ଢ (୨୪), କଣିହାଁ ଗ୍ରାମର ଜିତେନ୍ଦ୍ର ସାହୁ (୩୩)ଓ ଏନଟିପିସି ଥାନା ଟୋଲକବେଡା ଗ୍ରାମର ଲିକୁନ ନାଏକ (୧୯) । ଜବତ ୨ ଗାଡି ମଧ୍ୟରେ ଗୋଟିଏ ମହିନ୍ଦ୍ରା ପିକଅପ ଓ ଅନ୍ୟଟି ବୋଲେରୋ ଅଟେ । ପୁଲିସ ସୁତ୍ରରୁ ପ୍ରକାଶ ଯେ, ଶନିବାର ମଧ୍ୟାହ୍ନରେ ଉକ୍ତ ଗାଡି ଦୁଇଟିରେ ସ୍କ୍ରାପ ବୋଝେଇ ହୋଇ ଯାଉଥିବା ସମୟରେ ମସୁଣୀହତା ନିକଟରେ ପୁଲିସ ଗାଡିକୁ ଜବତ କରିଥିଲା ।

# ପୋଖରୀରେ ବୁଡି ଜଣେ ମୃତ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ବାଲିପସି ପଂଚାୟତ ଲୋଧାଝରି ଗ୍ରାମର କୀର୍ତ୍ତନ ବେହେରା (୪୫) ନାମକ ଜଣେ ଲୋକ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାଯାଇଛି । କଣିହାଁ ପୁଲିସ ଏଥିନେଇ ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲ ପଠାଇ ତଦନ୍ତ ଜାରି ରଖିଛି । ପୁଲିସ ସୁତ୍ରରୁ ପ୍ରକାଶ ଯେ, କୀର୍ତ୍ତନ ଗ୍ରାମ ପୋଖରିକୁ ଗାଧୋଇବା ପାଇଁ ଯାଇଥିବା ବେଳେ ସେଠାରେ ବୁଡି ଯାଇଥିଲେ । ପରେ ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

## ତାଳଚେରବାସୀଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଗଲେ
# କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମାନଙ୍କୁ କଂଗ୍ରେସ ପକ୍ଷରୁ ବିରୋଧ କରାଯିବ

ତାଳଚେର, (ସବ୍ୟୁ) : ଦେଶ ଓ ରାଜ୍ୟ ରାଜ୍ୟକୋଷକୁ ସବୁଠାରୁ ଅଧିକ ରାଜସ୍ୱ ଦେଇ ଜମିହରା ବିସ୍ଥାପିତ ତାଳଚେରବାସୀ ଆଜି ପ୍ରଦୂଷଣରେ ଜର୍ଜରିତ ହୋଇ ବିଭିନ୍ନ ମାରାତ୍ମକ ରୋଗରେ ପିଡିତ ହେବା ସହ ଆର୍ଥୀକ ଅନାଟନରେ ମୃତ୍ୟୁ ମୁଖରେ ପଡୁଛନ୍ତି । ତାଳଚେରବାସୀଙ୍କ ପାଇଁ କଂଗ୍ରେସ୍ ଦଳର ନ୍ୟାର୍ଯ୍ୟ ଦାବୀ ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ କଂଗ୍ରେସ୍ ଦଳ ରାଜ ରାସ୍ତାକୁ ବାହାରି ବିକ୍ଷୋଭ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମନ୍ତ୍ରୀମାନଙ୍କୁ ତାଳଚେରରେ ବିରୋଧ କରାଯିବ । ପବିତ୍ର ମୋହନ ମେଡିକାଲ୍ କଲେଜ୍ ରେ ଯଥାଶୀଘ୍ର ରୋଗୀ ସେବା ପାଠ୍ୟକ୍ରମ ତାଳଚେରରେ ଆରମ୍ଭ କରିବା ପାଇଁ ଦାବୀ କରାଯାଇଛି ।

ବର୍ତମାନ ତାଳଚେରରେ ହଜାର ହଜାର ବେକାର ଯୁବକ/ଯୁବତୀ ଥିବାବେଳେ ଲାଂଚ ନିଆଯାଇ ବାହାର ଲୋକଙ୍କୁ ଠିକା ସୁରକ୍ଷା କର୍ମି ଭାବରେ ଯୋଗ୍ୟତା ନଥାଇ ନିଯୁକ୍ତି ଦିଆଯାଉଛି । ଏହାକୁ ବନ୍ଦ କରାଯାଇ ତାଳଚେରର ଯୋଗ୍ୟ ବେକାର ଯୁବକ/ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯାଉ । ଭାରତର ସବୁଠାରୁ ଅଧିକ ପ୍ରଦୂଷିତ ଅଂଚଳ ତାଳଚେରରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଅଧିକ ପ୍ରଦୂଷଣ କରୁଥିବା କୋଲ୍ ୱାସେରୀ ପ୍ରତିଷ୍ଠା କରାନଯାଉ । କୋଇଲା ପରିବହନ କରାଯାଉଥିବା ଟ୍ରେନ୍ ଓ ଟ୍ରକ୍ ହାଇଓ୍ୱା ରେ ସଂପୂର୍ଣ୍ଣ ପାଲ ଘୋଡାଇ ଏହାକୁ ପରିବହନ କରାଯାଇ ପ୍ରଦୂଷଣକୁ ବନ୍ଦ କରାଯାଉ । ଟ୍ରକ୍ ବ୍ୟବସାୟ ତାଳଚେରର ମୁଖ୍ୟ ଆର୍ଥୀକ ମେରୁଦଣ୍ଡ ହୋଇଥିବାରୁ କୋଇଲା ଉତ୍ପାଦନର ୪୦ ଭାଗ ଜିଲ୍ଲା ଓ ରାଜ୍ୟ ବାହାରକୁ ଟ୍ରକ୍ ମାଧ୍ୟମରେ ପରିବହନ କରାଯାଉ । ଟ୍ରକ୍ ଚଳାଚଳ ଓ ଜନସାଧାରଣଙ୍କ ସୁବିଧା ପାଇଁ ମୃତ୍ୟୁଯନ୍ତା ପାଲଟିଥିବା ୧୪୯ ନଂ ରାଜପଥ କଣିହାଁ ଠାରୁ ବଅଁରପାଳ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ କରାଯିବା ପାଇଁ ଦାବୀ କରାଯାଇଛି । ଦାବୀ ଗୁଡିକ ଯଦି ସରକାର ଯୁଦ୍ଧକାଳୀନ ଭିତିରେ ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ତାଳଚେର କଂଗ୍ରେସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଗଣ ଆନ୍ଦୋଳନ କରାଯିବା ସହିତ ତାଳଚେର ଭିତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କୁ ବିରୋଧ କରାଯିବ ବୋଲି ଶୁକ୍ରବାର କଂଗ୍ରେସ୍ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ର ପ୍ରଦାନ ବେଳେ ପ୍ରଫୁଲ ଦାସ, ଦିଗାମ୍ବର ଗଡନାୟକ, କେଶବ ଭୂତିଆ, ରାଜକିଶୋର ସାହୁ, ଜିନେସ୍ ସାହୁ, ସବିତା ସିଂ, ସନ୍ତୋଷ ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, କ୍ଷିରୋଦ ସାହୁ, ଦିଲିପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହାର ନକଲ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅନୁଗୋଳଙ୍କୁ ପ୍ରଦାନ କରାଯାଇଛି ।

# କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ପରିସର ରେ ଅନୁଷ୍ଠିତ ବରିଷ୍ଟ ନାଗରିକ ସମ୍ମିଳନୀ ରେ ଅନୁଷ୍ଠିତ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗୀତାରେ ବଇଣ୍ଡା ରାମ ଦେଓ ଉଚ ବିଦ୍ୟାଳୟ ଛାତ୍ରୀ କଲ୍ୟାଣୀ ମାଝୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଶନିବାର ଦିନ ସମ୍ବର୍ଦ୍ଧନା କରାଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରି ସୁକାନ୍ତି ମଞ୍ଜରି ଚତମ୍ଭା ଛାତ୍ରୀ କଲ୍ୟାଣୀ ଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । କଲ୍ୟାଣୀ ବ୍ଲକ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଗୁଁ ବିଦ୍ୟାଳୟ ଆଜି ବ୍ଲକ ରେ ପରିଚିତ ବୋଲି କହିଥିଲେ । ଅନ୍ୟତମ ଭାବରେ ଶିକ୍ଷୟତ୍ରି କଳ୍ପନା ସାହୁ , ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ , ବିଶ୍ୱନାଥ ଦେହୁରି , ଅନାଦି ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିଓ ଦିବସରେ ପୋଲିଓ ଖାଇଲେ ଶିଶୁ

ତାଳଚେର, (ସବ୍ୟୁ) : ଭାରତ ସରକାରଙ୍କ ସ୍ୱାସ୍ଥ୍ୟକଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ପୋଲିଓ ଦିବସ ପାଳନ ଅବସରରେ ପ୍ରତ୍ୟେକ ଅଙ୍ଗନାବାଡ଼ି କେନ୍ଦ୍ର ଗୁଡ଼ିକରେ ୫ବର୍ଷରୁ କମ ପିଲାମାନଙ୍କୁ ପୋଲିଓ ବୁନ୍ଦା ଖୁଆଉଥିବା ଦେଖାଯାଇଥିଲା। ସହର ଠାରୁ ଆରମ୍ଭକରି ଗ୍ରାମାଚଂଳ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ପ୍ରତିଓ୍ୱାର୍ଡରେ ଥିବା ଅଙ୍ଗନାବାଡ଼ି କେନ୍ଦ୍ର ଗୁଡ଼ିକରେ ଅଭିଭାବକମାନେ ନିଜ ନିଜର ପିଲାଙ୍କୁ ପୋଲିଓ ଦେବାକୁ କେନ୍ଦ୍ର ଗୁଡ଼ିକରେ ଭିଡ଼ ଜମାଇଥିଲେ। ଆଶା କର୍ମୀମାନେ ଏହି କାର୍ଯ୍ୟକ୍ରମକୁ ତୁଲାଉଥିବା ଦେଖାଯାଇଥିଲା। ଦେଶକୁ ପୋଲିଓ ମୁକ୍ତ କରିବା ଉଦ୍ଦେଶ୍ୟରେ ଏହି ମହତକାର୍ଯ୍ୟକୁ ସବୁ ସ୍ତରରେ ଗୁରୁତ୍ୱ ଦିଆଯାଉଥିବାରୁ ଆମ ଦେଶରେ ଏହା ସଫଳତାର ସହ ଆଗକୁ ବଢ଼ିବାରେ ଲାଗିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି।

# ଅଷ୍ଟମ ଲୋକକଳା ମହୋତ୍ସବ ଉଦ୍‌ଘାଟିତ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ୮ମ ଢେଙ୍କାନାଳ ଲୋକକଳା ମହୋତ୍ସବ ଉଦଘାଟିତ ହୋଇଯାଇଛି। ମହିଷାପାଟ ସ୍ଥିତ ପଲ୍ଲି ଶ୍ରୀମେଳା ପଡିଆଠାରେ ଆୟୋଜିତ ସାଧାରଣ ସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଢେଙ୍କାନାଳ ହେଉଛି କଳା ଓ ସଂସ୍କୃତିର ମାଟି ଓ କଳାକାର ମାନେ ପ୍ରଶଂସାର ପାତ୍ର ବୋଲି କହିଥିଲେ। ଢେଙ୍କାନାଳ ଜିଲ୍ଲା କୃଷି, ଶିଳ୍ପ,ଗମନାଗମନ ଆଦି କ୍ଷେତ୍ରରେ ଦ୍ରୁତ ବିକାଶ କରୁଥିବାରୁ ଲୋକକଳା ମାଧ୍ୟମରେ ଏହାର ପ୍ରଚାର ପ୍ରସାର ହେବା ଆବଶ୍ୟକ ବୋଲି କହିଥିଲେ । ଜିଲ୍ଲାରେ ଥିବା ପଞ୍ଜିକୃତ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏଥିସହିତ ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଆୟୋଜନ କରାଯିବ ଓ ଜିଲ୍ଲାର କଳା ସଂସ୍କୃତିକୁ ଅଧିକ ଋଦ୍ଧିବନ୍ତ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ, ଆମ କଳା ସଂସ୍କୃତିକୁ ଅନ୍ୟମାନେ ଅନୁସରଣ କରୁଛନ୍ତି, ଏଣୁ ଆମ କଳା ସଂସ୍କୃତିର ଶ୍ରେଷ୍ଠତ୍ୱକୁ ବଜାୟ ରଖିବା ସହିତ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଉଦ୍ୟମ ଜାରି ରଖିବାକୁ କହିଥିଲେ। ଲୋକକଳା ମହୋତ୍ସବ ଆୟଜନ ଦ୍ୱାରା ଜିଲ୍ଲାର କଳା ଓ ସଂସ୍କୃତି ସଂପର୍କରେ ଜନସାଧାରଣ ଅବଗତ ହୋଇ ପାରୁଛନ୍ତି ଓ ଏହାଦ୍ୱାରା କଳା ପ୍ରତିଭା ଲୋକ ଲୋଚନକୁ ଆସିପାରୁଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ କଳାକାର ମାନଙ୍କୁ ସାଧୁବାଦ ଜଣାଇବା ସହ କଳା ଓ ସଂସ୍କୃତିର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତ ବ୍ଲକ୍ କଳା ପରିଷଦର ଉପ-ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଚାଳନ କରିଥିଲେ । ଶେଷରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆଜି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଠାରୁ କଳାକାର ମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପଲ୍ଲିଶ୍ରୀ ମେଳା ପର୍ଯ୍ୟନ୍ତ ଯାଇଥିଲେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ତାଳଚେର, (ସବ୍ୟୁ) : ତାଳଚେର ପିପୁଲସ୍ ଫରମ ଦ୍ୱାରା ପରିଚାଳିତ ମିଶନ ଆଶ୍ରା ଚମ୍ପାପଶି ଠାରେ ତାଲୁକ ଲିଗାଲ ସର୍ଭିସ୍ କମିଟି, ତାଳଚେରର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ କର, ସିନିଅର୍ ସିଭିଲଜଜ୍ ତାଳଚେର, ସ୍ୱର୍ଣ୍ଣ ଲତା ନାୟକ, ଏସଡ଼ିଜିଏମ, ସୁଶାନ୍ତ କୁମାର ନାୟକ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ (ତାଗନିଜେନ୍ସ ଟେକିଙ୍ଗ) ମିଶନ କୃଷ୍ଣା ସୁବୁଧି, ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ ମେଘନା ପଣ୍ଡା, ଆଇନଜୀବୀ ରାହସ ଜେନା, ବାଉରୀବନ୍ଧୁ ବେଜ ଏବଂ ସୁଚିତ୍ରା ସାହୁ ପ୍ରମୁଖ ଉପସ୍ଥିତ ରହି ଅନ୍ତେଃବାସୀଙ୍କ ସହ ବିଶ୍ୱମାନସିକ ଦିବସ ପାଳନ କରିଥିଲେ । ଏହି ଅବସରରେ ପ୍ରଥମେ କେକ୍ କାଟିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ କର କିପରି ନିଜେ ସୁସ୍ଥ ମାନସିକ ଅବସ୍ଥା ନିଜେ ତିଆରି କରି ଖୁସିରେ ରହି ପାରିବା ଅନ୍ତେଃବାସୀ ମାନଙ୍କୁ ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମିଶନଆଶ୍ରାର ସମସ୍ତ କର୍ମଚାରୀମାନେ ସାହାଯ୍ୟ ଓ ସହଯୋଗ କରିବା ସହିତ ସମିତିର ସମ୍ପାଦକ ସୁଭ୍ରାଂଶୁ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବୋଲି ତାଲୁକ ଲିଗାଲ ସର୍ଭିସ୍ କମିଟ ପକ୍ଷରୁ ଜଣାପଡ଼ିଛି ।

## ପାଲଲହଡ଼ା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ
# କଟକ-ଢେଙ୍କାନାଳ ଦ୍ୱିତୀୟ ସେମିଫାଇନାଲ

ପାଲଲହଡା, (ସବ୍ୟୁ) : ଗତ ଆଠ ତାରିଖଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୩୭ତମ ପାଲଲହଡା କପର ଆଜିଥିଲା ପୁଲ ବି ର ଦ୍ୱିତୀୟ ମ୍ୟାଚ । ଆଜିର ଏହି ଚିତାକର୍ଷକ ମ୍ୟାଚର ଖେଳ ଗତବର୍ଷର ପାଲଲହଡା କପ ଚମ୍ପିୟାନ କଟକ ଯୁବଜ୍ୟୋତି କ୍ଲବ ଓ କଳା ବି ଏଫ ଏ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ରେ ଏକ ଏକ ରେ ଖେଳ ଅମୀମାଂଶିତ ରହିଥିଲା । ଶେଷରେ ଟାଇବ୍ରେକର ଜରିଆରେ କଟକ ଯୁବଜ୍ୟୋତି କ୍ଲବ କଳା ବି ଏଫ ଏ କୁ ଚାରି ତିନି ଗୋଲରେ ପରାସ୍ତ କରି ସିଧାସଳଖ ପୁଲ ବି ର ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ଆସନ୍ତାକାଲିର ଦ୍ୱିତୀୟ ସେମିଫାଇନାଲ ଗତବର୍ଷର ଚମ୍ପିୟାନ କଟକ ଯୁବଜ୍ୟୋତି କ୍ଲବ ଏବଂ ଗତକାଲି ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲକୁ ତିନି ଦୁଇ ଗୋଲ ରେ ପରାସ୍ତ କରିଥିବା ଢେଙ୍କାନାଳ ର ପପୁଲାର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସମ୍ପାଦକ ଆଶିଷ କୁମାର ସାମଲଙ୍କ ସୂତ୍ରରୁ ପ୍ରକାଶ ।

ଆଜିର ମ୍ୟାଚକୁ ଜାତୀୟ ସ୍ତରର ଖ୍ୟାତନାମା ରେଫରୀ ଶିବସଙ୍କର ପଣ୍ଡା ପରିଚାଳନା କରୁଥିବାବେଳେ ସହାୟତା ପ୍ରଦାନ କରୁଥିଲେ ସୁଶାନ୍ତ ପାତ୍ର ଓ ସୁଜିତ ରାଜହଂସ ଏବଂ ଚତୁର୍ଥ ରେଫରୀ ଭାବେ ଦାଇତ୍ୱ ନିର୍ବାହ କରିଥିଲେ ସନ୍ତୋଷ ମାଝୀ । ଆୟୋଜକ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ମ୍ୟାଚ ରେ ମୁଖ୍ୟ ଅତିଥି ରୂପେ ବିଜେପି ର ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ଆୟୋଜକ କମିଟି ସଭାପତି ଇଂ ନୀଳାମ୍ବର ପ୍ରଧାନ ଯୋଗଦେଇ ମେନ ଅଫ ଦି ମ୍ୟାଚ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।

## ଲାୟନ୍ସ କ୍ଲବ ଏମପାୱାର ପକ୍ଷରୁ ସୁସ୍ଥ ସପ୍ତାହ ପାଳନ




ବାଲେଶ୍ୱର,(ସବ୍ୟୁ): ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ପକ୍ଷରୁ ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ସପ୍ତାହ ଅଭିମୁଖ୍ୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ସହର ର ମାନସିଂ ବଜାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିଲା। କ୍ଲବର ସଭାପତି ରିତିକ ସିଂ ଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ତରୁଲତା ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରେରଣାଦାୟକ ବକ୍ତା ସରିତା ପରିଡ଼ା ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନସିକ ଦୁଃଶ୍ଚିନ୍ତା ରୁ କିପରି ରକ୍ଷା ପାଇବେ ସେ ନେଇ ବିଭିନ୍ନ ପ୍ରକାର ଉପଦେଶ ଦେଇଥିଲେ। ଯୋଗ ପ୍ରାଣାୟମ ଯୋଗୁଁ ମଣିଷ କିଭଳି ମାନସିକ ସ୍ତରରେ ସୁସ୍ଥ ଅନୁଭବ କରିଥାଏ ସେ ନେଇ ଶ୍ରୀମତୀ ପରିଡ଼ା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଯୋଗ ଶିଖାଇଥିଲେ। ଓ ଉଭଳ ଜଣ କରି କିଭଳି ମନୁଷ୍ୟ ମାନସିକ ସ୍ତରରେ ସୁସ୍ଥ ଅନୁଭବ କରିପାରିବ ସେ ସମ୍ପର୍କରେ ଶ୍ରୀମତୀ ପରିଡ଼ା ପ୍ରଶିକ୍ଷଣ ଦେଇଥିଲେ। କ୍ଲବର ନିର୍ଦ୍ଦେଶକ ସେଖ ଆୟୁବ, ବିଶ୍ୱରୂପ ପରିଡ଼ା, ସେଖ ତାରିକ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ କୌଶଳ ଶିଖାଇଥିଲେ। ଶେଷରେ କ୍ଲବ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କରାଯାଇଥିଲା।

# ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ : ଦୁଇ ଗିରଫ

ଦେବଗ, (ସବ୍ୟୁ): ପ୍ରଥମେ ସୋସିଆଲ ମିଡିଆରୁ ଦୁଇ ଜଣ ଯୁବକ ଙ୍କ ମଧ୍ୟରେ ଗଢ଼ ଉଠିଥିଲା ବନ୍ଧୁତ୍ୱ ସମ୍ପର୍କ। ସମ୍ପର୍କ ନିବିଡ଼ ହେବାର କିଛି ମାସ ପରେ ଦୁଇ ଯୁବକଙ୍କ ମଧ୍ୟରେ ଘରକୁ ଯିବାକୁ ଆସିବା ଚାଲିଥିଲା। ଏହି ବନ୍ଧୁତ୍ୱ ସମ୍ପର୍କ ଭିତରେ ଯୁବକ ଜଣଙ୍କ ଆଖି ପଡ଼ିଥିଲା ବନ୍ଧୁ ଭଉଣୀ ଉପରେ। କିଛିଦିନ କଥାବାର୍ତ୍ତା ପରେ ଯୁବକ ଜଣଙ୍କ ଯୁବତୀକୁ ଏକତରଫା ପ୍ରେମ ନିବେଦନ କରିବା ପରେ ଯୁବତୀ ଅରାଜି ହୋଇଥିଲା। ହେଲେ ଯୁବକ ଯୁବତୀର ପୂର୍ବରୁ ରଖିଥିବା ଫଟୋକୁ ଏଡିଟଙ୍ଗ କରି ଅଶ୍ଳୀଳ ଫଟୋ ଓ ଭିଡିଓ ଜରିଆରେ ସୋସିଆଲ ମିଡିଆରେ ଉପଲୋଡ କରି ଭାଇରାଲ କରିଥିଲା।ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ଘଟଣାକୁ ନେଇ ଯୁବତୀର ବାପା ସୁରେନ୍ଦ୍ର କୁମାର ସେଠୀ ଗତ ୬/୧୦/୨୫ ରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ କେସ ନଂ ୩୭୬/୨୫ ମାମଲା ରୁଜୁ କରି ଏ ଏସ ଆଇ ନରେନ୍ଦ୍ର କୁମାର ରାଉତଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଶ୍ରୀ ରାଉତ ଘଟଣାକୁ ଗୁରୁତ୍ୱର ସହକାରେ ନେବା ସହ ଘଟଣାର ୫ ଦିନ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଓ ଏହାର ସହଯୋଗୀ ଉଭୟଙ୍କୁ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଅଟୋ ନଗରରେ ଏକ ଅଟୋ ମିଲରେ କାମ କରୁଥିବା ବେଳେ ଶନିବାର ଗିରଫ କରି ଧାମନଗର ଥାନା କୁ ଆଣିଥିଲେ।ଅଭିଯୋଗ ମୁତାବକ ଧାମନଗର ଥାନା ଅଧୀନ ଖଡ଼ିପଦା ଅଞ୍ଚଳର ବଲରାମ ସେଠୀ (୨୨) ଏବଂ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅନ୍ତର୍ଗତ ପ୍ରାତିପୁର - ସାଇନୀପଡ଼ା ଗ୍ରାମର ବୃନ୍ଦାବନ ଜେନାଙ୍କ ପୁଅ ପ୍ରକାଶ ଜେନା (୨୩) ଉଭୟ ମଧ୍ୟରେ ଇନଷ୍ଟା ଗ୍ରାମ ସୋସିଆଲ ମିଡ଼ିଆ ମାଧ୍ୟମରେ ପ୍ରଥମ ସମ୍ପର୍କ ହୋଇଥିଲା।ଏହି ଘଟଣାରେ ଜଣେ ଘଟଣା ରେ ଅନ୍ୟ ଜଣେ ସହଯୋଗୀ ଅଭିଯୁକ୍ତ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ନଗପୁର ଗ୍ରାମର ଗୌରାଙ୍ଗ ଜେନା (୨୧) ସଂପୃକ୍ତ ଥିବା ନେଇ ଏ ଏସ ଆଇ ଶ୍ରୀ ରାଉତ ଜାଣିବାକୁ ପାଇଥିଲେ।ପରେ ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଶ୍ରୀ ରାଉତ କହିଛନ୍ତି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଆଇନ ସଚେତନତା ଶିବିର

ଭଦ୍ରକ, (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ଓ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର.ଏସ୍.ଆର.) ର ମିଳିତ ସହଯୋଗରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଚେତନତା ଶିବିର ସି.ଆର.ଏସ୍.ଆର.ର ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିନ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକର ସଚିବ ତଥା ବରିଷ୍ଠ ବିଚାରକ ପୁଣ୍ୟଶ୍ଳୋକ ରଥ ଯୋଗଦାନ କରିଥିଲାବେଳେ ସମ୍ମାନିତ ଅତିଥି ଭାବରେ ପ୍ରତିପକ୍ଷ ଅଧିବକ୍ତା, ଭଦ୍ରକର ଡ଼. ତାପସ କୁମାର ମହାନ୍ତି, ସି.ଆର୍.ଏସ୍.ଆର.ସ୍ୱତନ୍ତ୍ର ବି.ଏଡ଼ କଲେଜର ଅଧ୍ୟକ୍ଷ ଅରୁଣ କୁମାର ଲେଙ୍କା, କ୍ରିଡା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ଓ ସି.ଆର.ଏସ୍.ଆର.ର ମୁଖ୍ୟକାର୍ଯ୍ୟନିର୍ବାହୀ ଡ଼ା. ଭଗବାନ ପରିଡ଼ା ଉପସ୍ଥିତ ରହି ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ଆଲୋଚନା କରିଥିଲେ।ଉକ୍ତ ଶିବିରରେ ୧୬ଜଣ ଉପସ୍ଥିତ ଭିନ୍ନକ୍ଷମମାନଙ୍କୁ ମୋଟରଚାଳିତ ଟ୍ରାଇସାଇକେଲ, ଟ୍ରାଇସାଇକେଲ, କୃତ୍ରିମ ଅଙ୍ଗ, କାଲିପର, ଆଶାବାଡ଼ି, ହୁଇଲଚେୟାର ଇତଯାଦି ବଂଟନ କରାଯାଇଥିଲା। ପରିଶେଷରେ ଏହି କାଯ୍ୟକ୍ରମରେ ଉପସ୍ଥିତଥିବା ମଂଚାସୀନ ଅତିଥି, ଅନ୍ୟାନ୍ୟ ଭଦ୍ରବ୍ୟକ୍ତି, ଅଭିଭାବକ ତଥା ସି.ଆର.ଏସ୍.ଆର.ର ସମସ୍ତ କର୍ମଚାରୀଙ୍କୁ କ୍ରିଡା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରାଯାଇଥିଲା।

## ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ବାହାନଗା,(ସବ୍ୟୁ): ପଣପଣାସ୍ଥିତ କହ୍ନେଇକର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ବାହାନଗା ବ୍ଲକ ସହ ଶିକ୍ଷା ଅଧିକାରୀ ରୋହିଆ ଟୁଡୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଣପଣା ଗ୍ରାମ ପଞ୍ଚାୟତର ସରପଞ୍ଚ ରମାକାନ୍ତ ମଳିକ,ସମିତିସଭ୍ୟା ହିମାନି ମହାପାତ୍ର,ବାହାନଗା ଗୋଷ୍ଠି ସହ ଶିକ୍ଷା ଅଧିକାରୀ ପଦ୍ମଲୋଚନ ଦାସ, ପଣପଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାପସ କୁମାର ପଣ୍ଡା,ସାଧନା କେନ୍ଦ୍ରର ସଂଯୋଜକ ମନ୍ମଥ କୁମାର ସାମଲ, ଆଦି ମଞ୍ଚାସିନ ହୋଇ ଛାତ୍ର ଛାତ୍ରୀଙ୍କ ଉଦେଶ୍ୟରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ପଣପଣା କହ୍ନେଇ କର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଇନ୍ଦ୍ରଜିତ ସାହୁ ମଞ୍ଚ ସଂଯୋଜନା କରିଥିଲେ।ସେହିପରି ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ରାଜନୀତିଜ୍ଞଙ୍କ ପୂର୍ଣଚନ୍ଦ୍ର ମହାପାତ୍ର,ମୁଖ୍ୟ ବକ୍ତାଭାବେ ବୈରାଗୀ ଚରଣ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ଉଦବୋଧନ ଦେଇଥିଲେ। ପରେ ଏହି କାର୍ଯ୍ୟକ୍ରମରେ ପଣପଣା କ୍ଲଷ୍ଟରେ ୧୦ ଗୋଟି ବିଦ୍ୟାଳୟର ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ପରେ ଚିତ୍ରାଙ୍କନ, ସାଂସ୍କୃତିକ ବକ୍ତୃତା, କୁଇଜ, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ, ବିତର୍କ ଆଦିରେ ଅଂଶ ଗ୍ରହଣ କରି ନିଜର ପ୍ରତିଭା ଦେଖାଇଥିଲେ। ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ ,ଦ୍ୱିତୀୟ,ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରିବା ସହିତ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ଲକସ୍ତରକୁ ମନୋନୀତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଭିଜିତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଣି ଗାରେଡ଼ି ସନ୍ଦେହ : ଗଛରେ ବାନ୍ଧି ମାଡ଼ ମହିଳାଙ୍କ ମୃତ୍ୟୁ : ୫ ଗିରଫ

ସୋର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲ୍ଲିକୁଆ ଗ୍ରାମରେ ଗୁଣି ଗାରେଡ଼ି ସନ୍ଦେହରେ ୩ ଜଣଙ୍କୁ ଗଛରେ ବାନ୍ଧି ମାଡ଼ ମରା ଯାଇଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।ମୃତ ମହିଳା ଜଣଙ୍କ ହେଲେ ସୋର ଥାନା ମହୁମୁହାଣ ପଞ୍ଚାୟତ ମଲ୍ଲିକୁଆ ଗ୍ରାମର ଟୁନି ସିଂ(୫୨)। ସୂଚନା ଅନୁସାରେ ଗତ ୧୫ ଦିନ ତଳେ ଏହି ଗ୍ରାମର ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଗୁଣିଗାରେଡ଼ି କାରଣରୁ ଯୁବକଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ଗତ ସେପ୍ଟେମ୍ବର ମାସ ୨୧ ତାରିଖରେ ଗ୍ରାମବାସୀ ମାନେ ଗ୍ରାମର ଲଭଡା ସିଂ, ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂ(୫୨)ଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳକୁ ଯାଇଥିବା ବେଳେ ଗ୍ରାମବାସୀମାନେ ପୁଲିସଙ୍କୁ ମଧ୍ୟ ଅଟକ ରଖିଥିଲେ। ଦୀର୍ଘ ସମୟ ଘଣ୍ଟା ଧରି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିବାରୁ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା। ତତ୍କାଳ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଟୁନି ସିଂ ଓ ମୁନି ସିଂ ଘରେ ରହି ଚିକିତ୍ସିତ ହେଉଥିଲେ।୨୨ ତାରିଖରେ ଟୁନି ସିଂଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ଏ ବାବଦରେ ସେତେବେଳେ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ଟୁନିଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଜଣାପଡ଼ିବା ପରେ ସୋର ପୁଲିସ ରବିବାର ମଧ୍ୟାହ୍ନରେ ୫ ଜଣଙ୍କୁ ଗିରଫ କରି ଚାଲାଣ କରିଥିବା ଜଣାପଡ଼ିଛି।ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ପୁଲିସ ଗ୍ରାମରେ ପହଞ୍ଚି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଗ୍ରାମରେ ଉତ୍ତେଜନା ଦେଖିବାକୁ ମିଳୁଥିବାରୁ ପୁଲିସ ଉପସ୍ଥିତିରେ ମୃତଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି।

## ରାସ୍ତାରେ ପୂଜାରୀଙ୍କୁ ହାଣି ଲୁଟ୍

ସୋର,(ସବ୍ୟୁ):ଦିନ ଦ୍ୱିପ୍ରହରରେ ସୋର ଥାନା ତଲେଶ୍ୱର ଛକ ନିକଟରେ ଜଣେ ପୂଜକଙ୍କୁ ହାଣି ଦୁର୍ବୃତ୍ତମାନେ ଲୁଟ କରିଥିବା ଜଣାପଡ଼ିଛି। ଏଥିରେ ପୂଜକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସୋର ଥାନା ବଡ଼ଖୁଡ଼ି ଗ୍ରାମର ଦୀନବନ୍ଧୁ ପାଣିଗ୍ରାହୀ ଜଣେ ପୂଜକ ଭାବେ ବିଭିନ୍ନ ସ୍ଥାନରେ ପୂଜା କରିବାକୁ ଯାଇଥାନ୍ତି। ଆଜି ମଧ୍ୟାହ୍ନରେ ପୂଜାସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ତଲେଶ୍ୱର ଛକ ନିକଟରେ ତିନିଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ତାଙ୍କ ଅତର୍କିତ ଭାବେ ଆକ୍ରମଣ କରି ତାଙ୍କ ପାଖରେ ଥିବା ଟଙ୍କାକୁ ଲୁଟିନେଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୋର ପୁଲିସର ନିଷ୍କ୍ରିୟତା ପାଇଁ ଦିନ ଦ୍ୱିପ୍ରହରରେ ଅପରାଧୀମାନେ ଏପରି ଅପରାଧ ମାମଲା ଘଟାଉଥିବାରୁ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି।

## ଭଦ୍ରକ ସହରାଞ୍ଚଳ ଥାନା ଏଏସଆଇ ସୁଶାନ୍ତ ନାୟକ ନିଲମ୍ବିତ

ଭଦ୍ରକ, (ସବ୍ୟୁ): ଭଦ୍ରକ ସହରାଞ୍ଚଳ ଥାନା ଏ ଏସ ଆଇ ସୁଶାନ୍ତ ନାୟକ କାର୍ଯ୍ୟରେ ଅବହେଳା ପାଇଁ ଭଦ୍ରକ ଏସପି ମନୋଜ ରାଉତ ସୁଶାନ୍ତ ନାୟକଙ୍କୁ ନିଲମ୍ବିତ କରିଛନ୍ତି।ନିକଟରେ ଭଦ୍ରକ ଗ୍ରାମାଞ୍ଚଳ ଥାନାର ସବ ଇନ୍ସପେକ୍ଟର କାର୍ତ୍ତିକ ଜେନା ନିଲମ୍ବିତ ହୋଇଥିଲେ। ଯୁବକଙ୍କୁ ନକଲି ପୁଲିସ କରି ଏକ ମାମଲାର ତଦନ୍ତ କରିବାକୁ ପଠାଇବା ମାମଲାରେ ଭଦ୍ରକ ଏସପି ମନୋଜ ରାଉତ କାର୍ତ୍ତିକ ଜେନାଙ୍କୁ ନିଲମ୍ବିତ କରିଥିଲେ। ନକଲି ପୁଲିସ ଅଧିକାରୀ ଭାବରେ ଗାଁକୁ ଯାଇଥିବା ଯୁବକ ପିୟୁଷ ପଣ୍ଡା ଙ୍କୁ ଗିରଫ ହୋଇଥିଲେ।

## ଏନଏଚରେ ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର, (ଜିପ୍ର): ଜାତୀୟ ରାଜପଥ(ଏନଏଚ)ରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ହେବା ସହ ଲୋକଙ୍କ ଗମନାଗମନରେ ବାଧା ସୃଷ୍ଟି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ବିଶାଳ ସିଂହ ଜାତୀୟ ରାଜପଥରେ ବେଆଇନ ପାର୍କିଂ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ ପାର୍କିଂ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠି ନମ୍ବର ୫୫୨୯ ତା ୦୩/୧୦/୨୦୨୫ ରେ ଉଲ୍ଲେଖ ରହିଛି । ଜାତୀୟ ରାଜପଥ ୨୦ର ରାମଚନ୍ଦ୍ରପୁର-ରିମୁଳି-ଚମ୍ପୁଆ,ଜାତୀୟ ରାଜପଥ ୪୯ର ତୁରୁମୁଙ୍ଗା ଠାରୁ ବିଞ୍ଜବାହାଲ,ଜାତୀୟ ରାଜପଥ ୫୨୦ର ରିମୁଳି ଠାରୁ ରୁଗୁଡ଼ି,ଜାତୀୟ ରାଜପଥ ୨୨୦ର ଢେଙ୍କିକୋଟ-ପାଟଣା-ସାହାରପଡ଼ା,ନରଣପୁର-ଡୁବୁରୀ,ଜାତୀୟ ରାଜପଥ-୭୨୦ ର ନରଣପୁର ଠାରୁ ବ୍ରାହ୍ମଣୀପାଳ,ପୂର୍ତ୍ତବିଭାଗ ଏକ୍ସପ୍ରେସ ୱେ(୨) ରଣାଶାଳଘାଟିଠାରୁ ଯୋଡ଼ା-ବାମେବାରୀ-ପଳାଶପଙ୍ଗା ରାସ୍ତାରେ ଏହି କଟକଣା ୧ ମାସ ପାଇଁ ଜାରୀ କରାଯାଇଛି ।

## ଖଇରାକୁ ଏନଏସି ଘୋଷଣା ପ୍ରସଙ୍ଗ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗଣଧାରଣା ସ୍ଥଗିତ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ସହର ଏନଏସି ତାଲିକାରୁ ବାଦ ପଡିବା ପରେ ଖଇରାର ସମସ୍ତ ସଙ୍ଗଠନ ସ୍ୱାଭିମାନ ମଞ୍ଚ ବ୍ୟାନରରେ ସେପ୍ଟେମ୍ବର ୧୫ ତାରିଖରୁ ଗଣଧାରଣାରେ ବସି ରହିଥିଲେ । ଶନିବାର ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଫୋନ ମାଧ୍ୟମରେ ଖଇରା କୁ କିଭଳି ଏନଏସି ତାଲିକାରେ ସାମିଲ କରାଯିବ ସେକଥା ସେ ବୁଝିବେ ବୋଲି ମଞ୍ଚକୁ ପ୍ରତିଶୃତି ଦେବା ପରେ ଏବଂ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧାରଣାସ୍ଥଳକୁ ଆସି ଏ ସମ୍ପର୍କରେ ଆଲୋଚନା କରିବା ପରେ ଗଣଧାରଣା ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଏ ସମ୍ପର୍କରେ ସାମ୍ବାଦିକ ମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ମତାମତ ନେବାରେ ଏନଏସି ମାନଦଣ୍ଡ ଆଧାରରେ ଆଉ ଥରେ କାଗଜପତ୍ର ପ୍ରସ୍ତୁତ କରି ପଠାଇବା ପାଇଁ ନିର୍ଦ୍ଦେଶ ଆସିଛି ।ଆଲୋଚନାରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଉପସ୍ଥିତ ଥିଲେ ।

## ସାନପାଟପୁର ଉଚ୍ଚ ନୋଡାଲ ସ୍କୁଲରେ ହୀରକ ଜୟନ୍ତୀ



ନୀଳଗିର,(ସବ୍ୟୁ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମପଞ୍ଚାୟତର ଅବସ୍ଥିତ ସାନପାଟପୁର ଉଚ୍ଚ ନୋଡାଲ ସ୍କୁଲରେ ହୀରକ ଜୟନ୍ତୀ ସମାରୋହ ୨୦୨୬ ନିମନ୍ତେ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଧାରଣସଭା ଛାତ୍ର ସଂସଦର ସଭାପତି ଡ଼ଃ ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଛାତ୍ର ସଂସଦର ବାର୍ଷିକ ବିବରଣୀ ସଂପାଦକ ଜନ୍ମେଜୟ ପଟ୍ଟନାୟକ ପାଠ କରିଥିଲେ । ଆଗାମୀ ଜାନୁଆରୀ ମାସର ୧୦ ଓ ୧୧ ତାରିଖରେ ଦୁଇ ଦିନ ବ୍ୟାପି ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହେଇଥିଲା । ସାଧାରଣ ସମ୍ପାଦକ ଦୀପକ ବେହେରା , ସଂପାଦକ ଶନୈଶ୍ଚ ରଞ୍ଜନ ବେହେରା ,ବିଜୟ ବେହେରା, ମନୋରଞ୍ଜନ ମହାନ୍ତି,ବିଦ୍ୟାଧର ପ୍ରଧାନ, ଅବସର ପ୍ରାପ୍ତ ବିଜେବି କଲେଜର ଅଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ବାରିକ,ଉପଦେଷ୍ଟା ଶରତ ଚନ୍ଦ୍ର ମହାପାତ୍ର,ଗୋଲକ ଜେନା, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହୃଷିକେଶ ପଣ୍ଡା, ପୂର୍ବତନ ଶିକ୍ଷକ ପ୍ରତାପ ଚୈତୁରୀ , ମଧୁସୂଦନ ପାଣିଗ୍ରାହୀ, ରଘୁନାଥ ଜେନା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା,ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଳିକ, କପିଳ ଭୂୟାଁ , ଅନିରୁଦ୍ଧ ବେହେରା ପ୍ରମୁଖ ଉପସ୍ଥିତ ରହି କିପରି ହୀରକ ଜୟନ୍ତୀ ସମାରୋହରେ ପାଳନ ହେବ ସେ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ବହୁ ପୂରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ସମାରୋହକୁ ସରସ ସୁନ୍ଦର କରାଯିବାକୁ ମତବ୍ୟକ୍ତ କରିଥିଲେ । ଉପ ସଭାପତି ରମେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ଧାମନଗର,(ସବ୍ୟୁ):ସ୍ଥାନୀୟ ସରକରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୧୪୮ତମ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ ମୁଖ୍ୟଅତିଥି ଭାବେ,ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ବିଶିଷ୍ଟ ଅତିଥି ଭାବେ ଓ ଶିକ୍ଷାବିତ ମହେଶ୍ୱର ସ୍ୱାଇଁ,ହୃଦାନନ୍ଦ କର,ନିରାକାର ଧଳ,ହୃଷିକେଶ ବେହେରା,ଅଭିମନ୍ୟୁ ମଲ୍ଲିକ,ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ଶଚିକାନ୍ତ ପଣ୍ଡା,ଅଧ୍ୟାପିକା ଡଃ.ହରପ୍ରିୟା ସେଠୀ,ଶିକ୍ଷୟତ୍ରୀ ସୁମତି ନାୟକ,ଆଇନଜୀବୀ ଅମରେନ୍ଦ୍ର ମହାନ୍ତି,ରଞ୍ଜିତ କୁମାର ମହାନ୍ତି,ସମାଜସେବୀ ସଂଜୟ କୁମାର ମିଶ୍ର,ସୁଶାନ୍ତ ରାଉତ,ରାଧେଶ୍ୟାମ ପଣ୍ଡା ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟକାର କୁଳମଣି ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ମନୋଜ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିକି ଭାଙ୍ଗି ଟଙ୍କା ଲୁଟ

ଭଦ୍ରକ,(ସବ୍ୟୁ): ମୋଟର ସାଇକେଲ ଡ଼ିକି ଭାଙ୍ଗି ୪ଲକ୍ଷ ୬୦ହଜାର ଟଙ୍କା ଲୁଟ । ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ବଜାରରେ ଘଟିଛି ଘଟଣା । ଟଙ୍କା ଲୁଟ କରି ଦୁର୍ବୃତ୍ତ ଫେରାର । ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ବରାଳପୋଖରୀ ଅଂଚଳର ଗୌରହରୀ ମହାନ୍ତି ଆଜି ନିଜ ଭଣଜାର ଏଲଆଇସିରେ ଟଙ୍କା ଡିପୋଜିଟ କରିବା ପାଇଁ ସୋର ଯାଇ ତାଙ୍କ ଭଣଜା ଠାରୁ ୪ଲକ୍ଷ ୬୦ହଜାର ଟଙ୍କା ଗୋଟିଏ ବେଗରେ ଭର୍ତି କରି ନିଜ ମୋଟର ସାଇକେଲ ଡ଼ିକି ରେ ରଖି ଚରମ୍ପା ଆସିଥିଲେ । ତେବେ ଚରମ୍ପା ବଜାରରେ ଗୋଟିଏ ଡକୁମେଣ୍ଟ ଜେରକ୍ସ ପାଇଁ ସେ ଜେରକ୍ସ ଦୋକାନୀ ପାଖକୁ ଯାଇଥିଲାବେଳେ ଜଣେ ଦୁର୍ବୃତ୍ତ ହେଲେମେଟ ପିନ୍ଧି ହଟାତ ତାଙ୍କ ଡ଼ିକିକୁ ଭାଙ୍ଗି ଟଙ୍କା ବେଗ ନେଇ ଫେରାର ହୋଇ ଯାଇଛନ୍ତି । ଯାହା ସିସିଟିଭିରେ କଏଦ ହୋଇଛି । ଖବରପାଇ ଭଦ୍ରକ ଟାଉନ ପୋଲିସ ପହଂଚି ଘଟଣାଇ ତଦନ୍ତ ଆରମ୍ଭ କରିଛନ୍ତି ।

## ରଣ ଭାର ନସହି ଯୁବକଙ୍କ ଆତ୍ମହତ୍ୟା

ପାଟଣା,(ସବ୍ୟୁ): ଋଣ ଭାର ସହି ନ ପାରି ଜଣେ ଯୁବକ ଶୁକ୍ରବାର ସକାଳୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ରତନପୁର ଗ୍ରାମରେ ଏହି ଘଟଣା ଘଟିଛି । ଯୁବକ ଜଣଙ୍କ ଘରଠାରୁ କିଛି ଦୂରରେ ଏକ ଆକାଶିଆ ଗଛରେ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ମଙ୍ଗୁଲୁ ବାରିକଙ୍କ ପୁଅ ରସାନନ୍ଦ ବାରିକ (୨୯) । ପରିବାର ଲୋକଙ୍କ ସୂଚନା ଅନୁସାରେ, ରାସାନନ୍ଦ ୫ ମାସ ପୂର୍ବରୁ ଋଣ କରି କିସ୍ତିରେ ଏକ ବାଇକ ଆଣିଥିଲେ। ଉକ୍ତ ଗାଡିର କିସ୍ତି ସୁଝି ନ ପାରିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଘରଠାରୁ କିଛି ଦୂରରେ ଏକ ଆକାଶିଆ ଗଛରେ ଏପରି କାଣ୍ଡ ଘଟାଇଥିଲେ ।


## ମୋ ସ୍ୱପ୍ନର ଓଡିଶା ଶିଶୁ ମହୋତ୍ସବ 'ସୁରଭି 'ରେ ୪୮୦ ଛାତ୍ରଛାତ୍ରୀ

ଭୋଗରାଇ,(ସବ୍ୟୁ): ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ଅଧୀନ ଶ୍ରୀକାନ୍ତ ମୋକ୍ଷଦା ସରକାରୀ ହାଇସ୍କୁଲ ବହ୍ଲାରପୁରରେ ଶ୍ରୀବତ୍ସପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଶନିବାର ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ 'ସୁରଭି ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଉକ୍ତ ସ୍କୁଲ ର ପ୍ରଧାନଶିକ୍ଷକ ଗୋପାଳ ମହାନ୍ତି ସଭାପତିତ୍ୱରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରିଥିଲେ। ମଙ୍ଗଳାଚରଣ କରିଥିଲେ ଶିକ୍ଷୟିତ୍ରୀ ସାଗତିକା ଦାସ । ପୂର୍ବତନ ସି ଆର ସି ସି ଗୌତମ କୁମାର ଦତ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।ସୁରଭିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ ସି ଆର ସି ସି ଚନ୍ଦନ କୁମାର ଜେନା। ମୁଖ୍ୟ ଅତିଥି ଭାବେ ବିଇଓ ନିହାର ରଞ୍ଜନ ଦାସ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ବିଶିଷ୍ଟ ସାମାଜିକ କର୍ମୀ ଅଂଶୁମାନ ମହାନ୍ତି,ସରପଞ୍ଚ ସରସତୀ କରଣ, ପୂର୍ବତନ ସିଆରସିସି ଜୟନ୍ତୀ ପାତ୍ର, ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତ,ସାମାଜିକ କର୍ମୀ ସୁବଳ ଚନ୍ଦ୍ର ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପାତ୍ର ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ନିମନ୍ତେ ପ୍ରାଥମିକ ସ୍ତରରେ ସୁରଭିର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତାମାନେ ମତ ପ୍ରକାଶ କରିଥିଲେ ।ଧନ୍ୟବାଦ ଦେଇଥିଲେ ଶିକ୍ଷକ ଜୟନ୍ତ କୁମାର ପଣ୍ଡା ।ଏହି କ୍ଲଷ୍ଟର ଅଧୀନରେ ୪୮୦ ଜଣ ବରିଷ୍ଠ ଓ କନିଷ୍ଠ ବିଭାଗର ୧୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଦକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ କରାଯାଇ ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ସଂଗୀତ ପ୍ରଦର୍ଶନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବିଦ୍ୟୁତ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଦହୁଆମୁଣ୍ଡା ଗ୍ରାମରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।ମୃତ ଯୁବକ ଜଣକ ହେଲେ ଗ୍ରାମର ସ୍ୱର୍ଗତ ବାଣେଶ୍ୱର ଧୀବରଙ୍କ ପୁଅ ନରୋତ୍ତମ ଧୀବର(୨୭)।ଶନିବାର ଅପରାହ୍ନରେ ସେ ଗ୍ରାମର ଜୈନକ ବ୍ୟକ୍ତିଙ୍କ ପୋଖରୀରେ ମାଛ ଚୋରି ରୋକିବା ପାଇଁ ଏକ ଉଚ୍ଚା କଞ୍ଚା ବାଉଁଶ ପକାଇବା ବେଳେ ଅସାବଧାନତା ବଶତଃ ପୋଖରୀ ଉପରେ ଯାଇଥିବା ୪୦୦ କେଭି ଉଚ୍ଚ ବିଦ୍ୟୁତ ଲାଇନ ସଂସ୍ପର୍ଶରେ ଆସିଯାଇଥିଲେ।ଫଳରେ ଘଟଣାସ୍ଥଳରେ ନରୋତ୍ତମଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଖରୀ ମାଲିକ ଗୁରୁତର ଅବସ୍ଥାରେ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।ଖବର ପାଇ ତେଲକୋଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ଶୁଭାଶିଷ ଧରଣୀଧର ବିଶ୍ୱ ବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ



କେନ୍ଦୁଝର, (ଜିପ୍ର/ସବ୍ୟୁ):ଡକ୍ଟର ଶୁଭାଶିଷ ଦାସଙ୍କୁ ଧରଣୀଧର ବିଶ୍ୱ ବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ଚୟନ କରାଯାଇଛି । ଉଚ୍ଚ ଶିକ୍ଷା ବିଭାଗର ଅନୁମୋଦନ କ୍ରମେ ତାଙ୍କୁ ୪ବର୍ଷ ପାଇଁ ଏହି ନିଯୁକ୍ତି ମିଳିଛି । ଏଥିପାଇଁ ସେ କୁଳପତି ଏବଂ କୁଳ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ଦାସ ଆରଡେଣ୍ଟ ଷ୍ଟିଲର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅଛନ୍ତି । ଡକ୍ଟର ଦାସଙ୍କ ଶିକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ତାଙ୍କୁ ଏହି ନୂତନ ନିଯୁକ୍ତି ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।ସିଣ୍ଡିକେଟ ବିଶ୍ୱ ବିଦ୍ୟାଳୟର ଶୀର୍ଷ କମିଟି ହୋଇଥିବାବେଳେ ଏଥିରେ ବିଶ୍ୱ ବିଦ୍ୟାଳୟର ବିକାଶ ମୂଳକ କାର୍ଯ୍ୟର ଖସଡା,ବିଶ୍ୱବିଦ୍ୟାଳୟ ଅଧିନରେ ମହାବିଦ୍ୟାଳୟ ଗୁଡିକ ପାଇଁ ଶିକ୍ଷା ଖସଡା ପ୍ରସ୍ତୁତି,ପରୀକ୍ଷା ପ୍ରଣାଳୀରେ ସଂସ୍କାର,ପରୀକ୍ଷା ଫଳ ଶୀଘ୍ର ପ୍ରକାଶ ପାଇଁ ପଦକ୍ଷେପ,ଅନ୍ୟ ସୁନାମଧନ୍ୟ ବିଶ୍ୱ ବିଦ୍ୟାଳୟ ସହ ସମକକ୍ଷ କାର୍ଯ୍ୟକ୍ରମ,ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଯୋଜନା,କର୍ମଚାରୀମାନଙ୍କ ଅଭାବ ଅସୁବିଧା ପୂରଣ ପାଇଁ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦିଆଯାଇଥାଏ । ଡକ୍ଟର ଦାଶ ଦୀର୍ଘ ୬ ବର୍ଷ ହେବ କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜର ପରିଚାଳନା କମିଟି ସଦସ୍ୟ ଅଛନ୍ତି । ତାଙ୍କ ଉଦ୍ୟମରେ ବଡ ବଡ କମ୍ପାନୀମାନେ କ୍ୟାମ୍ପସ ଚୟନ ଦ୍ୱାରା ଏଠାରୁ ନିଯୁକ୍ତି ଦିଆଯାଇଛି । ଏହାସହିତ ତାଙ୍କ କାର୍ଯ୍ୟକାଳ ସମୟରେ ଜିସିଇରେ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରୀୟ ସେମିନାର କରାଯାଇ ଛାତ୍ରଛାତ୍ରୀଙ୍କ ମାନଙ୍କର ଦକ୍ଷତା ବିକାଶ କରାଯାଇପାରିଛି ।

## ବ୍ଲକରେ ସରକାରୀ କାଗଜପତ୍ରକୁ ଧରି ବୁଲୁଛନ୍ତି ଅଣ କର୍ମଚାରୀ

ବାହାନଗା,(ସବ୍ୟୁ): ଦିନକୁ ଦିନ ବାହାନଗା ବ୍ଲକରେ ଅଣ କର୍ମଚାରୀ ଓ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି।ଏପରି ଏକ ଅଦ୍‌ଭୁତ ଦୃଶ୍ୟ ଦେଖିବାକୁ ମିଳିଛି ଏହି ବ୍ଲକରେ । ଶୁକ୍ରବାର ଅପରାହରେ ଜଣେ ବ୍ୟକ୍ତି ସରକାରୀ କର୍ମଚାରୀ ନହୋଇ କାଯ୍ୟାଳୟର ବହୁ ମୂଲ୍ୟବାନ ସରକାରୀ କାଗଜପତ୍ର ହାତରେଧରି ବୁଲୁଥିବାର ଦେଖିବାକୁ ମିଳିଥିଲା। ସର୍ବୋପରି କାର୍ଯ୍ୟ ଫାଇଲ ସହ ମେଜର ମେଣ୍ଟ ବହିକୁ ହାତରେ ଧରି ଯନ୍ତ୍ରୀଙ୍କ କାର୍ଯ୍ୟଳୟ ଭିତରେ ବୁଲୁଥିବାର ଦେଖିବାକୁ ମିଳିଛି।ଏଠି ପ୍ରଶ୍ନ ଉଠେ ଫାଇଲ ଏବଂ ଏମ ବି ସରକାରୀ ଯନ୍ତ୍ରୀ କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ନରହି କିପରି ,ସରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଦଲାଲଙ୍କ ହାତକୁ ଟେକି ଦିଆଯାଉଛି।ସରକାରୀ କର୍ମଚାରୀଙ୍କ ଉପରେ ଅଧିକାରୀଙ୍କ ଛାଟ ବସୁନଥିବାରୁ କର୍ମଚାରୀମାନେ ଅଣଗୁରିଆମୀ ପାଲଟିବାକୁ ବସିଲେଣି। ଆଉ କେତେକ କ୍ଷେତ୍ରରେ ଯଦି ମହିଳା ସରକାରୀ କାର୍ଯ୍ୟରେ ଯୋଗ ଦେଉଛନ୍ତି ତାଙ୍କ ସ୍ଥାନରେ ତାଙ୍କ ସ୍ୱାମୀମାନେ ପ୍ରତିନିଧି ହୋଇ ଗାଦିରେ ବସି କାର୍ଯ୍ୟକରୁଛନ୍ତି।ନାଁ ବିଗତ ୧ ବର୍ଷ ଭିତରେ ବ୍ଲକ ପରିସରରେ ଏ ବାବଦରେ ଯାଞ୍ଚ କଲେ ମାଳମାଳ ସ୍ୱାମୀ ମାନେ ବା ଦଲାଲ,ବା କୁଜିନେତା କାର୍ଯ୍ୟକରୁଥିବାର ନଜୀରକୁ ଆସିବ। ତେବେ ଏ ବାବଦରେ ଆମେ ବହାନଗା ଗୋଷ୍ଠି ଉନ୍ନୟନ ଅଧିକାରିଣୀ ଶୁଭଶ୍ରୀ ଟୁଡୁଙ୍କ ମତାମତ ନିଆ ଯିବାକୁ ଉଦ୍ୟମ କରାଯାଇଥିବା ବେଳେ ତାହା ସମ୍ଭବ ହୋଇ ପାରିନି।

## ଏଫଏମ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମନୋସ୍ୱାସ୍ଥ୍ୟ ଦିବସ ପାଳନ




ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ପ୍ରୟୋଗୀକ ମନୋବିଜ୍ଞାନ ବିଭାଗ ଦ୍ୱାରା ବିଶ୍ୱ ମନୋସ୍ୱାସ୍ଥ୍ୟ ଦିବସ-୨୦୨୫ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାରେ ନିଜ ଉଦବୋଧନରେ କହିଲେ, ମନୋସ୍ୱାସ୍ଥ୍ୟ କେବଳ ଏକ ବ୍ୟକ୍ତିଗତ ଚିନ୍ତା ବିଷୟ ନୁହେଁ, ଏହାକୁ ହୃଦୟଙ୍ଗମ କରିବା ସମସ୍ତଙ୍କ ସାମୂହିକ ଦାୟିତ୍ୱ। ଶିକ୍ଷକ ଓ ଶିକ୍ଷାର୍ଥୀ ଭାବେ ଆମେ ସହାନୁଭୂତି ସହ ଅନ୍ୟକୁ ଶୁଣିବା ଓ ସହଯୋଗର ପରିବେଶ ସୃଷ୍ଟି କରିବା ଦ୍ୱାରା ସମାଜର ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିବ ତଥା ମାନସିକ ସୁସ୍ଥତା ସହ ମାନବିକତାର ଶକ୍ତିକୁ ସୁଦୃଢ଼ କରିବା ଆବଶ୍ୟକ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ପ୍ରଫେସର ଉଦୟନାଥ ଦାଶ, ପୂର୍ବତନ ପ୍ରଫେସର, ଉତ୍କଳ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ନିଜ ଅଭିଭାଷଣରେ – ଶୁଣିବା, ଶିଖିବା ଓ ଯତ୍ନଶୀଳ ହେବା ବିଷୟରେ ଅତ୍ୟନ୍ତ ଗଭୀର ଓ ପ୍ରେରଣାଦାୟକ ବ୍ୟାଖ୍ୟାନ ଦେଇଥିଲେ। ସେ ଆଗାମୀ ପିଢ଼ୀ ପାଇଁ ସହାନୁଭୂତିଶୀଳ ଓ ଶୁଣିବା ଶକ୍ତିକୁ ମୂଲ୍ୟବାନ ମନୋସଂସ୍କୃତି ଭାବେ ବିକଶିତ କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ।ସମ୍ମାନନୀୟ ଅତିଥି ଭାବେ ଡ଼କ୍ଟର ସୋମଦେବ ମିତ୍ର ଯୋଗଦେଇ, ମନୋସ୍ୱାସ୍ଥ୍ୟ ଯନ୍ତ୍ରଣାରୁ ସମୃଦ୍ଧି ପର୍ଯ୍ୟ ଯାତ୍ରା ବିଷୟରେ ଅତ୍ୟନ୍ତ ସୁବୋଧ ଓ ଦୃଷ୍ଟାନ୍ତମୂଳକ ଉପସ୍ଥାପନା କଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପରିକଳ୍ପନାରେ ୧୧ ଅକ୍ଟୋବରରେ ବିଭାଗ ପକ୍ଷରୁ ଶୁଣିବା ଦକ୍ଷତା ପରାମର୍ଶ ଓ ମନୋନିଦାନର କେନ୍ଦ୍ରବିନ୍ଦୁ ନାମକ ଜାତୀୟ କାର୍ଯ୍ୟଶାଳା ଆୟୋଜନ କରାଯାଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମଟି, ମୁଖ୍ୟ ପ୍ରଯୋଜକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ (କୁଳପତି), ପ୍ରଯୋଜକ ପ୍ରଫେସର ଭାସ୍କର ବେହେରା ( ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ), ସମ୍ପାଦିକା ଡ଼କ୍ଟର ରାଜଶ୍ରୀ ଦତ୍ତ (ସଂଯୋଜିକା, ପ୍ରୟୋଗୀକ ମନୋବିଜ୍ଞାନ ବିଭାଗ), ଓ ସହସମ୍ପାଦକ ଶଶାଙ୍କ ଶେଖର ଗଡନାୟକ, ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମାଳ। ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକାମାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ମନୋସ୍ୱାସ୍ଥ୍ୟ ହେଉଛି ମାନବ ଉନ୍ନତି ଓ ସମାଜିକ ସମନ୍ୱୟର ମୂଳ ଭିତ୍ତି – ବାର୍ତ୍ତାକୁ ନେଇ ଏହି ଦିବସ ପାଳନ ଦ୍ୱାରା ଫକୀରମୋହନ ବିଶ୍ୱବିଦ୍ୟାଳୟର ମନୋସାକ୍ଷରତା, ସୁସ୍ଥ ମାନସିକତାର ଗଠନ ଓ ସମାବେଶୀ ସେବା ପ୍ରତି ଗ୍ରହିତ ପଦକ୍ଷେପଗୁଡ଼ିକୁ ପ୍ରତିପାଦନ କରାଯାଇଛି।

# ବରିଷ୍ଠମାନେ ସମାଜର ଶ୍ରେଷ୍ଠ ସମ୍ପଦ

ଭଦ୍ରକ, (ସବ୍ୟୁ): ବରିଷ୍ଠମାନେ ସମାଜର ଶ୍ରେଷ୍ଠ ସମ୍ପଦ । ତେଣୁ ତାଙ୍କ ପ୍ରତି ଅବହେଳା,ଅନାଦାରକୁ ଉପେକ୍ଷା ସମୀଚୀନ ନୁହେଁ। ଏବେର ସମାଜରେ ନାନାଦି ନକାରାତ୍ମକ କାରଣରୁ ଅବକ୍ଷୟମୁଖୀ ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ ହେଉଥିବା ଯୁଗ ଯନ୍ତ୍ରଣାରେ ପରିଣତ ହେବା ଆଦୌ ଶୁଭ ସଙ୍କେତ ନୁହେଁ। ସେମାନଙ୍କ ପ୍ରତି ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ବିଶେଷକରି ଆଜିର ଯୁବଗୋଷ୍ଠୀ ମଧ୍ୟରେ ସଚେତନତାର ଯଥେଷ୍ଟ ଆବଶ୍ୟକ ଅଛି ବୋଲି ଭଦ୍ରକ ଜିଲ୍ଲା ପ୍ରସାଶନ ଆନୁକୁଲ୍ୟରେ ଶହିଦ୍ ସ୍ମୃତି ଭବନରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କାଯ୍ୟକ୍ରମରେ ଯୋଗଦେଇଥିବାଅତିଥିବୃନ୍ଦ ନିଜ ନିଜ ବକ୍ତବ୍ୟରେ ଏହା ପ୍ରକାଶ କରିବା ସହିତ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା,ଭବନ ନିର୍ମାଣ,ସରକାରୀ ସୁବିଧା ସୁଯୋଗ ଆଦି ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ସମ୍ମାନିଥ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ଅତିରିକ୍ତ ଏସପି ସମ୍ବିତ କୁମାର ମାଝୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଧୀର ରଞ୍ଜନ ନାୟକ,ସ୍ୱାଧିନତା ସଂଗ୍ରାମୀ ବ୍ରଜକିଶୋର ରାଉତ,ବରିଷ୍ଠ ନାଗରିକ ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି,ସଂପାଦକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଦଗେଇ ଦିବସ ପାଳନ ଭିତ୍ତିକ ବର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଦିବସ ପାଳନ କାର୍ଯ୍ୟକ୍ରମ ଆଭିମୁଖ୍ୟ ଓ ବରିଷ୍ଠମାନଙ୍କ ପାଇଁ ଅଭିପ୍ରେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଉପାଦେୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରାକ୍ତନ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଜିଲ୍ଲାରେ ଗଠିତ ୨୪ଟି ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ୪୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କ ମଧ୍ୟରୁ ୫୦ଜଣ ବରିଷ୍ଠ ନାଗରିକଙ୍କୁ ସାଲ ଓ ମାନପତ୍ର ପ୍ରଦାନ କରାଯାଇ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବ୍ଲକ ଓ ଜିଲ୍ଲାସ୍ତରରେ ଆୟୋଜିତ ହାଇସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ପ୍ରାକ୍ତନ କ୍ରୀଡା,ସ୍ୱଳ୍ପ ସଂଚୟ ଅଧିକାରୀ ପଦ୍ମନ ରାୟ ଆନୁଷ୍ଠାନିକଭାବେ ଧନ୍ୟବାଦ ପ୍ରଦାନ କରିଥିଲେ। ରାଜନେତା କର୍ମୀ ସମାଜସେବୀ ବରିଷ୍ଠ ନାଗରିକ ସଂଘର ପରାମର୍ଶଦାତା

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୬୧)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜ୍ଜୁନ ତିଷ୍ଠତି ।**
**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ॥ ୬୧ ॥**

( ତଦେବଂ ଶ୍ଳୋକଦ୍ୱୟେନ ସାଂଖ୍ୟାଦିମତେନ ପ୍ରକୃତିପାରତନ୍ତ୍ର୍ୟଂ ସଭାମପାରତନ୍ତ୍ର୍ୟଂ ଚୋକ୍ତଂ, ଇଦାନୀଂ ସ୍ୱମତମାହ ଦ୍ୱାଭ୍ୟାଂ)– ହେ ଅର୍ଜ୍ଜୁନ ! ଈଶ୍ୱରଃ (ଅନ୍ତର୍ଯ୍ୟାମୀ ପୁରୁଷଃ) ମାୟୟା (ନିଜଶକ୍ତ୍ୟା) ଯନ୍ତ୍ରାରୂଢ଼ାନି ( ଶରୀରସ୍ଥାନି) ସର୍ବଭୂତାନି (ଦେହାଭିମାନିନୋ ଜୀବାନ୍) ଭ୍ରାମୟନ୍ (ତତ୍କର୍ମ୍ମସୁ ପ୍ରବର୍ତ୍ତୟନ୍) ସର୍ବଭୂତାନାଂ ହୃଦ୍ଦେଶେ (ଅନ୍ତଃକରଣେ) ତିଷ୍ଠତି ॥ ୬୧ ॥

# ବରିଷ୍ଠ ନାଗରିକ ଓ ଆମେ

ଗତ ୨୦୨୧ର ଏକ ସୂଚନା ଅନୁସାରେ ଭାରତରେ ୧୩୮ ନିୟୁତ ବରିଷ୍ଠ ନାଗରିକ ବା ବୟସ୍କ ଲୋକ ଅଛନ୍ତି । ଭାରତ ଯେତେବେଳେ ସ୍ୱାଧୀନତାର ଶତବାର୍ଷିକ ପାଳନ କରିବ, ୨୦୫୦ ମସିହାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩୦୦ ନିୟୁତ ହେବ ବୋଲି ଆକଳନ କରାଯାଇଛି । ଓଡ଼ିଶାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା କେତେ ତାହା ସହଜରେ ଜଣା ପଡୁନାହିଁ । ଅତୀତରେ ଯେଉଁମାନେ ଯୁବକ ବା ଯୁବତୀ ଥିଲେ, ଏବେ ସେମାନେ ବରିଷ୍ଠ ନାଗରିକ । ସମୟ ବଦଳୁଛି । ଅନୁଧ୍ୟାନରୁ ମଧ୍ୟ ଜଣାଯାଇଛି ଯେ ଜିନ୍ କାଲମେଣ୍ଟ ନାମକ ଜଣେ ବ୍ୟକ୍ତି ୧୨୨ ବର୍ଷ ଓ ୧୬୪ ଦିନ ପର୍ଯ୍ୟନ୍ତ ବଞ୍ଚିଥିଲେ । ଯଦିଓ ବୈଜ୍ଞାନିକମାନେ ଦର୍ଶାଇଥିଲେ ଯେ ସମୁଦାୟ ଜୀବନଯାପନର ବୟସ ସୀମା ୧୫୦ ବର୍ଷ । ଅବଶ୍ୟ ଏ ବିଷୟରେ ଗବେଷଣା ଜାରି ରହିଛି । ସାଧାରଣ ଭାବେ ପୁରୁଷମାନଙ୍କ କ୍ଷେତ୍ରରେ ଜୀବନଧାରଣର ବୟସ ସୀମା ୭୦ ବର୍ଷ ରହିଥିବାବେଳେ ମହିଳାମାନଙ୍କର ଏହି ସୀମା ୭୫ ବର୍ଷ ବୋଲି କୁହାଯାଇଛି । ଅର୍ନ୍ତଜାତୀୟ ସୂଚନା ଅନୁସାରେ ବଞ୍ଚିବାର ହାରାହାରି ବୟସ ସୀମା ୭୨ ବର୍ଷ ବୋଲି ମଧ୍ୟ କୁହାଯାଇଛି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଇ ଗତ ସେପ୍ଟେମ୍ବର ୧୭ ତାରିଖରେ ୭୫ ବର୍ଷରେ ପଦାର୍ପଣ କରିଛନ୍ତି । ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିବା ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । ସେହିପରି ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ୧୯୫୮ ମସିହା ଜୁନ୍ ୨୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବୟସ ମଧ୍ୟ ୬୭ ବର୍ଷ । ଉଭୟ ବରିଷ୍ଠ ନାଗରିକ । ଭାରତରେ ଅଧିକାଂଶ ମନ୍ତ୍ରୀ ଓ ଅନ୍ୟାନ୍ୟ ପଦାଧିକାରୀ ବରିଷ୍ଠ ନାଗରିକ । ୬୦ ବର୍ଷ ପରେ ସରକାରୀ ଚାକିରିରୁ ଅବସର ନେବା ବୟସ । ଅବଶ୍ୟ ଉଚ୍ଚ ନ୍ୟାୟାଳୟ ବା ଶୀର୍ଷ ନ୍ୟାୟାଳୟରେ କାର୍ଯ୍ୟରତ ବିଚାରପତି ବା ଡାକ୍ତରମାନଙ୍କ ଅବସର ବୟସ ସୀମା ଅଧିକ । କେତେକ କ୍ଷେତ୍ରରେ ସରକାର କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ଦୃଷ୍ଟିରୁ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଇ ଥାଆନ୍ତି । ଦେବା କଥା ମଧ୍ୟ । ନୂତନ ଅଧିକାରୀ ବା କର୍ମଚାରୀମାନଙ୍କୁ ସେମାନେ ପଥ ପ୍ରଦର୍ଶନ କରିଥା'ନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସିଭିଲ ସର୍ଭିସରେ ଥିବା ଅଧିକାରୀମାନେ ରଖିଥିବା ପରୀକ୍ଷା ନମ୍ବର ଭିତ୍ତିରେ ପଦୋନ୍ନତି ଦେବା ବିଷୟ ଚାହିଁ ନଥିଲେ । ବରଂ କାର୍ଯ୍ୟଦକ୍ଷତାକୁ ଗୁରୁତ୍ୱ ଦେଇ ସେମାନଙ୍କ ପଦୋନ୍ନତି ପକ୍ଷରେ ସେ ମତ ଦେଇଥିବା କଥା ମନେ ପଡୁଛି ।

ବରିଷ୍ଠ ନାଗରିକମାନେ ଅଧିକ କାଳ ବଞ୍ଚି ରହିବାକୁ ବୋନସ୍ ବୋଲି ମନେ କରନ୍ତି । ନିଜ ନିଜ ପିଲାଛୁଆଙ୍କ ପ୍ରତି ସେମାନଙ୍କ କର୍ତ୍ତବ୍ୟ ଶେଷ ହୋଇଥିଲେ ମଧ୍ୟ ସେମାନଙ୍କ ନାତି ଓ ନାତୁଣୀଙ୍କୁ ଗଢ଼ିବାରେ ମଧ୍ୟ କର୍ତ୍ତବ୍ୟ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଥରେ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଜେଜେମା' ଓ ଜେଜେବାପାଙ୍କ ଠାରୁ ସେମାନଙ୍କ ଅନୁଭୂତି ଓ କାହାଣୀ ସବୁ ଶୁଣିବା କଥା କହିଥିବା ପରି ମନେ ପଡୁଛି ।

୧୯୯୪ ମସିହାର କଥା । ଜୀବ ବିଜ୍ଞାନ ପ୍ରତିଷ୍ଠାନ (Life Science Institute) ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନରେ ଥାଏ । ଭୁବନେଶ୍ୱରର ଶହୀଦ ନଗରରେ ଗୋଟାଏ ଭଡ଼ା ଘରେ ଅଫିସ ଓ ଲାବରେଟୋରୀ ଥାଏ । ଏବେ ତାହା କେନ୍ଦ୍ର ସରକାରଙ୍କ ଅଧୀନରେ । ଜଣେ ଲେଖକ ବନ୍ଧୁ ମାନସ ଦାସ କହିବାରୁ ପ୍ରତିଷ୍ଠାନର ତତ୍କାଳୀନ ନିର୍ଦ୍ଦେଶକ ଡକ୍ଟର ମଧୁସୂଦନ କାନୁନ୍‌ଗୋଙ୍କୁ ଭେଟିଲୁ । ଲେଖକ ବନ୍ଧୁଙ୍କ ସାନ ଭାଇ ସେଠାରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଜଣେ ବଡ଼ ବୈଜ୍ଞାନିକ ଥିଲେ ଡକ୍ଟର ମଧୁସୂଦନ କାନୁନ୍‌ଗୋ । ସେ ଖୁବ୍ ଖୁସି ହେଲେ ଆମକୁ ଦେଖି । ତାଙ୍କ ସହ ଏକ ସାକ୍ଷାତ୍କାର ପ୍ରକାଶ କରିବାକୁ ଚାହିଁବାରୁ ସେ ପ୍ରଥମେ ରାଜି ହେଲେ ନାହିଁ । ପରେ କିନ୍ତୁ ରାଜି ହେଲେ । ସେତେବେଳେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ବୟସ (Aging)ଉପରେ ଗବେଷଣା କରୁଥାନ୍ତି । ଜଣେ ବ୍ୟକ୍ତି କିପରି ଯୁବସୁଲଭ ବ୍ୟକ୍ତି ଭାବରେ ଅଧିକ ଦିନ ରହିବ ଓ ଅଧିକ କିଛି ବର୍ଷ ବଞ୍ଚି ରହିବ, ତାହା ଥିଲା ତାଙ୍କ ଗବେଷଣାର ବିଷୟବସ୍ତୁ । ମୋ' ସାକ୍ଷାତ୍କାର ସେତେବେଳେ ଓଡ଼ିଶାର ସର୍ବାଧିକ ପ୍ରସାରିତ ଏକ ସାପ୍ତାହିକୀ (ଓଡ଼ିଆ)ରେ ପ୍ରକାଶ ପାଇଥିଲା ଓ ମୋର ସାମ୍ବାଦିକ ବନ୍ଧୁ ଲଳିତ ପଟ୍ଟଯୋଶୀଙ୍କର ସାକ୍ଷାତକାରଟିଏ ବି 'ଦି ଉଇକ୍' (The Week) ସାପ୍ତାହିକ ଇଂରାଜୀ ପତ୍ରିକାରେ ପ୍ରକାଶ ପାଇଥିଲା । ଡଃ କାନୁନ୍‌ଗୋଙ୍କ ଦେହାନ୍ତ ହୋଇଛି ଅନେକ ବର୍ଷ ତଳେ । ସେହି ଓଡ଼ିଆ ବୈଜ୍ଞାନିକଙ୍କୁ ଓଡ଼ିଶାରେ ପଚାରିଲା କିଏ ? ତାଙ୍କର ମୃତ୍ୟୁ ସମ୍ପର୍କରେ ଗୋଟିଏ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଏକ ଖବରକୁ ପଢ଼ି ଖୁବ୍ ଦୁଃଖ ଲାଗିଥିଲା ମୋତେ ସେ ଦିନ ।

ବରିଷ୍ଠ ନାଗରିକମାନଙ୍କ ପାଇଁ ଆମର ଓ ଆମ ସରକାରଙ୍କର ଅନେକ କର୍ତ୍ତବ୍ୟ ରହିଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସେବା ଓ ଦୁର୍ନୀତି



## ରୁଚିର କୁମାର ପାଣିଗ୍ରାହୀ

ମଣିଷର ଇଚ୍ଛା ଅସୀମ ଅଟେ । କେତେକ ସର୍ବନିମ୍ନ ଆବଶ୍ୟକତାରେ ସନ୍ତୁଷ୍ଟ ନହୋଇ ସୁଖ-ସ୍ୱାଚ୍ଛନ୍ଦଭରା ଜୀବନ ଅତିବାହିତ କରିବା ପାଇଁ ବ୍ୟଗ୍ର ହୁଅନ୍ତି । ତେଣୁ ନିଜର ରୋଜଗାର ସୀମା ଓ କ୍ଷମତାକୁ ଟପି ଯେନତେନ ଉପାୟରେ ଅଧିକ ଆୟ ପାଇଁ ବ୍ୟସ୍ତ ହୋଇପଡନ୍ତି । ବ୍ୟବସାୟ, ବୃତ୍ତି, ଚାକିରି ବା ରାଜନୀତି କରୁଥିବା ବ୍ୟକ୍ତିଟି ଅସତ୍ ଉପାୟରେ ଧନ ଅର୍ଜନ କରିବାକୁ ଲାଗିପଡନ୍ତି । ତେଣୁ ଦୁର୍ନୀତି କରିବାକୁ ବାଧ୍ୟ ହୁଅନ୍ତି । ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ବା ନିମ୍ନ ଆୟକାରୀ ବ୍ୟକ୍ତି କାର୍ କିଣି ଚଢ଼ିବା, ଉଚ୍ଚ ପଦସ୍ଥ କର୍ମଚାରୀ ସହରରେ ଜମି ଓ ଘର ତୋଳିବା ସହ ସନ୍ତାନମାନଙ୍କୁ ଅଧିକ ଖର୍ଚ୍ଚ କରି ଘରୋଇ ବା ବିଦେଶ ଅନୁଷ୍ଠାନରେ ପାଠ ପଢ଼ାଇବା, ରାଜନୀତି କରୁଥିବା ବ୍ୟକ୍ତି ନିର୍ବାଚନ ଜିତିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା, ବ୍ୟବସାୟୀମାନେ ଅଧିକ ଲାଭ ପାଇବା ପାଇଁ ଗ୍ରାହକଙ୍କୁ ଠକିବା ଓ ବୃତ୍ତିଧାରୀମାନେ ଉଚିତ୍ ସେବା ପ୍ରଦାନ ନକରି କେବଳ ସମ୍ପତ୍ତି ବୃଦ୍ଧିରେ ଲାଗିପଡିବା ଯୋଗୁଁ ଦୁର୍ନୀତିର ପରିପ୍ରକାଶ ହୋଇଥାଏ ।

ଏବେ ଓଡିଶାରେ ସରକାରୀ ଚାକିରୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷାରେ ବହୁ କୋଟି ଟଙ୍କା ଦୁର୍ନୀତିର ପର୍ଦାଫାସ ହୋଇଅଛି । ସରକାର ଚାକିରି ଯେ ସୁଖପ୍ରଦ, ଦରମା ବ୍ୟତୀତ ଦୁର୍ନୀତି କରି ଅଧିକ ରୋଜଗାର କରିବାର ସୁଯୋଗ ଥିବାରୁ କୌଣସି ଉପାୟରେ ଏଥିରେ ଯୋଗଦବା ପାଇଁ ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଉଛି । ଅନେକ ନିଜର ଦାୟିତ୍ୱ ଓ ସେବାକୁ ଭୁଲି କ୍ଷମତାର ଦୂରୁପଯୋଗ କରି ଧନ ଉପାର୍ଜ୍ଜନ କରି ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାପଡି ଦଣ୍ଡିତ ମଧ୍ୟ ହେଉଛନ୍ତି । ଦୁର୍ନୀତି ଯେ କେବଳ ଭାରତରେ ଅଛି, ତାହା ନୁହେଁ, ଏହା ବିଶ୍ୱର ଏକ ସମସ୍ୟା ଅଟେ, ଯାହା ପ୍ରତି ସଚେତନତା ସହିତ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଉଚିତ୍ ।

ସେବା ସାଧାରଣ ଅର୍ଥରେ ସୁବିଧା ବା ଉପକାର ଯୋଗାଇଦେବା ହେଲେ ମଧ୍ୟ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଧାର୍ମିକ ଦୃଷ୍ଟିକୋଣରୁ ଭିନ୍ନ ହୋଇଥାଏ । ଏହା ଏକ କ୍ଷେତ୍ର, ଯେଉଁଠି ସେବା ପ୍ରଦାନକାରୀ ତାର ଗ୍ରାହକ ବା ହିତାଧିକାରୀଙ୍କୁ ରାଜିନାମା ଅନୁଯାୟୀ ନିର୍ଦ୍ଧାରିତ ସେବାକୁ ସମ୍ପୂର୍ଣ୍ଣ କରି ପ୍ରଦାନ କରିଥାଏ ଏବଂ ବ୍ୟବସାୟ ବା ଅର୍ଥନୈତିକ କ୍ଷେତ୍ରରେ ନିଜର ପ୍ରାପ୍ୟ ବାବଦକୁ ଅର୍ଥ ମଧ୍ୟ ଅସୁଲ୍ କରିଥାଏ । ସେବାର ସମ୍ପୂର୍ଣ୍ଣତା ଦୁଇ ପକ୍ଷ ମଧ୍ୟରେ ଥିବା ରାଜିନାମା, ବ୍ୟବସ୍ଥା ବା ଅନୁରୋଧ ଉପରେ ପର୍ଯ୍ୟବେସିତ ଅଟେ । ସେବା ପ୍ରଦାନ ପରେ ସେବାଗ୍ରହଣ କରିଥିବା ବ୍ୟକ୍ତି ଅର୍ଥ ପୈଠ କରିଥାଏ ଏବଂ ବିଲ୍ ନେଇଥାଏ । ଉଦାହରଣ ସ୍ୱରୂପ ଜଣେ ଠିକାଦାର ତାର ନିର୍ମାଣ କାର୍ଯ୍ୟ ଶେଷ କଲାପରେ ବିଲ୍ ପୈଠ କରେ । ଜଣେ ଡାକ୍ତର ରୋଗୀର ଚିକିତ୍ସା କରି ସାରିଲା ପରେ ତାଙ୍କର ପ୍ରାପ୍ୟ ବିଲ୍ ଆକାରରେ ଦେଇଥାନ୍ତି । ଜଣେ କଳାକାର ତାର କଳାକୃତି ସମ୍ପାଦନ ପରେ ଅର୍ଥଗ୍ରହଣ କରେ । ମାତ୍ର ସାମାଜିକ, ରାଜନୈତିକ, ଧାର୍ମିକ ବା ସରକାରୀ ସଂସ୍ଥାଗୁଡିକ ଯୋଗାଉଥିବା ସେବାମାନ ନିଃଶୁଳ୍କ ଅଟେ, କାରଣ ଏହି ସଂସ୍ଥାଗୁଡିକ ଲୋକମାନଙ୍କର ସେବା କରିବା ପାଇଁ ଉଦ୍ଦିଷ୍ଟ । ଯେତେବେଳେ ସେବା ପ୍ରଦାନକାରୀ ନିଜର କର୍ତ୍ତବ୍ୟ ଭୁଲିଯାଇ ଅସତ୍, ଅନ୍ୟାୟ ଓ ପ୍ରଦତ୍ତ କ୍ଷମତାର ଅପବ୍ୟବହାର କରି ନିଜ ସ୍ୱାର୍ଥ ପାଇଁ କାମ କରେ ବା ଅର୍ଥ ଉପାର୍ଜ୍ଜନ କରେ, ସେଇଠି ଦୁର୍ନୀତି ଜନ୍ମ ନେଇଥାଏ । ବର୍ତ୍ତମାନ ପରିସ୍ଥିତିରେ ସମସ୍ତ କ୍ଷେତ୍ରରେ ଦୁର୍ନୀତି କ୍ୟାନସର ରୋଗ ଭଳି ବ୍ୟାପୀ ଚାଲିଛି ।

**ମେଧା ଯୁକ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଠିକ୍ ସମୟରେ ପଦୋନ୍ନତି ଦେବା ଉଚିତ୍ । ତୃତୀୟରେ ଶାସନ କ୍ଷେତ୍ରରେ ମଧ୍ୟ ଶକ୍ତ ଓ ନୈତିକତା ସଂସ୍କୃତି ବ୍ୟକ୍ତିଙ୍କୁ ଚୟନ କରିବା ଆବଶ୍ୟକ ଯେପରିକି ସଚ୍ଚୋଟ, ସାଧୁତା ଓ ଦାୟିତ୍ୱବାନ୍ ନେତୃତ୍ୱର ପ୍ରତୀକ ହୋଇଥିବେ ।**

ଦୁର୍ନୀତି ଏମିତି ଏକ ଶବ୍ଦ ଯାହା ଅପାରଗତା, ଲାଞ୍ଚ ଗ୍ରହଣ ଏବଂ କ୍ଷମତାର ଦୂରୁପଯୋଗ ସହିତ ସାଧାରଣ ପ୍ରଶାସନର ସଂଶ୍ଲିଷ୍ଟତା ଥାଏ । ଏଥିପାଇଁ ଉଭୟ ସରକାର ଓ ନାଗରିକମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଅଛି । ସମସ୍ତେ ଏହାର ନିରାକରଣ ପାଇଁ ଦୁର୍ନୀତି ନିରୋଧ ଆଇନ୍, ପ୍ରତିଷ୍ଠାନମାନଙ୍କର ତୃଟି ସୁଧାରିବା ଏବଂ ଅନ୍‌ଲାଇନ୍ ମାଧ୍ୟମରେ କାମ କରିବାର ଆବଶ୍ୟକତାକୁ ଅନୁଭବ କରୁଛନ୍ତି । ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ହେଲା କିଭଳି ସର୍ବଦା ନାଗରିକମାନଙ୍କୁ ଉତ୍ତମ ସେବା ଯୋଗାଇବା । ଦୁର୍ନୀତି ଦ୍ୱାରା ସମାଜର ବିଭିନ୍ନ ସ୍ତରରେ ଥିବା ହିତାଧିକାରୀମାନେ ସମାନ ଓ ଠିକ୍ ସମୟରେ ସରକାରୀ ସେବାମାନଙ୍କରୁ ବଞ୍ଚିତ ହୁଅନ୍ତି । ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ ବା ପ୍ରକଳ୍ପର ବାଟବଣା ହୋଇ ବାବୁତନ୍ତ୍ର ଦ୍ୱାରା ଅପବ୍ୟବହାର, ବିଳମ୍ବ ଓ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଏ ।

ଲାଞ୍ଚ ଓ ଅନୁକମ୍ପା ପ୍ରଦର୍ଶନ ଦ୍ୱାରା ସାଧାରଣ ନାଗରିକଟିଏ ସ୍ୱଚ୍ଛତା ଓ ଦାୟିତ୍ୱବୋଧତାକୁ ହରାଇଥାଏ । ଯେତେବେଳେ ସେ ସର୍ବନିମ୍ନ ସେବା ପାଇବା ପାଇଁ ଲାଞ୍ଚଦେବା ପାଇଁ ବାଧ୍ୟ ହୁଏ, ସେହି ମୁହୂର୍ତ୍ତରୁ ସରକାର ଏବଂ ସରକାରୀ ଅନୁଷ୍ଠାନ ଉପରୁ ବିଶ୍ୱାସ ହରାଇଥାଏ । ବ୍ୟବସାୟ କ୍ଷେତ୍ରରେ ଦୁର୍ନୀତି ହେଲେ ଉତ୍ପାଦନକାରୀ ଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ସେବାର ବ୍ୟତିକ୍ରମ ହେବ । ସେବା ପ୍ରଦାନକାରୀ ଉଚ୍ଚମାନ ଓ ତ୍ୱରିତ୍ ସେବା ଦେବା ନାଁରେ ମୂଲ୍ୟ ବଢ଼ାଇ ଦିଅନ୍ତି ଓ ଖର୍ଚ୍ଚ କାଟ ଆଳରେ ନିମ୍ନମାନର ସେବା ଯୋଗାଇ ଦିଅନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁମାନେ ଅଧିକ ଅର୍ଥ ଦେଇପାରନ୍ତି, ସେମାନେ ଅଗ୍ରାଧିକାର ଭିତ୍ତିରେ ସ୍ୱାସ୍ଥ୍ୟସେବା ପାଇଥାନ୍ତି ଏବଂ ଗରିବ ଲୋକମାନେ ବଞ୍ଚିତ ହୁଅନ୍ତି । ଦୁର୍ନୀତି ସର୍ବଦା ଉତ୍ତମ ବ୍ୟବହାରକୁ ନଷ୍ଟ କରିବା ଦ୍ୱାରା ସାଧାରଣ ଲୋକଟିଏ ଠିକ୍ ବା ଭୁଲ୍ ସେବାକୁ ବିଚାର ନକରିପାରି ଠକିଯାଏ ଏବଂ ବାଟବଣା ହୋଇଯାଏ ।

ଯେତେବେଳେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ଟଙ୍କା ଲାଞ୍ଚ ନିଅନ୍ତି ଯଥା ପ୍ରମାଣପତ୍ର, କାମ କରିବା ସାର୍ଟିଫିକେଟ ଓ ଅନ୍ୟାନ୍ୟ ନ୍ୟାୟିକ ଦସ୍ତାବିଜ୍ ପ୍ରଦାନ ପାଇଁ ଜାଣିଶୁଣି ହଇରାଣ କରନ୍ତି । ଦୁର୍ନୀତିର ପରିସୀମା ଆକଳନ କରିବା କଷ୍ଟକର ହେଲେ ମଧ୍ୟ ବିଭିନ୍ନ ମାଧ୍ୟମରେ ଏହା ପ୍ରକାଶ ପାଇଥାଏ । ପ୍ରଥମତଃ ଦୁର୍ନୀତିର ପ୍ରମୁଖ ମାଧ୍ୟମ ହେଲା ଅର୍ଥ ତୋଷାରପାତ ଓ ଚୋରି କରି ରୋଜଗାର ବୃଦ୍ଧି । ବଜେଟ୍ ଅନୁସାରେ କାର୍ଯ୍ୟ ନକରି ନିମ୍ନମାନର ରାସ୍ତା, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟକୁ କରି ଦୁର୍ବଳ ଭିତ୍ତିଭୂମିକୁ ପ୍ରଶୟ ଦେବା । କୌଣସି ଠିକାଦାରକୁ ନିର୍ମାଣ କାର୍ଯ୍ୟ କରିବାକୁ ଅନୁମତି ଦେବା, ଯଦିଓ ତାର ଏହି କାମ ପାଇଁ ଯୋଗ୍ୟତା ନଥାଏ । ଉପଯୁକ୍ତ ଲୋକଙ୍କୁ ଅନ୍ୟାୟ ଓ ପ୍ରତାରଣା କରି ଅନୁପଯୁକ୍ତଙ୍କୁ କାର୍ଯ୍ୟ ପ୍ରଦାନ ଦ୍ୱାରା ନିର୍ମାଣ ଖର୍ଚ୍ଚ ବୃଦ୍ଧି ସହ ନିକୃଷ୍ଟସେବା ହିଁ ମିଳିବ । ଯେତେବେଳେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପ୍ରଦତ୍ତ କ୍ଷମତାର ଦୂରୁପଯୋଗ କରାଯାଏ, ଦୁର୍ନୀତି ସ୍ୱତଃ ପ୍ରକାଶିତ ହୋଇଥାଏ । ଅଯଥା ଭାବରେ ନିଜର ସାଙ୍ଗ, ପରିବାର ସଦସ୍ୟ ବା ରାଜନୈତିକ ବନ୍ଧୁଙ୍କୁ ଅନୁଗ୍ରହ ପ୍ରଦର୍ଶନ କରି ସେମାନେ ଅଯୋଗ୍ୟ ହେଲେ ମଧ୍ୟ ପ୍ରିୟାପ୍ରୀତି ତୋଷଣ ନୀତିରେ ସେବା ପ୍ରଦାନ କରିବା ହିଁ ଦୁର୍ନୀତିର ଉଦାହରଣ ଅଟେ ।

ଦୁର୍ନୀତିର ପରିଣାମ କେବେବି ସୁଫଳ ଆଣିନଥାଏ ଏବଂ କୌଣସି ସ୍ତରରେ ଗ୍ରହଣୀୟତା ଲାଭ କରିପାରିନଥାଏ । ଏହାଦ୍ୱାରା ସେବାର ମାନ ହ୍ରାସ ପାଇଥାଏ ଏବଂ ଜନସାଧାରଣ ମୌଳିକ ସୁବିଧା ମଧ୍ୟ ପାଇପାରନ୍ତି ନାହିଁ । ଗରିବ ବ୍ୟକ୍ତିଟିଏ ଲାଞ୍ଚଦବା ପାଇଁ ସମର୍ଥ ହୋଇନଥିବାରୁ ସେ ଚାହୁଁଥିବା ନିର୍ଦ୍ଦିଷ୍ଟ ସେବା ଉପଲବ୍ଧ ହୋଇପାରି ନଥାଏ । ଏହାଦ୍ୱାରା ସାମାଜିକ ଅସମାନତା ବୃଦ୍ଧି ହୋଇଥାଏ । ଦୁର୍ନୀତି ଦ୍ୱାରା ପୁଞ୍ଜିପତିମାନେ ପୁଞ୍ଜିବିନିଯୋଗ କରିବା ପାଇଁ ନିରୁତ୍ସାହିତ ହୋଇ ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ପସନ୍ଦ କରିଥାନ୍ତି, ଯାହା ରାଜ୍ୟ ତଥା ଦେଶର ଆର୍ଥିକ ପ୍ରଗତିକୁ ବାଧା ପହଞ୍ଚାଇ ଥାଏ । ମୋଟାମୋଟି ଭାବରେ କହିବାକୁ ଗଲେ ଦୁର୍ନୀତି ସାଧାରଣ ବିଶ୍ୱାସନୀୟତା ହରାଇଥାଏ ଏବଂ ଭରସା ବୁଡିଲେ ସରକାର ଓ ଅନୁଷ୍ଠାନଗୁଡିକ ଭରସାଯୋଗ୍ୟ ହେବେ ନାହିଁ, ଯାହାଫଳରେ ରାଜନୈତିକ ଅସ୍ଥିରତା ଓ ସାମାଜିକ ବିଭ୍ରାଟ ଘଟିବ । ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ୍ କାଲାମଙ୍କ ମତରେ 'ଦୁର୍ନୀତି କ୍ୟାନସର୍ ସଦୃଶ ଯାହା ସମାଜକୁ ବିପଦ ଅଟେ, ଅନୁଷ୍ଠାନ ଉପରେ ଭରସା ତୁଟିଯାଏ ' ।

ଦେଶର ସମସ୍ତ ବୁଦ୍ଧିଜୀବୀ, ବିଦ୍ୱାନ୍, ସମାଜ ବିଜ୍ଞାନୀ ଓ ଜନସାଧାରଣ ଦୁର୍ନୀତି ମୁକ୍ତ ସମାଜ ପାଇଁ ଆହ୍ୱାନ ଦେଉଥିବାବେଳେ ଏହା କମିବାର ନାଁ ନେଉନାହିଁ । ବିଶ୍ୱରେ ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ସିଙ୍ଗାପୁର, ନ୍ୟୁଜିଲାଣ୍ଡ, ନରୱେ, ସ୍ୱିଜରଲ୍ୟାଣ୍ଡ ଓ ସ୍ୱିଡେନ୍ ଦେଶଗୁଡିକ ସବୁଠାରୁ କମ୍ ଦୁର୍ନୀତିଗ୍ରସ୍ତ ଥିବାବେଳେ ଭାରତ ସୂଚିତ ୧୮୦ଦେଶ ମଧ୍ୟରୁ ୯୬ତମ ସ୍ଥାନରେ ଅଛି । ବିଶେଷଜ୍ଞମାନେ ଏହାକୁ ହ୍ରାସ ପାଇଁ କେତେକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥାନ୍ତି । ପ୍ରଥମେ ଶାସନ ଓ ସେବାକ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବା । ଶାସନ ତନ୍ତ୍ରରେ ସ୍ୱୟଂସେବା ଅନ୍‌ଲାଇନ୍ ମାଧ୍ୟମରେ କାର୍ଯ୍ୟକାରୀ କରିବା ଯେପରିକି ଅଫିସର କିମ୍ବା ଅଫିସ ସାଙ୍ଗରେ ସିଧା ସମ୍ପର୍କ ରହିବ ନାହିଁ, ଯାହାଫଳରେ ଲାଞ୍ଚ ଓ ପ୍ରତାରଣାର ସୁଯୋଗ ମିଳିବ ନାହିଁ ।

ଦ୍ୱିତୀୟରେ ଏକ ଶକ୍ତ ପରିଚାଳନାର ଆବଶ୍ୟକତା ଅଛି । ମେଧା ଯୁକ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଠିକ୍ ସମୟରେ ପଦୋନ୍ନତି ଦେବା ଉଚିତ୍ । ତୃତୀୟରେ ଶାସନ କ୍ଷେତ୍ରରେ ମଧ୍ୟ ଶକ୍ତ ଓ ନୈତିକତା ସଂସ୍କୃତି ବ୍ୟକ୍ତିଙ୍କୁ ଚୟନ କରିବା ଆବଶ୍ୟକ ଯେପରିକି ସଚ୍ଚୋଟ, ସାଧୁତା ଓ ଦାୟିତ୍ୱବାନ୍ ନେତୃତ୍ୱର ପ୍ରତୀକ ହୋଇଥିବେ । ଚତୁର୍ଥରେ ଆର୍ଥିକ ଦିଗଟିକୁ ନିୟମିତ ଅଡିଟ୍ କରି ସର୍ବସାଧାରଣଙ୍କ ପାଇଁ ବଜେଟ୍‌ରେ ଉଦ୍ଦିଷ୍ଟ ଅର୍ଥ ଉଚିତ୍ ଭାବରେ ଖର୍ଚ୍ଚ ହେଉଥିବା ଆବଶ୍ୟକ ଅଟେ । ଯେଉଁମାନେ ଦୁର୍ନୀତିକୁ ଲୋକଲୋଚନକୁ ଆଣୁଛନ୍ତି, ସେମାନଙ୍କୁ ନିରାପତ୍ତା ଯୋଗାଇ ଦେଇ ମନୋବଳ ଦୃଢ଼ କରାଇବା ଉଚିତ୍ । ପଞ୍ଚମରେ ସର୍ବଦା ନିମ୍ନମାନର ସେବା କିମ୍ବା ଭୁଲ କାର୍ଯ୍ୟ ପାଇଁ ଅଭିଯୋଗ ପ୍ରକୋଷ୍ଠର ସୃଷ୍ଟି ସହ ଏକ ନିୟମିତ ଆପତ୍ତିର ପଦ୍ଧତିକୁ ଆପଣାଇବା ଆବଶ୍ୟକ ଅଟେ । ନାଗରିକମାନେ ଏଥିରେ ଅଂଶଗ୍ରହଣ କରି ଫଳାଫଳ ଜାଣିବାର ବ୍ୟବସ୍ଥା ମଧ୍ୟ ହେବା ଦରକାର । ଲର୍ଡ ଆକ୍ଟନ କୁହନ୍ତି 'କ୍ଷମତା ଦୁର୍ନୀତି କରାଏ ଓ ନିରଙ୍କୁଶ କ୍ଷମତା ସମ୍ପୂର୍ଣ୍ଣ ଦୁର୍ନୀତି କରାଏ' । ଏଥିରୁ ଜଣାଯାଏ ଯେ ଯେଉଁମାନେ କ୍ଷମତାରେ ରୁହନ୍ତି, ଅସାଧୁ ପଥ ଅବଲମ୍ବନ କରିଥାନ୍ତି । ଏଥିପାଇଁ କଠିନ ଦୁର୍ନୀତି ନିରୋଧ ଆଇନ୍ ପ୍ରଣୟନ ସହ ନିୟମ ଭଙ୍ଗଜନିତ ଦଣ୍ଡର ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ।

**ଅମଲାପଡା ୨ୟ ଲେନ୍, ଅନୁଗୁଳ**
**ମୋ-୯୪୩୭୩୩୪୦୦୮**

# କ୍ଷେତରେ ବିଷ : ଦେହକୁ କରିବ ରୋଗର ଘର



## ବାଦଲ ଭୂୟାଁ

ଘୋର ନିଦାଘ ପରେ ଧାରା ଶ୍ରାବଣର ବେଳ । ଚାରିଆଡ଼େ ବର୍ଷା, ବର୍ଷାର ଆବାହନ । ଏଇ ସମୟ ତଳିପକା, ଧାନରୁଆ ବେଳ । ଓଡ଼ିଶାର ଏଇ ଜୁଲାଇ ମାସରୁ ନେଇ ଅଗଷ୍ଟ ମାସର ଶେଷ ପର୍ଯ୍ୟନ୍ତ ଚାଲେ ଚାଷ କାମର ଆରମ୍ଭ, ଧାନ ତଳି ରୁଆ ହେବାର ପର୍ଯ୍ୟାୟ । ଏହି ସମୟରେ ସରକାରଙ୍କ ତରଫରୁ ରିହାତି ଦରରେ ମିଳେ ଚାଷୀଙ୍କ ପାଇଁ ବିହନ, ସାର ଓ ପୋକମରା ଔଷଧ । ଆଗେ ଦେଶୀ ବିହନ, ଗୋବର ଖତ ବା କମ୍ପୋଷ୍ଟ ପୋକମରା ଔଷଧ ପାଇଁ ଲିମ୍ବ ତେଲ ବ୍ୟବହାର ହୋଇ ଧାନ କଟା ହୋଇ ଖଳା ଓ ଅମାର ପୁରି ଯାଉଥିଲା । କୃଷକର ବର୍ଷଯାକର ଖର୍ଚ୍ଚ ଯାଇ ଆଗାମୀ ବର୍ଷକ ପାଇଁ ରହି ଯାଉଥିଲା ଚୁଡ଼ା, ଚାଉଳ । ଏବେକାର ଚୁଡ଼ା, ଚାଉଳରେ ସେ ମହକ ଓ ସୁଆଦ କାହିଁ ? ସାର, ଉର୍ବରକ ଓ ପୋକମରା ସ୍ପ୍ରେର ଅତ୍ୟଧିକ ବ୍ୟବହାର ହବା ଫଳରେ ଧାନ, ଚାଉଳ ସେମାନଙ୍କ ସ୍ୱାଦ ହରାଉଛନ୍ତି । ତାକୁ ଖାଇଲେ ନାନା ପ୍ରକାରର ରୋଗ ବ୍ୟାଧିର ଶିକାର ହେଉଥିବାର ନଜିର ଆଖି ସାମ୍ନାକୁ ଅନାୟାସେ ଆସିଯାଉଅଛି । ଏବେ ଦେଖନ୍ତୁ ଆମ ରାଜ୍ୟ ଓଡ଼ିଶାରେ ଛତୁ ଫୁଟିଲା ପରି ଡାକ୍ତରଖାନା, ନର୍ସିଂହୋମ, ଔଷଧ ଦୋକାନ । ଜନସଂଖ୍ୟା ବଢ଼ିଛି ସତ, କିନ୍ତୁ ରୋଗ ବେମାରୀ ବହୁଳ ଭାବରେ ଆମ ରାଜ୍ୟର ଲୋକଙ୍କ ଜୀବନକୁ କବଳିତ କରିବାରେ ଲାଗିଛି । ସରକାରଙ୍କ ସ୍ୱାସ୍ଥ୍ୟ କାର୍ଡ଼ ବି ବହୁଳ ଭାବରେ ହୋଇ ଲୋକଙ୍କୁ ଡାକ୍ତରଖାନା ଖର୍ଚ୍ଚରୁ ବଞ୍ଚାଉଛି ସତ ।

ଆଜିକାଲି ପ୍ରାୟତଃ ସବୁ ଲୋକଙ୍କ ଘରେ ରୋଗ ବେମାରି ଯେମିତି ଚିର ସହଚର ପରି ଘରକରି ଯାଇଛି । ସବୁ ଘରେ ପ୍ରାୟତଃ ସୁଗାର, ଗ୍ୟାସ, କୋଲେଷ୍ଟ୍ରୋଲ, ହାର୍ଟ ବା ହୃଦ୍‌ରୋଗ, କିଡ଼ନୀ ରୋଗ, କ୍ୟାନସର ପରି ରୋଗରେ ମଣିଷ କବଳିତ । ଆମ ଖାଦ୍ୟପେୟ ଯାହା ସବୁ ଚାଷ ହେଉଛି ଧାନ ଠୁଁ ଗହମ, ପନିପରିବା, ଶାଗ, ଫଳମୂଳ, ବାଜରା, ମାଣ୍ଡିଆ, ଯଅ, ବାଜରା ସବୁଥିରେ ସାର ବିଷ ପ୍ରକ୍ରିୟା ଆମ ଦେହରେ ପ୍ରବେଶ କରୁଛି । ଯାହା ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ଧୀରେ ଧୀରେ ତା'କବଳରେ ନେଇ ଆମକୁ ରୋଗାକ୍ରାନ୍ତ କରି ଦେଉଛି । ଯାହା ବି ଫଳମୂଳ ବଜାରରେ ମିଳୁଛି ସବୁଥିରେ କାରବାଇଟ ଓ ଅନ୍ୟାନ୍ୟ କେମିକାଲର ପ୍ରୟୋଗ ଏଥିରେ ସୁଫଳ ଯାଗାରେ ବିଷ ଭରୁଛି । ଯାହା ସବୁ ଆମ୍ବ ବଜାରରେ ମିଳୁଥିଲା ତାକୁ କାରବାଇଟ ଦ୍ୱାରା ପଚାଯାଇ ବଜାରକୁ ଛଡ଼ା ଯାଉଥିଲା । ଠିକ୍ ସେଇ ପରି ଅନ୍ୟାନ୍ୟ ଫଳ ଓ ପରିବା।

**ଆମ ଖାଦ୍ୟପେୟ ଯାହା ସବୁ ଚାଷ ହେଉଛି ଧାନ ଠୁଁ ଗହମ, ପନିପରିବା, ଶାଗ, ଫଳମୂଳ, ବାଜରା, ମାଣ୍ଡିଆ, ଯଅ, ବାଜରା ସବୁଥିରେ ସାର ବିଷ ପ୍ରକ୍ରିୟା ଆମ ଦେହରେ ପ୍ରବେଶ କରୁଛି । ଯାହା ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ଧୀରେ ଧୀରେ ତା'କବଳରେ ନେଇ ଆମକୁ ରୋଗାକ୍ରାନ୍ତ କରି ଦେଉଛି । ଯାହା ବି ଫଳମୂଳ ବଜାରରେ ମିଳୁଛି ସବୁଥିରେ କାରବାଇଟ ଓ ଅନ୍ୟାନ୍ୟ କେମିକାଲର ପ୍ରୟୋଗ ଏଥିରେ ସୁଫଳ ଯାଗାରେ ବିଷ ଭରୁଛି । ଯାହା ସବୁ ଆମ୍ବ ବଜାରରେ ମିଳୁଥିଲା ତାକୁ କାରବାଇଟ ଦ୍ୱାରା ପଚାଯାଇ ବଜାରକୁ ଛଡ଼ା ଯାଉଥିଲା । ଠିକ୍ ସେଇ ପରି ଅନ୍ୟାନ୍ୟ ଫଳ ଓ ପରିବା।**

ମୋ ପିଲାବେଳେ ଶଗଡ଼ରେ ଓଦର ସାହାଯ୍ୟରେ ଖତ ବୁହା ହୋଇ ବିଲରେ ପଡ଼ିବା, ବଳଦଙ୍କ ଦ୍ୱାରା ହଳ, ମଇ ଚଳାଇବାର କାମ ପ୍ରଚୁର ମାତ୍ରାରେ ହେଉଥିଲା। ଦେଶୀ ଧାନ ବିହନରୁ ତଳି ପକାଯାଇ ରୁଆ ହେଉଥିଲା । କିଛି ଦିନ ପରେ ଗର୍ଭଣା ସଂକ୍ରାନ୍ତି ବେଳକୁ ଯେତେବେଳେ ଧାନ ଗଛରେ ଫୁଲ ଧରେ ପ୍ରଚୁର ମାତ୍ରାରେ ବିଲରେ କଙ୍କଡ଼ା ଓ ଚୁନା ମାଛ ମିଳୁଥିବାର ବହୁଳତା ଦେଖିଛି ଏ ଲେଖକ । ଲୋକେ ସେଇ ଅମଳ ଧାନରୁ ଚାଉଳ, ଚୁଡ଼ା, ମୁଢ଼ି, ହୁଡୁମ, ବନ୍ଧୁବାନ୍ଧବ, ଯାନିଯାତ୍ରା ପାଇଁ ଖର୍ଚ୍ଚ ସବୁ ସେଇଥିରୁ ବାହାର କରି ଆସନ୍ତା ବର୍ଷ ପାଇଁ ପୁରୁଣା ଚାଉଳ ସାଇତି ରଖୁଥିଲେ। ଏବେ କ୍ୟାନସର, ହୃଦ୍‌ରୋଗ, କିଡ଼ନୀ ରୋଗ ପରି ରୋଗ ଲୋକଙ୍କ ଜୀବନକୁ ଦୁର୍ବିସହ କରି ଦେଉଛି । ଏଇ କଟକ ଭୁବନେଶ୍ୱରରେ ଦେଖନ୍ତୁ ଉପରୋକ୍ତ ରୋଗ ସବୁ ପାଇଁ କେତେ ସଂଖ୍ୟାର ଡାକ୍ତରଖାନା ମୁଣ୍ଡ ଟେକିଛି । ଯେତେ ଡାକ୍ତର ଓ ଡାକ୍ତରଖାନା ହେଲେ କ'ଣ ହେବ, ଜୀବନକୁ ରୋଗମୁକ୍ତ ରଖିବାକୁ ହେଲେ ସ୍ୱାସ୍ଥ୍ୟକର ଖାଦ୍ୟ, ପାନୀୟ ଓ ବାୟୁ ଆବଶ୍ୟକ । ରୋଗ ନହେବା ପାଇଁ ଖତ, ପୋକ ନହେବା ପାଇଁ ଲିମ୍ବ ତେଲ, ଭଲ ଫସଲ ବା ଧାନ ହେବା ପାଇଁ ଦେଶୀ ଧାନମଞ୍ଜିର ଆବଶ୍ୟକତା ଥାଏ । ଆମ ରାଜ୍ୟରେ ପଦ୍ମଶ୍ରୀ କମଳା ପୂଜାରୀ, ପଦ୍ମଶ୍ରୀ ରାଧାମୋହନ, ପଦ୍ମଶ୍ରୀ ସାବରମତୀଙ୍କ ପ୍ରଚେଷ୍ଟାରେ ଧାନ ମଞ୍ଜି ବା ବିହନ ମହଜୁଦ କରାଯାଇ କୃଷକମାନଙ୍କୁ ସୁଲଭ ଦରରେ ଯୋଗାଇ ଦିଆଯାଉଛି । କୃଷକମାନଙ୍କୁ ଟ୍ରାକ୍ଟର କିଣିବାକୁ ସବ୍‌ସିଡ଼ି ମିଳୁଛି କିନ୍ତୁ ଶଗଡ଼ ପାଇଁ କି ଖତ ପାଇଁ ନୁହେଁ, ସାର ପାଇଁ ସବ୍‌ସିଡ଼ି ମିଳୁଛି କିନ୍ତୁ ଲିମ୍ବ ତେଲ ପାଇଁ ନୁହେଁ । ସବୁ ବିଲକୁ ପାଣି, ଖତ, ଗୋବର, ଲିମ୍ବତେଲ ଏହି ସବୁ ଉପାୟ ଅବଲମ୍ବନରେ ଚାଷ ହେଲେ ରୋଗ ହେବନାହିଁ । ଡାକ୍ତରଖାନା ଯିବାକୁ ପଡ଼ିବ ନାହିଁ । ଲୋକେ ବେମାର ପଡ଼ିବେ ନାହିଁ । ସରକାରଙ୍କର କୋଟି କୋଟି ଟଙ୍କା ରୋଗ ବାବଦରେ ଖର୍ଚ୍ଚ ନହୋଇ ଅନ୍ୟବାଟରେ ଖର୍ଚ୍ଚ ହେଲେ ଆମ ରାଜ୍ୟ ବିକଶିତ ରାଜ୍ୟ ହୋଇ ଆଗକୁ ଆଗକୁ ବଢ଼ିବ । ଜୈବିକ ଉପାୟରେ ଚାଷ ହେଲେ ତାହା ବଜାରରେ ଉଚ୍ଚମୂଲ୍ୟରେ ବିକ୍ରୀ ହୋଇପାରିବ । ଫଳରେ କୃଷକ ତଦ୍ଦ୍ୱାରା ଭଲ ମାତ୍ରାରେ ଲାଭ ପାଇପାରିବେ ।

**ପ୍ରତିଷ୍ଠାତା, ସମ୍ପାଦକ ସିଂହଭୂମ୍, ପୁରୁଣା ସୋନାରି, ଜାମସେଦପୁର,**
**ମୋ- ୭୪୮୮୯୯୮୫୩୨**

# ଆଦି,ମଧ୍ୟ ଆଉ ଅନ୍ତ...

## ମନୋଜ କୁମାର ବେହେରା

ଯୋଗଶକ୍ତି ଆଉ ମହିମାର ବିସ୍ତାରର ବର୍ଣ୍ଣନା କରିବା ପାଇଁ ଅର୍ଜୁନଙ୍କ ଅନୁରୋଧରେ ଶ୍ରୀକୃଷ୍ଣ କହିଲେ,ଏବେ ମୁଁ ତୁମକୁ ନିଜର ଦିବ୍ୟମହିମାକୁ ସଂକ୍ଷେପରେ ବର୍ଣ୍ଣନା କରିବି । କାହିଁକି ଏହାର ବିସ୍ତାରର କୌଣସି ଅନ୍ତ ନାହିଁ । ଧ୍ୟାନ ଦେବାର କଥା ହେଲା କି ଏହି ବିଶାଳ ଅସ୍ତିତ୍ୱର ବର୍ଣ୍ଣନା କରିବା ସମ୍ଭବ ନୁହେଁ । କାହିଁକି ନା ଏହା ଅନନ୍ତ ଅଟେ ଆଉ ସମୟ ସହିତ ଲଗାତାର ବିକଶିତ ଆଉ ପରିବର୍ତ୍ତନ ହୋଇ ରହିଥାଏ । ସାରା ସଂସାରରେ ଶ୍ରୀକୃଷ୍ଣ ଅବ୍ୟକ୍ତ ରୂପରେ ବ୍ୟାପ୍ତ ଅଟନ୍ତି । ଯେଉଁ କାରଣରୁ ବ୍ରହ୍ମାଣ୍ଡ ସନ୍ତୁଳିତ ଅଟେ । ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡରେ ତାଙ୍କର ଏହି ପ୍ରକାରର ଜଡିତ ଯେମିତି ଗୋଟିଏ ସ୍ୱର୍ଗର ମଣି । ଜୀବିତ ପ୍ରାଣୀଙ୍କର ଉଲ୍ଲେଖ କରିକି ଶ୍ରୀକୃଷ୍ଣ କୁହନ୍ତି, ମୁଁ ସବୁ ପ୍ରାଣୀଙ୍କ ହୃଦୟରେ ସ୍ଥିତ ଆତ୍ମା । ମୁଁ ଏହାର ଆଦି,ମଧ୍ୟ ଏବଂ ଅନ୍ତ ମଧ୍ୟ ଅଟେ । ଆମର ଭିତରେ ପ୍ରଭୁଙ୍କ ଦେବତ୍ତ୍ୱ ଆତ୍ମାର ରୂପରେ ଥାଏ । କିନ୍ତୁ ଆମକୁ ଏହାକୁ ସ୍ୱୟଂଠାରେ ଆଉ ଅନ୍ୟଙ୍କଠାରେ ଚିହ୍ନିବା କଷ୍ଟ ହୋଇଥାଏ । ଏହା ବ୍ୟତୀତ ଏହି ଦେବତ୍ତ୍ୱ ରଚନାତ୍ମକତାର ରୂପରେ ପ୍ରତ୍ୟେକ ପ୍ରାଣୀର ସୃଜନ,ବିକାଶ ଆଉ ଅନ୍ତିମ ବିନାଶର ପାଇଁ ଉତ୍ତରଦାୟୀ ଅଟେ । ଆମର ଇନ୍ଦ୍ରିୟ ବାହାର ଦୁନିଆରେ ମିତ୍ରତାକୁ ଦେଖିବାର ପାଇଁ ବିକଶିତ ହେଇଛି । ଏହି କ୍ଷମତା ଆମର ଜୀବନ ପାଇଁ ଉପଯୋଗୀ ଅଟେ । କାହିଁକି ଏହା ଅସୁରକ୍ଷିତ ସ୍ଥିତିକୁ ଚିହ୍ନିକରି ଆମକୁ ନିଜର ସୁରକ୍ଷା କରିବା ପାଇଁ ସାହାଯ୍ୟ କରିଥାଏ । ଗୋଟିଏ ସୀମାର ଉପରେ ଏହି କ୍ଷମତା ଗୋଟିଏ ବୈଶାଖୀ ହୋଇଯାଏ ଆଉ ଆମକୁ ଦେବତ୍ତ୍ୱକୁ ଦେଖିବାରେ ଅଟକେଇ ଥାଏ । ଅନ୍ୟର କଠିନତା ଏହା ଯେ ଦେବତ୍ତ୍ୱ ଯାହା ଅବ୍ୟକ୍ତ ଅଟେ, ବ୍ୟକ୍ତି ସଂସାରରେ ଢାଙ୍କି ହୋଇ ରହିଥାଏ । ଆମର ଇନ୍ଦ୍ରିୟ ବ୍ୟକ୍ତିକୁ ଚିହ୍ନିବାରେ ସକ୍ଷମ ଅଟେ କିନ୍ତୁ ଅବ୍ୟକ୍ତ ଦେବତ୍ତ୍ୱକୁ ଚିହ୍ନିବାରେ ଭୁଲ୍ କରିଦିଏ । ଶ୍ରୀକୃଷ୍ଣ କୁହନ୍ତି କି ସେସବୁ ପ୍ରାଣୀଙ୍କର ଆଦି,ମଧ୍ୟ ଆଉ ଅନ୍ତ ଅଟନ୍ତି । ଏହି ତ୍ରିମୂର୍ତ୍ତିକୁ ଜନ୍ମ ଦେଲା-ସୃଜନ ପାଇଁ ବ୍ରହ୍ମା ଯାହା ପାଇଁ ଜ୍ଞାନର ଆବଶ୍ୟକତା ହୋଇଥାଏ । ବିକାଶ କିମ୍ବା ରକ୍ଷଣବେକ୍ଷଣ ପାଇଁ ବିଷ୍ଣୁ, ଯାହା ପାଇଁ ସଂସାଧନର ଆବଶ୍ୟକତା ହୋଇଁଥାଏ । ବିନାଶ ପାଇଁ ଶିବ, ଯାହା ପାଇଁ ସଂହାର ଆବଶ୍ୟକତା ହୋଇଥାଏ । ଏହି ପ୍ରକାରରୁ ଦେବାବାଲା ଆଉ ନେବାବାଲା ମଧ୍ୟ ସେହିଁ ଅଟନ୍ତି ।

**ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ଆଧାର କାର୍ଡ ନଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ଜଗଦୀଶ୍ୱର



ବାହାନଗା,(ସବ୍ୟୁ): ଆଧାର କାର୍ଡ ନଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି ଜଣେ ଭିନ୍ନକ୍ଷମ । ଭିନ୍ନକ୍ଷମଙ୍କ ନାମ ଜଗଦୀଶ୍ୱର(୩୯) । ତାଙ୍କ ଘର ଜଗନ୍ନାଥପୁର ପଞ୍ଚାୟତ ଶାସନ ସାହିରେ । ସେ ଶାସନ ସାହି ଗ୍ରାମର ଦେବେନ୍ଦ୍ର କୁମାର ପାଢ଼ୀଙ୍କ ଓ ଜେ୍ୟାର୍ତିମୟୀ ପାଢ଼ୀଙ୍କ ଏକ ମାତ୍ର ପୁଅ । ଦୁଇ ଝିଅଙ୍କ ପରେ ଏକ ମାତ୍ର ପୁଅ ଜଗଦୀଶ୍ୱର ଥିଲେ ।ପରିବାର ଦୁଇ ଝିଅଙ୍କ ବିବାହ ପରେ ହସ ଖୁସିରେ ଜୀବନ କଟିବ ବୋଲି ପରିବାର ଲୋକଙ୍କ ଖୁସି କହିଲେ ନସରେ ।ସବୁ ଅଦିନିଆ ମେଘ ପରି ପରିବାର ମଧ୍ୟରେ ଦୁଃଖର ବୋଝ ଲେଉଟି ଆସିଲା । ପୁଅଟି ସାତ ମାସରେ ଜନ୍ମ ହେବା ପରେ ସେ ଆଉ ଚାଲି ପାରିଲେ ନାହିଁ ।ଏପରିକି ଘୁଷୁରି ଘୁଷୁରି ଚାଲିବା ସହିତ ଗୋଡ଼ ଦୁଇଟି ଅକାମି ହୋଇଗଲା । ବାପା ଦେବେନ୍ଦ୍ରଙ୍କ ପାଖରେ ଯାହା ସମ୍ବଳ ଥିଲା ବିକିଭାଙ୍ଗି କରି ପୁଅ କୁ ସୁସ୍ଥ କରାଇବା ପାଇଁ ଚେଷ୍ଟା କଲେ ।ଏହାରି ଭିତରେ ୨୦୦୭ ଡିସେମ୍ବର ୧୫ ରେ ଦେବେନ୍ଦ୍ର ଆରପାରିକୁ ଚାଲିଗଲେ । ସେବେ ଠାରୁ ଜଗଦୀଶ୍ୱରଙ୍କ ପାଇଁ ସବୁ ରାସ୍ତା ବନ୍ଦ ହୋଇଗଲା ।ଏହାରି ଭିତରେ ୧୮ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ ବିଧବା ମାଆ ଜଣେ ଭିନ୍ନକ୍ଷମ ଭେଣ୍ଡିଆ ପୁଅକୁ ନେଇ ଜୀବନ କାଟିବା ଘଟଣା କେହି ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଏଠି ଭିନ୍ନକ୍ଷମ ଥାଇ ଜଣେ ବ୍ୟକ୍ତି ୨୯ ବର୍ଷ ଧରି ସରକାରୀ ଯୋଜନାରୁ ବାଦ ପଡିଥିବା ବେଳେ ପଥରପେଣ୍ଠ ପଞ୍ଚାୟତରେ ଜଣେ ବ୍ୟକ୍ତି ସୁସ୍ଥ,ନିରାମୟ ଜୀବନ ଯାପନ କରି ନାଚ ଗୀତରେ ମସଗୁଲ ରହି ଭିନ୍ନକ୍ଷମ ଭତା ହାତେଇଥିବା ଘଟଣା ଅଞ୍ଚଳରେ ହଟଚମକ ସୃଷ୍ଟି କରିଛି । ଘଟଣା ବାବଦରେ ଆମେ ସାମାଜିକ ମଙ୍ଗଳ ସୁରକ୍ଷା ଅଧିକାରିଣୀ ଅମ୍ବିକା ପୃଷ୍ଟିଙ୍କୁ ଘଟଣା ବାବଦରେ ଯୋଗା ଯୋଗ କରିବାରୁ ସେ କହନ୍ତି ସମ୍ପୃକ୍ତ ଭିନ୍ନକ୍ଷମ ଯୁବକଙ୍କ ବିଷୟରେ କୌଣସି ସୂଚନା ନଥିବା ବେଳେ ଉକ୍ତ କିପରି ଯୁବକ କିପରି ଯୋଜନାରେ ସାମିଲ ହୋଇପାରିବେ ତାହା ଚେଷ୍ଟା କରିବୁ । ଅନ୍ୟପଟେ ସକ୍ଷମ ଥାଇ ଯଦି କେହି ଚଞ୍ଚକତା କରି ଯୋଜନା କୁ ହାତେଇଥିବେ ତାହା ଆଇନ ଅନୁଯାୟୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମତ ରଖିଥିଲେ ।

# ଠିକା ସଂସ୍ଥାର ଲାଇସେନ୍ସ ବାତିଲ ଦାବି

ଅସୁରାଳି,ତା(ସବୁ୍ୟ):ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଆଖଣ୍ଡଳମଣି ପୀଠକୁ ସଂଯୋଗ କରୁଥିବା ୩୫ ନମ୍ବର ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥକୁ ଜାତୀୟ ରାଜପଥର ମାନ୍ୟତା ଦେବା ପାଇଁ ଦାବି ଉଠିଛି । ଧୂଷୁରୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦାବି କରି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମହଲ ଏବେ ଚାଲିଥିବା ଏହି ରାସ୍ତା ସମ୍ପ୍ରସାରଣ ଉନ୍ନତି କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଆଣି ଠିକା ସଂସ୍ଥାର ଲାଇସେନ୍ସ ବାତିଲ ପାଇଁ ଦାବି କରିଛନ୍ତି । ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କୁହାଯାଇଛି ଯେ ଗତ୨୦୨୧-୨୨ ମସିହାରେ ଭଦ୍ରକ ଆଖଣ୍ଡଳମଣି ମୁଖ୍ୟ ସଡ଼କ ସମ୍ପ୍ରସାରଣ ତଥା ଉନ୍ନତି କାର୍ଯ୍ୟ ପାଇଁ ୩୯କୋଟି ୯୯ଲକ୍ଷ ୪୮ହଜାର ଟଙ୍କା ମଞ୍ଜୁର ହୋଇ ଆରକେଡି ପ୍ରାଇଭେଟ କନଷ୍ଟ୍ରକସନ୍‌କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ଚୁକ୍ତି ଅନୁଯାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୨ମସିହା ସେପଟେମ୍ବରରୁ ଆରମ୍ଭ ହୋଇ ୨୦୨୪ସେପଟେମ୍ବର ମଧ୍ୟରେ ଶେଷ ହେବା କଥା । ରାସ୍ତା ପ୍ରଶସ୍ତ ପାଇଁ ଗଛ କାଟିବାରେ ୩କୋଟି ୪୪ଲକ୍ଷ ୪୦ହଜାର ଟଙ୍କା ଓଏଫଡିସି ଲିମିଟେଡ୍‌କୁ ଦିଆଯାଇଥିଲା । ଇତିମଧ୍ୟରେ ଚୁକ୍ତିନାମାର ଅବଧି ଦୁଇ ବର୍ଷରୁ ଅଧିକ ଅତିକ୍ରାନ୍ତ ହୋଇଛି । କିନ୍ତୁ ରାସ୍ତା କାର୍ଯ୍ୟ ଶେଷ ହୋଇନାହିଁ । ଠିକା ସଂସ୍ଥାର ମାନମାନି ପ୍ରଶାସନିକ ଉଦାସୀନତା ପାଇଁ ଏବେ ଏହି ସଡକ ଏକପ୍ରକାର ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ନିୟମ ବହିର୍ଭୂତ କାମ ହେଉଥିବା ବେଳେ କୌଣସି ବିଭାଗୀୟ ଅଧିକାରୀ ଦିନେ କାର୍ଯ୍ୟ ତଦାରଖ କରୁନାହାନ୍ତି । ଏଣୁ ଏହାର ସୁଯୋଗ ନେଇ ଠିକା ସଂସ୍ଥା ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଏପରି କି ବର୍ଷାରେ ପିଚୁ କରୁଛି । ଏଭଳି ସ୍ଥିତିରେ ସରକାର ନିର୍ମାଣ କାର୍ଯ୍ୟର ତଦନ୍ତ କରି ଠକାଇ ଚାଲିଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି । ରାଜ୍ୟର ଏକ ପ୍ରମୁଖ ଶୈବପୀଠ ହେତୁ ପ୍ରତିଦିନ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମେତ ଭଦ୍ରକ,କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାର ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି । ସହସ୍ରାଧିକ ଛୋଟବଡ଼ ଯାନବାହନ ଚଳାଚଳ କରୁଛି । ଆଗାମୀ ସମୟର ଆବଶ୍ୟକତାକୁ ଦୃଷ୍ଟି ଦେଇ ଗୁରୁତ୍ୱପୂର୍ଣ୍ଣ ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ଦେବା ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଏବଂ ଏ ଦିଗରେ ରାଜ୍ୟ ସରକାରରେ ପ୍ରତିନିଧିତ୍ୱ କରୁଥିବା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ପାଇଁ ସମ୍ମିଳନୀରେ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ରମେଶ ବେହେରା,କୃଷକ ନେତା ସତ୍ୟମୂର୍ତ୍ତି ବେହେରା,ସିପିଏମ ନେତା ଯୁଧିଷ୍ଠିର ମହାପାତ୍ର,ପୂର୍ବତନ ସରପଂଚ ପରମାନନ୍ଦ ସାଏନ୍ତ,ଯୁବ ସଙ୍ଗଠକ ଆଲୋକ ସ୍ୱାଇଁ,ଶରତ ସୂତାର,ରନାକର ବେହୁରିଆ,ବିଜୟାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥ ପୋଲିସ ଯାଞ୍ଚ ନାମରେ ବଢ଼ୁଛି ଦୌରାତ୍ମ୍ୟ :ହାତ ଗୁଞ୍ଜା ନଦେଲେ ଅଟକୁଛି ଗାଡି!

ବାହାନଗା-୧୨/୧୦(ସବ୍ୟୁ)-ଦିନକୁ ଦିନ ଜାତୀୟ ରାଜପଥରେ ପେଟ୍ରୋଲିଂ ପୋଲିସ ର ଦୌରାତ୍ମ୍ୟ ବଢ଼ିବାରେ ଲାଗୁଛି ।ଗାଡିଗୁଡିକୁ ଯାଞ୍ଚ କରିବା ପରିବର୍ତେ ହାତ ଗୁଞ୍ଜା ନେଉଛନ୍ତି ।ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ୧୬ ନମ୍ବର ଜାତୀୟ ରାଜପଥ ପଣପଣା ନିକଟରେ । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗରୁ ଏକ ପିକଅପ୍ କିଛି ମାଛ ଯାଆଁଳକୁ ନରି ଭଦ୍ରକ ଅଭିମୁଖେ ଯାଉଥିଲା । ପଣପଣା ବ୍ରିଜ ସମ୍ମୁଖରେ ଆଗରୁ ଯାଞ୍ଚ ପାଇଁ ଜାତୀୟ ରାଜପଥ ପୋଲିସ ଭ୍ୟାନ ଛିଡା ହୋଇଥିବା ବେଳେ ପିକପ ଭ୍ୟାନକୁ ଦେଖି ଯାଞ୍ଚ ପାଇଁ ଅଟକାଇଥିଲେ ।ଏଥିରେ ମାଛ ଯାଆଁଳ ଥିବାରୁ ପିକଅପ୍ ଡ୍ରାଇଭର କୁ ୧୫ଶହ ଟଙ୍କା ଦେବା ପାଇଁ ପୋଲିସ କର୍ମଚାରୀ କହିଥିଲେ ।ଡ୍ରାଇଭରଙ୍କ ପାଖରେ ୫ଶହ ଟଙ୍କା ଥିବାରୁ ସେ ଏତେ ଗୁଡାଏ ଟଙ୍କା ଦେଇ ପାରିବେନି ବୋଲି କାକୁତି ମିନତୀ ହୋଇଥିଲେ ।ନିରୂପାଏ ହୋଇ ୫ଶହ ଟଙ୍କା ଦେଉଥିବା ସମୟରେ ଗଣମାଧ୍ୟମ ପ୍ରତିନିଧି ଉକ୍ତ ସ୍ଥାନରେ ପହଞ୍ଚି ଯିବାରୁ ପୋଲିସବାବୁ ପିକଅପ୍ ଭ୍ୟାନଟିକୁ ଚାଲିଯିବାକୁ କହିଥିଲେ ।କିନ୍ତୁ ଗାଡିର ଡ୍ରାଇଭର ମଳୟ ସରକାରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ ଯାହା ବଖାଣିଥିଲେ ତାହା ଅତି ଦୁଃଖ ଦାୟକଥିଲା ।ତାଙ୍କ କହିବା ମୁତାବକ ପ୍ରତେ୍ୟକ ଦିନ ନିଜର ଓ ପରିବାରର ପେଟ ପାଟଣା ପାଇଁ ସେମାନେ ଓଡିଶା ଆସି ବେପାର କରି କିଛି ଟଙ୍କା ରୋଜଗାର କରୁଛନ୍ତି । କିନ୍ତୁ ରାସ୍ତାରେ ଗାଡିନେଇ ଆସିବାବେଳେ ପୋଲିସ ଭ୍ୟାନ ଭେଟିଲେ ସେମାନଙ୍କୁ ହାତଗୁଞ୍ଜା ଦେବାକୁ ପଡେ ।ଏପରିକି ଶହେ କି ଦୁଇ ଶହ ଦେଲେ ଛାଡି ଦିଅନ୍ତି ।ମାତ୍ର ଏ ପୋଲିସ ବାବୁ ମାନେ ୧୫ଶହ ଟଙ୍କା ନଦେଲେ ଛାଡିବେ ନାହିଁ ବୋଲି କହିଥିଲେ ।ଏପରିକି ମୋତେ ଲଗାଇ ଆମେ ତିନିଜଣ କର୍ମଚାରୀ ଥିବାବେଳେ ଆମ ପାଖରେ ମାତ୍ର ୫ଶହ ଟଙ୍କା ଥାଏ ।ସେମଧ୍ୟ ଦୁଇ ପ୍ରହର ସମୟ ଖାଇବା ପାଇଁ ।ସେ କିନ୍ତୁ କିଛି ବୁଝିବା ପାଇଁ ନାରାଜ ଥିଲେ ।ମୁଁ ତାଙ୍କୁ ୫ଶହ ଟଙ୍କା ଦେଉଥିବା ବେଳେ ଆପଣ କିଏ, ମୁଁ ଜାଣେନି ।କିନ୍ତୁ ପୋଲିସବାବୁ ମାନେ ଟଙ୍କା ନନେଇ ଗାଡିକୁ ନେଇ ଶୀଘ୍ର ଚାଲିଯିବା ପାଇଁ କହିଲେ ।ଆଉ ଆପଣ ଠିକ ସମୟରେ ଆସିଗଲେ ବୋଲି ଆମେ ଟିଫିନ କରିବା ପାଇଁ ରଖିଥିବା ଟଙ୍କା ଫେରିପାଇବା ସହିତ ମଧ୍ୟାହ୍ନ ରେ ଗଣ୍ଡାଏ ଖାଇବାକୁ ପାଇଲୁ ।ନଚେତ ଭୋକ ଉପାସରେ ରହିବାକୁ ପଡ଼ିଥାନ୍ତା ।ଏଭଳି ଏକ ସଂବେଦନଶୀଳ ତଥ୍ୟ ଉକ୍ତ ଚାଳକ ଆମ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଇଥିଲେ ।ତେବେ ଘଟଣା ବାବଦରେ ଆମେ କାର୍ଯ୍ୟରତ ଥିବା ଏଏସଆଇ ମହେଶ୍ୱର ମାଝିଙ୍କୁ ପଚାରିବାରୁ ସେ କିଛି ଜାଣିନଥିବା ଚତୁରତାର ସହିତ ଉତ୍ତର ଦେଇଥିଲେ ।ସେହିପରି ଖନ୍ତାପଡ଼ା ଥାନା ଆଇ ଆଇ ସି ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଘଟଣା ବାବଦରେ ମତାମତ ନିଆଯାଇଥିଲା ।ସେ କହନ୍ତି ଘଟଣା ସତ ହୋଇଥାଏ ଓ ତଥ୍ୟ ପ୍ରମାଣ ମିଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ।ଏଠି ପ୍ରଶ୍ନ ଉଠେ ପୋଲିସ ରକ୍ଷକ ହୋଇ ସାଧାରଣ ନିରୀହ ବର୍ଗର ଲୋକଙ୍କ ଠକି ହାତଗୁଞ୍ଜା ନେଇ ଭକ୍ଷକ ସାଜିବ ତେବେ ପୋଲିସ ଉପରୁ ଲୋକଙ୍କ ଭରଷା ତୁଟିଯିବ । ତେବେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଏଭଳି ସମ୍ବେଦନଶୀଳ ଘଟଣାଟିକୁ ଗୁରୁତର ସହ ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି ।

# ଅସୁରକ୍ଷିତ ଶ୍ରେଣୀ ଗୃହ : ଚିନ୍ତାରେ ଅଭିଭାବକ

## କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲ ଛାତରୁ ଖସୁଛି କଂକ୍ରିଟ



କଣ୍ଟିଲୋ,(ସବ୍ୟୁ): ଶିକ୍ଷା ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ବ ସରକାର ୫ଟି ଯୋଜନାରେ ପ୍ରତି ହାଇସ୍କୁଲ କୁ ୬୫ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେଇଥିଲେ । କୁଞ୍ଜ ବିହାରୀ ନୋଡାଲ ହାଇ ସ୍କୁଲ ଏହି ଯୋଜନାରେ ସାମିଲ ହେବାପରେ ସ୍କୁଲ ପରିସରରେ ୨ଟି ନୂତନ କୋଠରୀକୁ ସ୍ମାର୍ଟ କ୍ଲାସ ରୁମରେ ପରିଣତ କରାଯାଇଛି ।ଲାଇବ୍ରେରୀ,ସାଇନ୍ସ ଲ୍ୟାବ, କମ୍ପୁଟର ରୁମ, ଶୌଚାଳୟ, ଆଦି ନିର୍ମାଣ ହୋଇଛି । ତେବେ ବିଦ୍ୟାଳୟ ପୁରୁଣା ଶ୍ରେଣୀ ଗୃହଗୁଡିକ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ । ପୂର୍ବପରି ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି ଛାତ୍ରୀମାନେ । ୨ମହଲା ବିଶିଷ୍ଟ ସ୍କୁଲ ଉପର ମହଲାରେ ଥିବା ୩ଟି ଶ୍ରେଣୀ ଗୃହ ଅବସ୍ଥା ଶୋଚନୀୟ ହୋଇପଡିଛି । ଛାତ ଦୁର୍ବଳ ହୋଇ ଛଡ଼ ଦେଖାଯାଉଛି । ପାଠପଢା ସମୟରେ ବର୍ଷା ଦିନେ ପାଣି ଟୋପା ପଡିବା ସହିତ ଛାତରୁ କଂକ୍ରିଟ ଖସୁଛି । ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି ପୁରୁଣା ସ୍କୁଲ ଛାତ ଗୁଡିକ ମରାମତି ଦିଗରେ ଆଦୌ ଦୃଷ୍ଟି ଦିଆଯାଇନାହିଁ । ଅନ୍ୟୋପାୟ ନଥିବାରୁ ଛାତ୍ରୀମାନେ ଉକ୍ତ ଅସୁରକ୍ଷିତ ଶ୍ରେଣୀ ଗୃହରେ ବାଧ୍ୟ ହୋଇ ପାଠ ପଢିଥାନ୍ତି । କଣ୍ଟିଲୋ ଅଞ୍ଚଳର ଏକ ମାତ୍ର ବାଳିକା ଶିକ୍ଷାନୁଷ୍ଠାନ କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ୧୯୬୫ରେ ପାଟଣା ଗ୍ରାମର ସମାଜସେବୀ କୁଞ୍ଜ ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରିଥିଲା । ପାହାଡ଼ ଉପରେ ସ୍କୁଲ ନିର୍ମାଣ ହୋଇଥିବାରୁ ସେତେବେଳେ ଏହାର ଦୃଢ ମୂଳଦୁଆ ସ୍ଥାପନ ସହ କାନ୍ଥ ଗୁଡିକ ଛାତ ପର୍ଯ୍ୟନ୍ତ କଳାମୁଗୁନି ପଥରରେ ନିର୍ମାଣ ହୋଇଥିଲା । କୋଠା ଭିତ୍ତିଭୂମି ସୁଦୃଢ ଥିବାବେଳେ କେବଳ ଉପର ମହଲା ଛାତ ଗୁଡିକ ନଷ୍ଟ ହୋଇଯାଇଛି ।ଏଠାରେ ୬ଷ୍ଠ ରୁ ୧୦ମ ପର୍ଯ୍ୟନ୍ତ ପ୍ରାୟ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ୫ଟି ଯୋଜନାରେ ସାମିଲ ପରେ ପୁରୁଣା ଶ୍ରେଣୀ ଗୃହ ମରାମତି କିମ୍ବା ପୁନର୍ନିର୍ମାଣ ଦିଗରେ ଦୃଷ୍ଟି ଦିଆନଯାଇ ଠିକା ସଂସ୍ଥା କୁ ସୁହାଇବା ଭଳି ନୂତନ ଗୃହ ନିର୍ମାଣ କୁ ଗୁରୁତ୍ୱ ଦିଆଯାଇଛି । ଫଳରେ ଲକ୍ଷ ଲକ୍ଷ ବ୍ୟୟ ପରେ ବି ପୁରୁଣା କୋଠା ପ୍ରତି ବିପଦ ସୃଷ୍ଟି ହୋଇଛି ।ଆହୁରି ମଧ୍ୟ ସ୍କୁଲ ଗେଟ, ସାଇକେଲ ଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ ।ଏଥିନେଇ ପରିଚାଳନା କମିଟି ସମେତ ବୁଦ୍ଧିଜୀବୀ, ଶିକ୍ଷାବିଦ ତଥା ଅଭିଭାବକ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ସେ‰ ଶିକ୍ଷା ବିଭାଗ,ପ୍ରଶାସନର ନୀରବତା ବିଭିନ୍ନ ମହଲ ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ କହିଛନ୍ତି ଯେ ସ୍କୁଲ ଅବ୍ୟବସ୍ଥା ସମ୍ପର୍କ ରେ ବିଡ଼ିଓଙ୍କୁ ଅବଗତ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ ଅଭିଯୁକ୍ତ ଗିରଫ, ...

ଆମେ ଏଠାରେ ବିଶ୍ୱାସ ନାହିଁ । ଆମେ ଚାହୁଁନୁ ସେ ପଶ୍ଚିମବଙ୍ଗରେ ରହୁ ।ସେ ଓଡ଼ିଶାରେ ପଢିବ । ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସହିତ ଯୋଗାଯୋଗ କରିଥିଲେ । ସେ ତାଙ୍କ ସହିତ କଥା ହୋଇଛନ୍ତି । ଓଡ଼ିଶାର ଏକ ମେଡିକାଲ କଲେଜରେ ତାଙ୍କର ନାମ ଲେଖାଇ ଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା କହିଛନ୍ତି ।

## ମମତାଙ୍କ...

ଦିଆନଯିବା ଉଚିତ । ସେମାନେ ନିଜକୁ ନିଜେ ରକ୍ଷା କରିବା ଉଚିତ । ମୁଁ ଯାହା ଜାଣିଛି ଘଟଣା ଘଟିଥିବା ସ୍ଥାନଟି ଏକ ଜଙ୍ଗଲ ଅଞ୍ଚଳରେ ଅଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ବୟାନ ଆସିବା ପରେ ବିଜେପି ତାଙ୍କୁ ତୀବ୍ର ସମାଲୋଚନା କରିଛି । ବିଜେପି ମୁଖପାତ୍ର ଗୌରବ ଭାଟିଆ ଏକ୍ସରେ ଲେଖିଛନ୍ତି, ମମତାଙ୍କ ବୟାନ ମହିଳାଙ୍କ ପ୍ରତି ଅପମାନ । ଆରଜି କର ଓ ସନ୍ଦେଶଖଲି ପରେ ଏବେ ଆଉ ଏକ ଲୋମହର୍ଷଣକାରୀ ଘଟଣା ଘଟିଛି । ନ୍ୟାୟ ପ୍ରଦାନ କରିବା ବଦଳରେ ସେ ପୀଡ଼ିତାଙ୍କ ଉପରେ ଦୋଷ ଲଦିଛନ୍ତି । ସେ ଲେଖିଛନ୍ତି, ଜଣେ ମୁଖ୍ୟମନ୍ତ୍ରୀ ଝିଅମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ବଦଳରେ ସେମାନଙ୍କୁ ରାତିରେ ବାହାରକୁ ନଯିବାକୁ କହୁଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ରହିବାର ତାଙ୍କର ଆଉ ନୈତିକ ଅଧିକାର ନାହିଁ ।

## କିଏ...

ନୁହେଁ ବୋଲି ଚର୍ଚ୍ଚା ଜୋର୍ ହେଉଛି । ପରିଚୟ ମିଳିଲେ ହତ୍ୟାକାରୀର ସନ୍ଧାନ ମିଳିଯିବ ବୋଲି ଜଣେ ପୋଲିସ ଅଫିସର କହିଛନ୍ତି । କେଉଁ କାରଣ ପାଇଁ ଦୁର୍ବୃତ୍ତମାନେ ଏପରି ଗୁରୁତର ପଦକ୍ଷେପ ନେଲେ ଓ ରେଳଡବା ଖେଳପଡିଆ ଶୌଚାଳୟ ପାଖରେ ଶବକୁ ପକାଇ ଦେଲେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖେଳପଡିଆକୁ ହତ୍ୟାକାରୀମାନେ କାହିଁକି ଚିହ୍ନଟ କରି ପକାଇଲେ ତାହା ମଧ୍ୟ ସନ୍ଦିହାନ । ସେମାନେ ଚାହିଁଥିଲେ ନଦୀ ସ୍ରୋତରେ ଶବକୁ ଭସାଇ ଦେଇଥାନ୍ତେ କିମ୍ବା ଘନ ଜଙ୍ଗଲରେ ପକାଇ ଦେଇପାରିଥାନ୍ତେ । ତାହା ନକରି ଭୁବନେଶ୍ୱର ରେଳଡବା ଖେଳପଡିଆରେ କାହିଁକି ପକାଇଲେ । ଆହୁରି ମଧ୍ୟ ସେ ଚାହିଁଥିଲେ କୌଣସି ନିଜାଞ୍ଜନ ସ୍ଥାନରେ ଶବକୁ ପୋତିଦେଇ ପାରିଥାନ୍ତେ । ଘଟଣା ପ୍ରାୟ ଦେଢ ମାସ ବିତିଗଲାଣି । ହେଲେ ହତ୍ୟାର ଶିକାର ହୋଇଥିବା ଯୁବକଙ୍କ ସନ୍ଧାନ ପାଇବା ପାଇଁ ପୋଲିସ ପୁରସ୍କାର ଘୋଷଣା କରିଥିଲେ ମଧ୍ୟ ଫଳ ଶୂନ ।

## ଆଫଗାନୀ...

ପାକିସ୍ତାନ ଆଇଏସ୍‌ଆଇଏସର ସଦସ୍ୟମାନଙ୍କୁ ତା' ମାଟିରୁ ବାହାର କରିଦେବା ଉଚିତ ।ସେମାନଙ୍କୁ ଧରି ପାକ୍ ସରକାର ଆମକୁ ହସ୍ତାନ୍ତର କରି ଦିଅନ୍ତୁ । ଆଇଏସ୍‌ଆଇଏସ୍ ଆଫଗାନିସ୍ତାନ ସମେତ ବିଶ୍ୱର ଅନେକ ଦେଶ ପାଇଁ ବିପଦ । ତାଲିବାନ ସରକାରଙ୍କ ମୁଖପାତ୍ର ଜବୀହୁଲ୍ଲା ମୁଜାହିଦ କହିଛନ୍ତି ଯେ ଗତକାଲି ହୋଇଥିବା ପ୍ରତିଆକ୍ରମଣରେ ଆଫଗାନ ସେନା ମଧ୍ୟ କ୍ଷତି ସହିଛି । ଏହାର ୨୦ରୁ ଅଧିକ ଯବାନ ମୃତାହତ ହୋଇଛନ୍ତି । ଏହି କାର୍ଯ୍ୟାନୁଷ୍ଠାନ ବେଳେ ପାକିସ୍ତାନ ସେନାର ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସେ କହିଛନ୍ତି । ପାକିସ୍ତାନକୁ ଚେତାବନୀ ଦେଇ ସେ କହିଛନ୍ତି ଯେ ଯିଏ ଆଫଗାନିସ୍ତାନ ଉପରେ ଖରାପ ନଜର ପକାଇବ, ତା'ର କଡ଼ା ଜବାବ ଦିଆଯିବ । ଗତକାଲିର ପ୍ରତିଆକ୍ରମଣକୁ କତାର ଓ ସାଉଦି ଆରବର ଅନୁରୋଧ କ୍ରମେ ପ୍ରତ୍ୟାହାର କରି ନିଆଯାଇଛି ।

## ୯ ମାସ...

ମାମଲା ବିଚାରାଧୀନ ଅଛି । ଏହାକୁ ଦୃଷ୍ଟିରେ ରଖି, ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟଗୁଡ଼ିକୁ ସେମାନଙ୍କର ମୋଟ ମଞ୍ଜୁରୀପ୍ରାପ୍ତ କ୍ଷମତାର ୧୦% ପର୍ଯ୍ୟନ୍ତ ଅସ୍ଥାୟୀ ବିଚାରପତିଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦେଇଥିଲେ । ସମ୍ବିଧାନର ଧାରା ୨୨୪ଏ ଅନୁଯାୟୀ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କୁ ଅସ୍ଥାୟୀ ବିଚାରପତି ଭାବରେ ନିଯୁକ୍ତି ଦେବାର ବ୍ୟବସ୍ଥା କରେ । ଯାହାଦ୍ୱାରା ମାମଲା ଭାର ହ୍ରାସ କରିହେବ । ନିୟମ ଅନୁଯାୟୀ, ସମ୍ପୃକ୍ତ ହାଇକୋର୍ଟ କଲେଜିୟମ୍ ପ୍ରାର୍ଥୀମାନଙ୍କୁ ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗକୁ ସୁପାରିଶ କରନ୍ତି । ତା'ପରେ ମନ୍ତ୍ରଣାଳୟ ପ୍ରାର୍ଥୀଙ୍କ ସୂଚନା ଯୋଡି ସୁପ୍ରିମକୋର୍ଟ କଲେଜିୟମ ଫାଇଲ୍ ପଠାଏ । ତା'ପରେ ସୁପ୍ରିମକୋର୍ଟ କଲେଜିୟମ୍ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ସରକାରଙ୍କୁ ସୁପାରିଶ କରେ ଯେ କେଉଁ ବ୍ୟକ୍ତିଙ୍କୁ ବିଚାରପତି ଭାବରେ ନିଯୁକ୍ତି ଦିଆଯିବା ଉଚିତ । ତା'ପରେ ରାଷ୍ଟ୍ରପତି ନିଯୁକ୍ତି ପତ୍ରରେ ସ୍ୱାକ୍ଷର କରନ୍ତି । ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ସମାନ ହେବ, କେବଳ ଏତିକି ଯେ ରାଷ୍ଟ୍ରପତି ନିଯୁକ୍ତି ପତ୍ରରେ ସ୍ୱାକ୍ଷର କରିବେ ନାହିଁ, କିନ୍ତୁ ତାଙ୍କ ସମ୍ମତି ଆବଶ୍ୟକ ହେବ ।

# ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ଓଡ଼ିଶା ପାଲଟିଛି ଉଦାହରଣ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଘରୋଇ ଡିସକମ୍ ମଡେଲ୍ ଦକ୍ଷତା ବୃଦ୍ଧି, କ୍ଷତି ହ୍‌ରାସ ଏବଂ ଜାତୀୟ ସ୍ୱୀକୃତି ହାସଲ କରିଛିଖରାପ ଅବସ୍ଥାରେ ଗତି କରୁଥିବା ଭାରତର ବିଦ୍ୟୁତ ବନ କ୍ଷେତ୍ରକୁ ପୁନରୁଦ୍ଧାର କରିବା ପାଇଁ ଶକ୍ତି ମନ୍ତ୍ରଣାଳୟ ଭାରତୀୟବିଦ୍ୟୁତ ଆଇନ, ୨୦୨୫ ରେ ଏକ ବଡଧରଣର ସଂଶୋଧନ କରିବାକୁ ଯାଉଛି । ଏଭଳି ସମୟରେ ଓଡ଼ିଶାରେ ସଫଳହୋଇପାରିଥିବା ବିଦ୍ୟୁତ ବନ କ୍ଷେତ୍ରର ଘରୋଇକରଣ, ଏକ ମଡେଲ୍ ଭାବରେ ଉଭା ହୋଇଛି ।ଘରୋଇକରଣର ପାଞ୍ଚ ବର୍ଷ ପରେ, ରାଜ୍ୟର ଚାରୋଟି ବିଦ୍ୟୁତ୍ ବନ କମ୍ପାନୀ (ଡ଼ିସକମ୍) ସାମଗ୍ରିକ ବୈଷୟିକ ଏବଂବାଣିଜ୍ୟିକ କ୍ଷତି (ଏଟିଆଣ୍ଡସି) କୁ ଦଶ ପ୍ରତିଶତରୁ ଅଧିକ ହ୍‌ରାସ କରିଛନ୍ତି, ଯାହା ଦ୍ୱାରା ଦକ୍ଷତା ଲାଭ ସହିତ ଏକ ବଡଧରଣରଆର୍ଥିକ ପରିବର୍ତନ ହାସଲ କରାଯାଇପାରିଛି । ଦୀର୍ଘ ଦିନ ଧରି ପ୍ରଭାବହୀନ ଏବଂ କ୍ଷତିରେ ଚାଲୁଥିବା ଏହି କ୍ଷେତ୍ରରେ ଓଡ଼ିଶାକରିଦେଖାଇଛି ଯେ, ଉତ୍ତରଦାୟୀ ଗଠନମୂଳକ ସଂସ୍କାର ମାଧ୍ୟମରେ ନିର୍ଭରଯୋଗ୍ୟ ସେବା ପ୍ରଦାନ ଏବଂ ଗ୍ରାହକଙ୍କୁ ଲାଭ ଦେବା ସମ୍ଭବ ହୋଇପାରିବ ।ଏହାର ଫଳାଫଳ ସ୍ପଷ୍ଟ । ଗତ ପା* ବର୍ଷ ମଧ୍ୟରେ, ଓଡ଼ିଶାର ଡିସକମ୍ ଗୁଡିକ ନେଟଓ୍ୱାର୍କ ଅପଗ୍ରେଡ୍, ପ୍ରଯୁକ୍ତିବିଦ୍ୟା ସମନ୍ୱୟ,କର୍ମଚାରୀ ତାଲିମ ଏବଂ ସୁରକ୍ଷାରେ ଉନ୍ନତି ପାଇଁ ପ୍ରାୟ ୫୦୦୦ କୋଟି ଟଙ୍କା ନିବେଶ ସହିତ ଦଶ ଲକ୍ଷରୁ ଅଧିକ ନୂତନବିଦ୍ୟୁତ ସଂଯୋଗ ସ୍ଥାପନ କରିଛନ୍ତି । ରାଜ୍ୟ ସରକାରଙ୍କ ସହଭାଗୀତାରେ ଭାରତର ସବୁଠାରୁ ଅଭିଜ୍ଞୟୁଟିଲିଟି କମ୍ପାନୀଗୁଡ଼ିକମଧ୍ୟରୁ ଗୋଟିଏ ଟାଟା ପାଓ୍ୱାର ନେତୃତ୍ୱରେ, ବନ କମ୍ପାନୀ ଗୁଡ଼ିକ ବର୍ତମାନ ୧୫୦୦୦୦ ବର୍ଗ କିଲୋମିଟରର ଅ*ଳରେ ବିସ୍ତାରିତ ପ୍ରାୟ ୧ କୋଟି ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଛନ୍ତି, ଯାହା ଦ୍ୱାରା ରାଜ୍ୟର ପ୍ରାୟ ୫ କୋଟି ଲୋକ ଉପକୃତହେଉଛନ୍ତି ।ଆଜି, ଏତେ କମ୍ ସମୟ ମଧ୍ୟରେ ଓଡ଼ିଶା ଡ଼ିସକମ୍ ଗୁଡ଼ିକୁ ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟ ଦ୍ୱାରା ବାର୍ଷିକମୂଲ୍ୟାଙ୍କନରେ ଦେଶର ଶ୍ରେଷ୍ଠ ଡିସକମ୍ ମଧ୍ୟରେ ସ୍ଥାନ ମିଳିଛି । ହୁଏତ ସବୁଠାରୁ ଉଲ୍ଲେଖନୀୟ ସଫଳତା ଗ୍ରାମାଞ୍ଚଳ ବିଦ୍ୟୁତୀକରଣରେ ମିଳିଛି । ପ୍ରଥମ ଥର ପାଇଁ, ଏକ ଘରୋଇ ସଂସ୍ଥା ଭାରତର ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବନ କ୍ଷେତ୍ରରେ ପରିବର୍ତନ ଆଣିପାରିଛି, ଐତିହାସିକ ଭାବରେ ଅବହେଳାର ଶିକାରହୋଇଥିବା ଏହି ଅଞ୍ଚଳଗୁଡ଼ିକୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ସୁନିଶ୍ଚିତ କରାଯାଇପାରିଛି । ଏହି ସଫଳତା ଓଡ଼ିଶାକୁ ଏକ ବିରଳକେସ୍ ଷ୍ଟଡି ଭାବେ ସ୍ଥାନିତ କରିଛି ଯାହା ଦର୍ଶାଉଛି ଯେ ଘରୋଇ କ୍ଷେତ୍ରର ଦକ୍ଷତାକୁ ଜନସାଧାରଣଙ୍କ ହିତ ପାଇଁ ମଧ୍ୟବ୍ୟବହାର କରାଯାଇପାରିବ ଏବଂ ଏହା ଏକ ସଫଳ ସଂସ୍କାର ମଡେଲ୍ ଯାହାକୁ ଅନ୍ୟ ରାଜ୍ୟଗୁଡ଼ିକ କମ ସମୟ ମଧ୍ୟରେ ଲାଗୁକରିପାରିବେ । ବନ କ୍ଷେତ୍ରରେ ସଂସ୍କାର ହେଉଛି ବିଦ୍ୟୁତ କ୍ଷେତ୍ରରେ ପରିବର୍ତନର ମୂଳଦୁଆ । ବନ ଗ୍ରାହକଙ୍କ ସହିତ ପ୍ରାଥମିକ ଇରଫେସ୍‌ଭାବରେ କାର୍ଯ୍ୟ କରେ ଏବଂ ଏହା ରାଜସ୍ୱର ପ୍ରମୁଖ ସ୍ରୋତ ଯାହା ଉଭୟ ପରିବହନ ଏବଂ ଉତ୍ପାଦନକୁ ସମର୍ଥନ କରିଥାଏ ।

# ଭଗାରାମ ସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଆଗରପଡ଼ା,(ସବ୍ୟୁ): କାଦବରାଙ୍ଗ ପଞ୍ଚାୟତସ୍ଥିତ ଭଗାରାମ ପ୍ରାଥମିକ ସ୍କୁଲରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ପରିସରରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀ ଅନାବରଣ ସହ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଏଥି ସହିତ ସେବା ନିବୃତ୍ତ ପ୍ରଧାନଶିକ୍ଷକ ପ୍ରଣୟ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା । ଆୟୋଜିତ ଉତ୍ସବରେ ବିଧାୟକ ସଂଜୀବ ମଲ୍ଲିକ,ଜିଲ୍ଲାପାଳ ଦିଲୀପ ରାଉତରାୟ,ପ୍ରାକ୍ତନ ମଂତ୍ରୀ ନିରଞ୍ଜନ ପଟ୍ଟନାୟକ,ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ,ବିଜେପି ନେତା ପଞ୍ଚାନନ ରାଉତ,ବିଜେଡି ନେତା ପ୍ରଶାନ୍ତ ଦାଶ,ସମାଜସେବୀ ସୁରେଶ୍ୱରୀ ସାଗରୀକା ଜେନା,ଅଧ୍ୟାପିକା ସୋମା ଚାନ୍ଦ,ଡାକ୍ତର ପୃଥ୍ୱୀରାଜ ପଣ୍ଡା,ଶିକ୍ଷାବିତ୍ ବିମଳ ଜେନା,ସିଆରସିସି ନିରଞ୍ଜନ ଖିଲାର,ସରପଞ୍ଚ ତପୋଇ ସେଠୀ,ସମିତି ସଭ୍ୟା ଦିପାରାଣୀ ଜେନା,ପ୍ରାକ୍ତନ ସରପଞ୍ଚ ଭାଗିରଥି ସେଠୀ,ବାସୁଦେବ ଜେନା ପ୍ରମୁଖ ଯୋଗଦେଇ ସ୍କୁଲର ଐତିହ୍ୟ ରୋମନ୍ଥନ କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଯୁବନେତା ବିଷ୍ଣୁ ଦାସ ସଭାକୁ ପରିଚାଳନା କରିଥିଲେ ।

# ଦନ୍ତା ହାତୀର ମୃତ୍ୟୁ ଘଟଣା : ବନ୍ଧା ଯାଇଥିବା ଜିଆଇ ତାର ସିଜ୍ ସହ ଜମି ମାଲିକ ଅଟକ

ନୀଳଗିର,(ସବ୍ୟୁ):ନୀଳଗିରି କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ପଞ୍ଚଲିଙ୍ଗେଶ୍ୱର ସେକ୍ସନ୍ ତେଣ୍ଡା ଫରେଷ୍ଟ ବିଟ୍ ଅଧୀନ ଗରଡି ପଞ୍ଚାୟତ ଆମ୍ବଝର ନିକଟସ୍ଥ ଏକ ବିଲ କିଆରିରେ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହେବା ଘଟଣାରେ ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳ ବିଲ କିଆରିରୁ ବନବିଭାଗ ପୋତା ଯାଇଥିବା ବାଉଁଶ କିଳା, ବନ୍ଧା ଯାଇଥିବା ଜିଆଇ ତାର ସିଜ୍ କରିବା ସହ ଜମି ମାଲିକଙ୍କୁ ଅଟକ ରଖିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ତେବେ ହାତୀ ମୃତ୍ୟୁର କାରଣ ଖୋଜିବା ଉଦ୍ଦେଶ୍ୟରେ ରବିବାର ସକାଳେ ଘଟଣାସ୍ଥଳରେ ଜଏଣ୍ଟ ଟାକ୍ସ ଫୋର୍ସର ଅଧିକାରିଣୀ ରେଣୁବାଳା ସାହୁ, ଆର.ସି.ସି.ଏଫ ପ୍ରକାଶଚାନ୍ଦ ଗୁଗନାନୀ, ତାଙ୍କ ସହ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ, ଏ.ସି.ଏଫ୍ ତଟିନି ସେଠି, କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ସ୍ଥାନୀୟ ଫରେଷ୍ଟର ହୃଷିକେଶ ପ୍ରଧାନ, ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ କରାଇଥିଲେ । ତେବେ କୁଳଡିହାରେ ଶିକାରୀଙ୍କ ଉପଦ୍ରବକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ତିନି, ଚାରି ବର୍ଷ ଭିତରେ କୁଳଡ଼ିହା ଅଭୟାରଣ୍ୟରେ କ୍ରମାଗତ ଭାବେ ଏକାଧିକ ହାତୀଙ୍କ ମୃତ୍ୟୁ ହେଲାଣି । କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ଯାଉଛି ହାତୀଙ୍କ ଜୀବନ । ହାତୀ ବଂଶ ଲୋପ ପାଉଥିବାରୁ ବନାଞ୍ଚଳବାସୀଙ୍କୁ ଏହି ଘଟଣା ବ୍ୟଥିତ କରିଛି ।


**AFFIDAVIT**

I, Deljit Singh S/o Bhupinder Singh resident 545 Vivekanand Marg, Bhubaneswar, Pin - 751002, Odisha, declare by this affidavit no. 12AA787900 Dated June 23, 2025 that now onwards my son **Yuvraj Singh** shall be known as **Yuvraj Singh Gill** for all future purposes.


# କଳାକାର ବିଶ୍ୱମ୍ବର ଯେନାଙ୍କ ବିୟୋଗ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକ ଖପରପଦା ପଞ୍ଚାୟତ ସରପୁର ଗ୍ରାମର ବାର୍ଷିଆନ କଳାକାର ବିଶ୍ୱମ୍ବର ଯେନା(୯୨)ଙ୍କର ରବିବାର ଦିନ ହୃଦଘାତରେ ପରଲୋକ ଘଟିଛି ।ସକାଳେ ବିଶ୍ୱମ୍ବର ସ୍ୱାଭାବିକ ଭାବରେ ନିତ୍ୟକର୍ମ ସାରି ଘର ନିକଟକୁ ଯାଉଥିବା ସମୟରେ ହୃଦଘାତର ଶିକାର ହୋଇ ଟଳି ପଡ଼ିଥିଲେ ।ଓଡ଼ିଆ ଯାତ୍ରା ପରମ୍ପରାର ଅନ୍ୟତମ ସ୍ରଷ୍ଟା ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଶିଷ୍ୟ ଭାବେ ପରିଚିତ ବିଶ୍ୱମ୍ବର ତାଙ୍କ ପ୍ରତିଷ୍ଠିତ ନୀଳଚକ୍ର ଅପେରାରେ ଜଣେ ସଙ୍ଗୀତ ବାଦ୍ୟଯନ୍ତ୍ର ଶିଳ୍ପୀ ଭାବେ କାର୍ଯ୍ୟ କରିଥିଲେ ।


O- 896

No. 4266 dated. 25.09.2025

e-mail ID- rw_sambalpur@yahoo.co.in
Phone No.0663-2401850

**Government of Odisha "e" procurement Notice**

**Bid Identification No. TENDER ONLINE SBPR- 04 OF 2025-26**

| | | |
|---|---|---|
| 1. | Name of the Work | : Road & Building Works as per DTCN available in the website www.tendersodisha.gov.in |
| 2. | Total No. of Work | : 41 (Forty One) Nos. |
| 3. | Estimated Cost | : Varies from Rs. 4.20 lakhs to Rs. 46.22 lakhs |
| 4. | Period of Completion | : 01 (One) Calendar months to 02(Two) Calender month's. |
| 5. | Period and time of availability of bid document in the portal for bidding | : 14.10.2025 at 11.00AM to 27.10.2025 up to 5.00 PM |
| 6. | Date and time of opening of Tender | : 28.10.2025 at 11.00AM |
| 7. | Name and address of the officer inviting bid | : S.E.R.W. Divn. Sambalpur |

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website: www.tenderodisha.gov.in

OIPR: 25076/11/0030/2526

Superintending Engineer
Rural Works Division, Sambalpur


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଚାନ୍ଦି ଭଣ୍ଡାର ଦ୍ୱାରା ପଦ୍ମୀରା ଆଲୋକ ଏବଂ ଐତିହ୍ୟ ଋତୁ ପାଇଁ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ): ଦୀପାବଳି ଏକ ଋତୁ ଯାହା ଆନନ୍ଦ, ଆଲୋକ ଏବଂ ଏକତା ଆଣିଥାଏ। ଘରଗୁଡ଼ିକ ଉତ୍ସବମୁଖୀ ଦୀପରେ ଝଲସୁଥାଏ, ପରିବାରଗୁଡ଼ିକ ଉତ୍ସବ ପାଳନରେ ଏକାଠି ହୁଅନ୍ତି, ଏବଂ ପ୍ରତ୍ୟେକ ଆଲୋକ ଅନ୍ଧାର ଉପରେ ଆଲୋକର ବିଜୟ ଏବଂ ନୂତନ ଆରମ୍ଭର ପ୍ରତିଶ୍ରୁତିକୁ ପ୍ରତିଫଳିତ କରେ। ଦୀପାବଳିର ଆତ୍ମାକୁ ସ୍ପନ୍ଦନଶୀଳ ରଙ୍ଗ, ଉଜ୍ଜ୍ୱଳ ମୁହୂର୍ତ୍ତ ଏବଂ ସଂପ୍ରଦାୟ ଏବଂ ହୃଦୟକୁ ଏକତ୍ର କରୁଥିବା ପରମ୍ପରାରେ ଅନୁଭୂତ ହୁଏ। ଏହି ଆତ୍ମା ଦ୍ୱାରା ଅନୁପ୍ରାଣିତ ହୋଇ, ଚାନ୍ଦି ଭଣ୍ଡାର ଗର୍ବର ସହିତ ପଦୀରା ସଂଗ୍ରହକୁ ଉପସ୍ଥାପନ କରେ- "କମଳ ଫୁଲ ଏବଂ ମୟୂରର ପଞ୍ଝାରେ ସଜ୍ଜିତ ଏକ ଉତ୍ସବ।" ୧୮-କ୍ୟାରେଟ୍ ସୁନା ପ୍ଲେଟିଂ ସହିତ ଶୁଦ୍ଧ ଷ୍ଟର୍ଲିଂ ରୂପାରେ ପ୍ରସ୍ତୁତ, ପଦ୍ମୀରା ହେଉଛି ପରମ୍ପରା ଏବଂ କଳାକୃତିର ଏକ ଉଜ୍ଜ୍ୱଳ ମିଶ୍ରଣ, ଯାହା କେବଳ ଆଲୋକ ଋତୁ ପାଇଁ ସୃଷ୍ଟି ହୋଇଛି। ପଦମୀରା ସଂଗ୍ରହର ପ୍ରତ୍ୟେକ ଖଣ୍ଡ ଦୀପାବଳିକୁ ପରିଭାଷିତ କରୁଥିବା ଉଷ୍ମତା ଏବଂ ନବୀକରଣକୁ ପ୍ରତିଫଳିତ କରେ। ପଦ୍ମ ଏବଂ ମୟୂରର କାଳଜୟୀ ମୋଟିଫ୍ ଦ୍ୱାରା ଅନୁପ୍ରାଣିତ ହୋଇ, ପ୍ରତ୍ୟେକ ଡିଜାଇନ୍ ମହିଳାମାନଙ୍କର ସୌନ୍ଦର୍ଯ୍ୟ, ଶକ୍ତି ଏବଂ ସ୍ଥାୟୀ ଆକର୍ଷଣକୁ ଆକର୍ଷିତ କରେ। ପଦ୍ମ, ଏହାର କୋମଳ ଶାନ୍ତତା ସହିତ, ପବିତ୍ରତା ଏବଂ ସ୍ଥିରତାକୁ ପ୍ରତିଫଳିତ କରେ, ଯେତେବେଳେ ଗର୍ବ ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ମୟୂର, ସ୍ପନ୍ଦନ ଯୋଗ କରେ। ସ୍ପନ୍ଦନଶୀଳ ଏନାମେଲ୍, ବିଭିନ୍ନ ଆକାରରେ ଚମକଦାର ମୁକ୍ତା ଏବଂ ଚମକଦାର ରଙ୍ଗୀନ CZ ପଥର ସହିତ ଉନ୍ନତ, ସଂଗ୍ରହ ଗଭୀରତା, ଗଠନ ଏବଂ ଉଜ୍ଜ୍ୱଳତା ବିକିରଣ କରେ। ଏକତ୍ର, ଏହି ଉପାଦାନଗୁଡ଼ିକ ସମୃଦ୍ଧି, ନବୀକରଣ ଏବଂ ଅନୁଗ୍ରହକୁ ମୂର୍ତ୍ତିମନ୍ତ କରେ।




# ଭୁବନେଶ୍ୱରରେ ଆରମ୍ଭ ହେଲା ଜାତୀୟ ଆଦିବାସୀ ମହୋତ୍ସବ


ଭୁବନେଶ୍ୱର, (ସବ୍ୟୁ): ସା' ପରିଚୟ ଫାଉଣ୍ଡେସନ୍ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡିଆ ଠାରେ ଆରମ୍ଭ ହୋଇଛି ୧୨ତମ ଜାତୀୟ ଆଦିବାସୀ ମହୋତ୍ସବ। ଶନିବାର ବନ ଓ ପରିବେଶ ମନ୍ତ୍ରୀ ଗଣେଷରାମ ସିଂଖୁଣ୍ଟିଆ ମହୋତ୍ସବର ଶୁଭ ଉଦ୍‌ଘାଟନ କରିଛନ୍ତି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଉକ୍ତ ମହୋତ୍ସବରେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିଭିନ୍ନପ୍ରକାର ଉତ୍ପାଦ ୧୩୦ଟି ଷ୍ଟଲରେ ପ୍ରଦର୍ଶିତ ହେଉଛି। ୧୧ଟି ରାଜ୍ୟ ଏବଂ ଓଡ଼ିଶାର ୧୭ଟି ଜିଲାର ଉତ୍ପାଦକ ଗୋଷ୍ଠୀ ଏଠାରେ ଯୋଗ ଦେଇଛନ୍ତି। ଆଦିବାସୀ ସମ୍ପ୍ରଦାୟର ନିଛକ ଛବି ଏଠାରେ ଦେଖିବାକୁ ମିଳୁଛି। ଆଦିବାସୀ ପରମ୍ପରା ଆଧାରିତ ସାମଗ୍ରୀ, ହସ୍ତଶିଳ୍ପ, ହସ୍ତତନ୍ତ, ଜୈବିକ ଓ ବନଜାତ ଉତ୍ପାଦ ଆଦିର ସମ୍ଭାର ରହିଛି। ରାଜ୍ୟ ଏମଏସଏମଇ ବିଭାଗ, କେନ୍ଦ୍ର ବୟନ ମନ୍ତ୍ରାଳୟ, ଟେରିଫେଡ, ରାଜ୍ୟ ସଂସ୍କୃତି ବିଭାଗ ତଥା କଟକ ଡିଏଫଓଙ୍କ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ କଳାକାରଙ୍କ ଦ୍ୱାରା ଜନଜାତିୟ କଳା, ସଂସ୍କୃତି, ପରମ୍ପରାର ଅପୂର୍ବ ନିଦର୍ଶନ ଦେଖିବାକୁ ମିଳୁଛି। ପ୍ରତ୍ୟେହ ସଂଧ୍ୟାରେ ଜନଜାତିଙ୍କ ପାରମ୍ପାରିକ ଲୋକନୃତ୍ୟ ପରିବେଷଣ କରାଯାଉଛି। ମହୋତ୍ସବ ସ୍ଥଳରେ ଏକ ଆଦିବାସୀ ଗ୍ରାମର ଜୀବନ୍ତ ଚତ୍ର ଦର୍ଶକଙ୍କୁ ଆକୃଷ୍ଟ କରୁଛି। ବିଭିନ୍ନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳ ସଦସ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସା' ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ଶୁଭାଶିଷ ଦାସ କହିଛନ୍ତି।




ବେଆଇନ ବାଣ ପ୍ରସ୍ତୁତି ଓ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ନେଇ

# ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲା ଜିଲ୍ଲା ପ୍ରଶାସନ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡା ଗ୍ରାମରେ ବେଆଇନ ବାଣ ବିସ୍ଫୋରଣରେ ଅମୁଲ୍ୟ ଜୀବନ ଚାଲିଯିବା ଘଟଣାରେ ଉକ୍ତ ଅଞ୍ଚଳରେ ବେଆଇନ ବାଣ ପ୍ରସ୍ତୁତି ଓ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଲିଖିତ ଅଭିଯୋଗ କ୍ରମେ ରବିବାର ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲା ଜିଲ୍ଲା ପ୍ରଶାସନ । ସପ୍ତାହେ ପୂର୍ବରୁ ବାଛୁରୀପଡା ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତି ସମୟରେ ଭୟଙ୍କର ବିସ୍ଫୋରଣ ଘଟି ସ୍ଥାନୀୟ ଯୁବକ ଅନିଲ ଦାସଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ପରିବାରର ୩ ଜଣ ଏବେବି ହସ୍ପିଟାଲରେ ଚିକିତ୍ସାଧୀନ ଓ ତେବେ ଏହି ବିସ୍ଫୋରଣ ପରେ ପ୍ରଶାସନ ବେଆଇନ ବାଣ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ନିଜର କଡା ଆଭିମୁଖ୍ୟ ପ୍ରଦର୍ଶନ କରିବା ସହିତ ଶିବିର ଆୟୋଜନ କରି ଲୋକଙ୍କୁ ସଚେତନ ମଧ୍ୟ କରାଇଥିଲା। ଏହି ଅଞ୍ଚଳରେ ମୋଟ ୪ଜଣ ବାଣ ବ୍ୟବସାୟୀ ବର୍ଷ ତମାମ ବାଣ ବିକ୍ରୟ ପାଇଁ ସରକାରଙ୍କ ତରଫରୁ ବିଧିବଦ୍ଧ ଭାବେ ସ୍ୱୀକୃତି ପାଇଥିବାବେଳେ ସବୁ ବର୍ଷ ଭଳି ଦୀପାବଳି ପୂର୍ବରୁ ଗ୍ରାମର ଏକାଧିକ ବ୍ୟବସାୟୀ ଗାଁ ମୁଣ୍ଡ ଏକ ଖୋଲା ପଡିଆରେ ୨ରୁ ୩ଦିନ ବାଣ ବିକ୍ରୟ ପାଇଁ ଅସ୍ଥାୟୀ ଲାଇସେନ୍ସ ଆବେଦନ କରିସାରିଥିଲେ ଓ ଆବଶ୍ୟକ କାଗଜ ପତ୍ର ମଧ୍ୟ ସରକାରଙ୍କ ନିକଟରେ ଦେଇସାରିଥିଲେ । ପରେ ବାଣ କିଣିବାକୁ ହୋଲସେଲର ବ୍ୟବସାୟୀଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଟଙ୍କା ଅଗ୍ରୀମ ଦେଇସାରିଛନ୍ତି । ହେଲେ ଦୁର୍ଘଟଣା ପରେ ଏହି ଅଞ୍ଚଳରେ ବେଆଇନ ବାଣ ବିକ୍ରିକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିବା ସହ ଏହି ଅସ୍ଥାୟୀ ଦୋକାନ ମାଧ୍ୟମରେ ବାଣବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ବାଚିତ ପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ଓ ତେବେ ଅଭିଯୋଗ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଏଡିଏମ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣାଙ୍କ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗର ଏକ ଟିମ ଆସି ଲାଇସେନ୍ସ ଚେକ କରିବା ସହିତ ଘରେ ଘରେ ପଶି ବେଆଇନ ବାଣ ପାଇଁ ସର୍ଚ୍ଚ କରିଥିଲେ । ପରେ ଅସ୍ଥାୟୀ ଲାଇସେନ୍ସ ମାଧ୍ୟମରେ ଦୋକାନ ବସିବାକୁ ଥିବା ପଡିଆରେ ମଧ୍ୟ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ତେବେ ଏନେଇ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି ।



## ସମାଜସେବୀଙ୍କ ଜୟନ୍ତୀ ପାଳନ

ଫୁଲନଖରା , (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ରାୟପୁର ସ୍ଥିତ ବ୍ଲାକ ଫରେଷ୍ଟ ରେଷ୍ଟୁରାଣ୍ଟରେ ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ (ଓସ୍କୋ) ଆନୁକୁଲ୍ୟରେ ବିଶିଷ୍ଟ ସମାଜସେବୀ ତଥା ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ କଟକ ଶାଖାର ସମ୍ପାଦକ ପିନାକପାଣି ମହାନ୍ତିଙ୍କ ଜନ୍ମଦିବସ ବେଶ ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଶ୍ରୀଯୁକ୍ତ ମହାନ୍ତି ସାହାରା କ୍ଷତିଗ୍ରସ୍ତଙ୍କ ପାଇଁ ୧୦ ହଜାର କୋଟି ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ମଞ୍ଜୁର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ହଜାର ହଜାର ହତୋତ୍ସାହିତ ଜନ ସାଧାରଣଙ୍କ ମୁହଁରେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛନ୍ତି । ଓସ୍କୋର ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ,ସଭାପତି ଲଳିତ କୁମାର ଦାଶ,ସମ୍ପାଦକ ଅମିତ କୁମାର ପରିଜାଙ୍କ ସହ କର୍ମକର୍ତ୍ତାମାନେ ଯୋଗ ଦେଇ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି । ଏହି ଅବସରରେ ଶ୍ରୀଯୁକ୍ତ ମହାନ୍ତିଙ୍କ ପିତା ଡଃ ଜଗଦୀଶ ଚନ୍ଦ୍ର ମହାନ୍ତି ,ମାତା ଚାରୁଲତା ମହାନ୍ତି,ସହଧର୍ମିଣୀ ଶୁଭ୍ରାଞ୍ଜଳି ସାମନ୍ତରାୟ,ପୁତ୍ର ଶ୍ରୀଭୟ ମହାନ୍ତି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

# ସୂଚନା ଅଧିକାର ଆଇନକୁ ପଙ୍ଗୁ କରିଛି କେନ୍ଦ୍ର ସରକାର: ଭକ୍ତ

ଭୁବନେଶ୍ୱର, (ସବ୍ୟୁ): ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ ।ୟୁପିଏ ସରକାରଙ୍କ ଉଦ୍ଦେଶ୍ୟ ଥିଲା କାର୍ଯ୍ୟପାଳିକା ସାଧାରଣ ଜନତାଙ୍କୁ ସୂଚନା ପ୍ରଦାନ କରିବେ । ସରକାରଙ୍କ କାର୍ଯ୍ୟପଦ୍ଧତି ସ୍ୱଚ୍ଛ ରହିବ, ସରକାରଙ୍କ ଉତ୍ତରଦାୟି ରହିବ । ସମାଜର ତଳ ସ୍ତରର ଲୋକଙ୍କୁ ନ୍ୟାୟ ମିଳିବ । କିନ୍ତୁ କେନ୍ଦ୍ର ସରକାର ଲୋକଙ୍କ ଅଧିକାର ପ୍ରତି ଅବହେଳା କରିଛନ୍ତି ବୋଲି ରବିବାର କଂଗ୍ରେସ ଭବନରେ ସୂଚନା ଅଧିକାର ଆଇନର ୨୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଥିଲେ । ସେ କହିଥିଲେ, କେନ୍ଦ୍ରରେୟୁପିଏ ସରକାର ଅମଳରେ ମନରେଗା, ଶିକ୍ଷା ଅଧିକାର ଆଇନ୍, ଖାଦ୍ୟ ସୁରକ୍ଷା ଆଇନ ଓ ଜଙ୍ଗଲ ସମ୍ପଦ ଅଧିକାର ଆଇନ ପରି ଅନେକ ବିଧିବ୍ୟବସ୍ଥା ହୋଇଥିଲା । ଆରଟିଆଇ ବଳରେ, ପେନସନରେ ଅବହେଳା ହେଲେ ସୂଚନା ସଂଗ୍ରହ କରି ନ୍ୟାୟ ମିଳିପାରୁଥିଲା । ସେମିତି ସମସ୍ତ କ୍ଷେତ୍ରରେ ଆର.ଟି.ଆଇ ସୂଚନା ଅବହେଳା କରି ଲୋକଙ୍କ ଅଧିକାରକୁ ସରକାର ଛଡାଇ ନେଇଛନ୍ତି ।ସାମାଜିକ ନ୍ୟାୟପ୍ରତିଷ୍ଠା ଦିଗରେୟୁପିଏ ଅଧକ୍ଷା ସୋନିଆ ଗାନ୍ଧିଙ୍କ ଉଦ୍ୟମ ଏବଂ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାରରେ ୨୦୦୫ ମସିହାରେ ଆର୍ ଟି ଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା । କିନ୍ତୁ କେନ୍ଦ୍ରର ବିଜେପି ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କ୍ରମାଗତ ଭାବରେ କାଟିବାରେ ଲାଗିଛନ୍ତି । ଯାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି । ବରିଷ୍ଠ କଂଗ୍ରେସ ନେତା ତଥା ଖ୍ୟାତନାମା ଆଇନଜୀବୀ ଏବଂ ଆର.ଟି.ଆଇ କର୍ମୀ ସଂଗଠନର ଆଇନ ପରାମର୍ଶଦାତା ଶିବାନନ୍ଦ ରାୟ କହିଛନ୍ତି କି, ଆଜି ଆର୍ ଟି ଆଇ ଆଇନ ୨୦ ତମ ବାର୍ଷିକ ଉତ୍ସବ ପାଳନ କରୁଛି । ୧୯୭୭ ମସିହାରେ ବିଶିଷ୍ଟ ଆଇନଜୀବୀ ପାଲକିବାଲା ଏବଂ ଶାନ୍ତିଭୂଷଣ ନିର୍ବାଚନର ଦୁର୍ନୀତିକୁ ନେଇ ସୁପ୍ରିମକୋର୍ଟରେ ବିତର୍କ କରିଥିଲେ । ଯାହା ୧୯୭୫ ମସିହାରେ ଏହି ପ୍ରସଙ୍ଗ ସଂସଦରେ ଉତଥାପନ ହୋଇଥିଲା । ଶେଷରେୟୁପିଏ ଅଧକ୍ଷା ସୋନିଆ ଗାନ୍ଧିଙ୍କ ଚେଷ୍ଟାରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଉଦ୍ୟମରେ ୨୦୦୫ ମସିହାରେ ଆର୍ ଟି ଆଇ ଆଇନ କାର୍ଯ୍ୟକାରୀ ହେଲା । ଆର୍ ଟି ଆଇର ମୂଳ କଥା ହେଲା ବିଧାୟକ, ସଂସଦ ବିଧାନସଭା କିମ୍ବା ସଂସଦରେ ଯେଉଁ ଉତ୍ତର ଆଣୁଥିଲେ ସାଧାରଣ ଲୋକ ମଧ୍ୟ ସେହି ତଥ୍ୟ ୧୦ ଟଙ୍କା ଡିପୋଜିଟ କରି ପାଇପାରିବ । ତେବେ ଦୁର୍ନୀତି ରୋକିବା ପାଇଁ ସାଧାରଣ ଲୋକଙ୍କ ଜାଣିବା ପାଇଁ ଯେଉଁ ଆଇନ ତିଆରି କରାଗଲା ସରକାର ଠିକ୍ ପରିଚାଳନା କରୁନାହାନ୍ତି । ସୂଚନା ଆଇନ ଅନ୍ତର୍ଗତ ୨୩ ଲକ୍ଷ କେସ ଏବଂ ୪ ଲକ୍ଷ ଅପିଲ ବିନା ଫୈସଲାରେ ପଡ଼ିରହିଛି । କେନ୍ଦ୍ରୀୟ ସୂଚନା କମିଶନ ଓଡ଼ିଶାର କମିଶନରେ ଠିକ୍ ଭାବରେ ନିଯୁକ୍ତି ମଧ୍ୟ କରୁନାହାନ୍ତି । ଓଡ଼ିଶାରେ ୨୦୦୦ ସୂଚନା କର୍ମୀ ଅଛନ୍ତି । ସେଠି ମଧ୍ୟରୁ ୯ ଜଣଙ୍କ ହତ୍ୟା ହୋଇସାରିଲାଣି । ବିଭିନ୍ନ ଦୁର୍ନୀତିର ପର୍ଦ୍ଦାଫାଶ କରିବାରୁ ତାଙ୍କୁ ହତ୍ୟା କରାଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ୨୦୧୪ ମସିହା ଠାରୁ ସରକାର କ୍ରମାଗତ ଭାବେ ଆର୍ ଟି ଆଇ ଆଇନକୁ ଦୁର୍ବଳ କରିବାରେ ଲାଗିଛନ୍ତି । ଆଇନକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନ ନିଆ ଯିବା ଯୋଗୁଁ ସାଧାରଣ ଜନତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେବା ସହିତ ସୂଚନା କର୍ମୀ ହତ୍ୟାର ଶିକାର ହେଉଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ ।



ବେତନଟୀ ଡାକ୍ତରଖାନା ପକ୍ଷରୁ ପୋଲିଓ ଅଭିଯାନ

# ପ୍ରଥମଦିନରେ ୧୦ହଜାର ଶିଶୁ ଖାଇଲେ ପୋଲିଓ ବୁନ୍ଦା

ବେତନଟୀ,(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଡାକ୍ତରଖାନା ପକ୍ଷରୁ ଚଳିତବର୍ଷ ପୋଲିଓ ଅଭିଯାନରେ ୧୧ହଜାର ୧ଶହ ୫ଜଣ ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ପ୍ରଥମଦିନରେ ୧୦ହଜାର ୧ଶହ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଲେ । ବେତନଟୀ ଡାକ୍ତରଖାନା ଅଧିକାରୀ ଡ. ସିପୁନ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିଓ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଏହା ତିନି ଦିନବ୍ୟାପୀ ଚାଲିବାକୁ ଥିବା ନେଇ ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ବେତନଟୀ ଡାକ୍ତରଖାନାର ଜନସ୍ୱାସ୍ଥ୍ୟ ସମ୍ପ୍ରସାରନ ଅଧରକାରିଣୀ ମଞ୍ଜୁଶ୍ରୀ ଦାସଙ୍କ ପରିଚାଳନା ଏବଂ ବିପିଓ ସସ୍ମିତା ଦାଶଙ୍କ ସଂଯୋଜନାରେ ପୋଲିଓ ଅଭିଯାନ ଜାରି ରହିଛି। ବେତନଟୀ ଡାକ୍ତରଖାନା ପକ୍ଷରୁ ୬୫ଟି ପୋଲିଓବୁଥ ଖୋଲାଯାଇଥିବା ବେଳେ ଏହାର ସୁପରିଚାଳନା ପାଇଁ ୧୨ଜଣ ସୁପରଭାଇଜରଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ପ୍ରଥମଦିନରେ ୧୦ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପୋଲିଓବୁନ୍ଦା ଖୁଆଯାଇଥିବା ବେଳେ ଆଗକୁ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ ସମେତ ସ୍ୱାସ୍ଥ୍ୟବିଭାଗର କର୍ମଚାରୀମାନେ ଘରକୁ ଘର ଯାଇ ଯେଭଳି ସମସ୍ତ ଶିଶୁ ପୋଲିଓବୁନ୍ଦା ଖାଇଛନ୍ତି ସେନେଇ ସୁନିଶ୍ଚିତ କରିବାର କାର୍ଯ୍ୟକ୍ରମ ଥିବାନେଇ ବେତନଟୀ ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ପୁରୀ, (ସବ୍ୟୁ) : ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ପୂର୍ବାହ୍ନରେ ସଦଭାବନା ସଭା ଗୃହ ପରିସରରେ ଅର୍ନ୍ତଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୫ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିରର ଅଧକ୍ଷ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ସେମାନଙ୍କ ଭବିଷ୍ୟତ କୁ ସୁନ୍ଦର ଭାବେ ଗଢିବା ସମ୍ପର୍କରେ ଆଲୋଚନା କରିଥିଲେ। ,ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ୫୦ଜଣ କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ ।କିଶୋରୀ ବାଳିକାମାନଙ୍କୁ ନେଇ ଗୀତ, ନାଚ, ପ୍ରଶ୍ନ ଉତ୍ତରର ପ୍ରତିଯୋଗିତା କରାଯାଇ ଥିଲା ସେଥିମଧ୍ୟରୁ ୧୦ ଜଣ କିଶୋରୀ ବାଳିକାକୁ ପୁରସ୍କୃତ କରାଯାଇ ଥିଲା ଏବଂ ବିଭିନ୍ନ ସାମାଜିକ ସେବାରେ ନିଜକୁ ନିୟୋଜିତ କରିଥିବା ବିଜୟଲକ୍ଷ୍ମୀ ବଡ଼ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।ସମାଜକୁ କନ୍ୟା ସନ୍ତାନ ଦିବସ ଅବସରରେ ଆଜିର ବାର୍ତ୍ତା ଥିଲା - ମୋର ସ୍ୱର ମୋର ଅଧିକାର , ମୁଁ ହେଉଛି ସେଇ ଝିଅ , ଯେଉ ପରିବର୍ତ୍ତନର ମୁଁ ନେତୃତ୍ୱ ନେଉଛି, ସଙ୍କଟର ଆଗ ଧାଡିରେ ଝିଅମାନେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ତନୁପ୍ରଭା ବେଉରା ପରିଚାଳନା କରିଥିଲେ।



# ଏଏସିଆଇ ସ୍ୱୀକୃତି ପାଇଲା ସକ୍ରା ୱାର୍ଲ୍ଡ ହସ୍ପିଟାଲ

ଭୁବନେଶ୍ୱର (ସବ୍ୟୁ): ଭାରତର ପ୍ରଥମ ୧୦୦% ଏଫଡିଆଇ-ଫଣ୍ଡେଡ୍ ତର୍ଷିୟାରୀ କେୟାର ହସ୍ପିଟାଲ, ସକ୍ରା ୱାର୍ଲ୍ଡ ହସ୍ପିଟାଲ, କର୍ଣ୍ଣାଟକର ପ୍ରଥମ ହସ୍ପିଟାଲ ହୋଇଛି ଯାହା ଆମେରିକାନ ଆକ୍ରିଡିଏସନ୍ କମିଶନ ଇଣ୍ଟରନ୍ୟାସନାଲ (ଏଏସିଆଇ) ଠାରୁ ସ୍ୱୀକୃତି ପାଇଛି। ଏହି ପ୍ରତିଷ୍ଠିତ ସ୍ୱୀକୃତି ସକ୍ରାର ଚିକିତ୍ସାରେ ଉତ୍କର୍ଷତା, ରୋଗୀ ସୁରକ୍ଷା ଏବଂ ବିଶ୍ୱସ୍ତରୀୟ ଶ୍ରେଷ୍ଠ ସ୍ୱାସ୍ଥ୍ୟସେବା ପ୍ରକ୍ରିୟା ପ୍ରତି ସଂକଳ୍ପକୁ ପୁଣିଥରେ ସ୍ଥିର କରେ। ଇଣ୍ଟରନ୍ୟାସନାଲ ସୋସାଇଟି ଫର୍ କ୍ୱାଲିଟି ଇନ୍ ହେଲଥ୍ କେୟାର ଏକ୍ସଟରନାଲ ଇଭାଲୁଏସନ୍ ଆସୋସିଏସନ୍ (ଆଇଇଇଏ) ଦ୍ୱାରା ସ୍ୱୀକୃତ ଏଏସିଆଇ ନିଶ୍ଚିତ କରେ ଯେ, ଏହାର ମାନକ ବିଶ୍ୱସ୍ତରୀୟ ମାନକ ସହିତ ସମ୍ପୂର୍ଣ୍ଣ ସମନ୍ୱୟରେ ଅଛି ଏବଂ ନିରନ୍ତର ଭାବରେ ବିଶ୍ୱର ଶ୍ରେଷ୍ଠ ପ୍ରକ୍ରିୟା ସହିତ ଉନ୍ନତି କରୁଛି। ଏଏସିଆଇ ସ୍ୱୀକୃତି ପାଇବା ପାଇଁ ହସ୍ପିଟାଲଗୁଡିକୁ ଚିକିତ୍ସା, ସୁରକ୍ଷା ଏବଂ ପରିଚାଳନାର ପ୍ରତ୍ୟେକ ପର୍ଯ୍ୟାୟରେ କଠିନ ମୂଲ୍ୟାଙ୍କନରୁ ଯିବାକୁ ପଡ଼େ। ସକ୍ରା ୱାର୍ଲ୍ଡ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର, ୟୁଚି ନାଗାନୋ କହିଲେ"ଏଏସିଆଇ ସ୍ୱୀକୃତି ପାଇବା କେବଳ ଏକ ପରିଚୟ ନୁହେଁ। ଏହା ସ୍ଥିତିକୁ ଶକ୍ତିଶାଳୀ କରେ ଏବଂ କର୍ଣ୍ଣାଟକ ସହିତ ସମଗ୍ର ଭାରତରେ ସ୍ୱାସ୍ଥ୍ୟ ସେବା ବଣ୍ଟନକୁ ଉଚ୍ଚ ସ୍ତରକୁ ନେଇଯାଏ। ଏହା ରୋଗୀ ସୁରକ୍ଷା ଏବଂ ଗୁଣସ୍ତର ପାଇଁ ନୂଆ ମାନକ ସ୍ଥାପନ କରେ ଏବଂ ଭାରତକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ ଟୁରିଜ୍ମ ହବ୍ ଭାବେ ଶକ୍ତିଶାଳୀ କରେ। ଏହା ରୋଗୀମାନେ, ବୀମା କମ୍ପାନୀ ଏବଂ ବିଶ୍ୱସ୍ତରୀୟ ସହଭାଗୀମାନଙ୍କ ମଧ୍ୟରେ ବିଶ୍ୱାସକୁ ଆହୁରି ସୁଦୃଢ଼ କରେ।

ଆଇଏଫ୍ଏଟି ଇଣ୍ଡିଆ ୨୦୨୫

# ସବୁଜ ପ୍ରଯୁକ୍ତି ଏବଂ ବ୍ୟବସାୟ ସହଯୋଗ ପାଇଁ ଏକ ବୃହତ ପ୍ଲାଟଫର୍ମ

ଭୁବନେଶ୍ୱର, (ସବ୍ୟୁ) : ଜଳ, ସ୍ୱେରେଜ୍, କଠିନ ବର୍ଜ୍ୟବସ୍ତୁ ଏବଂ ରିସାଇକ୍ଲିଂ ଟେକ୍ନୋଲୋଜି ପାଇଁ ଦେଶର ସର୍ବବୃହତ ବାଣିଜ୍ୟ ମେଳା ଆଇଏଫଏଟି ଇଣ୍ଡିଆ ୨୦୨୫ ଅକ୍ଟୋବର ୧୪ରୁ ୧୬ ପର୍ଯ୍ୟନ୍ତ ମୁମ୍ବାଇର ବମ୍ବେ ଏକ୍ଜିବିସନ୍ ସେଂଟର (ନେସ୍କୋ) ଠାରେ ଅନୁଷ୍ଠିତ ହେବ। ମେସେ ମୁଏନଚେନ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ସୁଦ୍ଧା ସବୁଠାରୁ ବଡ ସଂସ୍କରଣ ହେବ ବୋଲି ଆକଳନ କରାଯାଇଛି, ଯାହା ପରିବେଶ ଏବଂ ଭିତ୍ତିଭୂମି ଚାପ ମଧ୍ୟରେ ବିଶ୍ୱସ୍ତରୀୟ ଉଦ୍ଭାବକ, ଘରୋଇ କ୍ରେତା ଏବଂ ନୀତି ନିର୍ଣ୍ଣୟକାରୀଙ୍କୁ ଏକତ୍ରିତ କରିବ । ୪୫,୦୦୦ ବର୍ଗମିଟର ପରିବ୍ୟାପ୍ତ ଏହି ମେଳା ୩୦ରୁ ଅଧିକ ଦେଶ ୫୦ରୁ ଅଧିକ ପ୍ରଦର୍ଶନକାରୀ ଏବଂ ୨୮,୦୦୦ରୁ ଅଧିକ ବାଣିଜ୍ୟ ପରିଦର୍ଶକ ମିଳିତ ଭାବେ ଆୟୋଜନ କରିବେ। ଆଇଏମଇଏ (ଭାରତ, ମଧ୍ୟପ୍ରାଚ୍ୟ, ଆଫ୍ରିକା), ମେସେ ମୁନଚେନ୍ ଏବଂ ମେସ୍ ମୁନଚେନ୍ ଇଣ୍ଡିଆର ସିଇଓ ଭୂପିନ୍ଦର ସିଂ କହିଛନ୍ତି ଯେ, "ଭାରତ ଏକ ପରିବର୍ତ୍ତନଶୀଳ ସ୍ଥିତିରେ ଅଛି ଯେଉଁଠାରେ ବର୍ଜ୍ୟବସ୍ତୁ ଏବଂ ଜଳ ସମାଧାନ ଆଉ ଇଚ୍ଛାଧୀନ ନୁହେଁ, ବରଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ଅଟେ। ଟେକ୍ନୋଲୋଜି ଟ୍ରାନ୍ସଫର, ନିବେଶ ଅନୁସନ୍ଧାନ ଏବଂ ବ୍ୟବସାୟ ନେଟୱାର୍କିଂ ପାଇଁ ଆଇଏଫଏଟି ଇଣ୍ଡିଆ ଏକ ବିଶ୍ୱସ୍ତ ପ୍ଲାଟଫର୍ମରେ ପରିଣତ ହୋଇଛି । ଚଳିତ ବର୍ଷ ରେକର୍ଡ ଭାଗିଦାରୀ ସହିତ, ଆମେ ଦୃଢ଼ ବିଶ୍ୱସ୍ତରୀୟ ସହଯୋଗ ଆଶା କରୁଛୁ ।




# ସନ୍ଦେହ ଘେରରେ ଯୁବତୀଙ୍କ ଆତ୍ମ ହତ୍ୟା ଘଟଣା

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲା ବଡଚଣା ଥାନାର ଦର୍ପଣୀ ଗ୍ରାମରେ ରବିବାର ସକାଳେ ଜଣେ ୧୯ ବର୍ଷର ଯୁବତୀଙ୍କର ଆତ୍ମହତ୍ୟା ଜନିତ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି । ସଂପୃକ୍ତା ଯୁବତୀ ଦୀର୍ଘ ଦିନହେବ ଦର୍ପଣୀ ଗ୍ରାମର ତାର ମାମୁଁ ଘରେ ରହୁଥିବା ସମୟରେ ଅସ୍ୱାଭାବିକ ଭାବେ ରବିବାର ସକାଳୁ ଆତ୍ମ ହତ୍ୟା କରିଥିବା ସୂଚନା ମିଳିଛି । ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ପୁପୁନା ଜେନାଙ୍କ ଝିଅ ଲକ୍ଷ୍ମୀପ୍ରିୟା ଜେନା ତା ମାମୁଁ ଘର ଦର୍ପଣ ଗ୍ରାମର ଅଶୋକ ଜେନାଙ୍କ ଘରେ ପିଲାଟି ଦିନରୁ ରହିଥିଲା । ରବିବାର ସକାଳେ ତା ମାମୁଁ ଦୋକାନକୁ ଯାଇଥିଲେ ଏବଂ ତାଙ୍କ ମାଇଁ ନିକଟସ୍ଥ ଜଙ୍ଗଲକୁ ଜାଳକାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଲକ୍ଷ୍ମୀପ୍ରିୟା ଓନି ଦ୍ୱାରା ନିଜ ବେକରେ ରଶି ଲଗାଇ ଆଜବେଷ୍ଟ ଘରେ ଲାଗିଥିବା କାଠରେ ଝୁଲି ପଡିଥିଲା ଏହା ଜାଣିବା ପରେ ଅଶୋକ ଦୋକାନରୁ ଆସି ଲକ୍ଷ୍ମୀପ୍ରିୟାକୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା ! ଅଭିଯୋଗ ପାଇବା ପରେ ବଡଚଣା ପୁଲିସ ଡାକ୍ତରଖାନାରେ ପହଂଚି ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରାଇଥିବା ଜଣା ପଡିଛି! ତେବେ ଉକ୍ତ ଯୁବତୀ ମାମୁଁଙ୍କ ଘରେ ଭଲରେ ଥିବା ବେଳେ ହଠାତ କେଉଁ ପରିସ୍ଥିତିରେ ଓ କାହିଁକି ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଲେ ଓ ସେ ଘରେ ରଶି ଲଗାଇ ମୃତ୍ୟୁ ବରଣ କରି ସାରିଥିଲେ ବି ତାଙ୍କ ମାମୁଁ କାହିଁକି ପୋଲିସକୁ ନଜଣାଇ ମୃତଦେହକୁ ଘଟଣା ସ୍ଥଳରୁ ନେଇ ଆସିଲେ ଓ ଏସବୁ ବିଷୟରେ କୌଣସି ତର୍ଜମା ବା ଖୋଳତାଡ ନକରି ମାମୁଁ କଥାରେ ପୋଲିସ ଲକ୍ଷ୍ମୀପ୍ରିୟା ମୃତଦେହକୁ ବ୍ୟବଚ୍ଛେଦ କରାଇ ପରେ ତା ମୃତ ଦେହକୁ ମାମୁଁକୁ ହସ୍ତାନ୍ତର କରିଦେବା ଘଟଣାକୁ ନେଇ ସାଧାରଣରେ ସଂନ୍ଦେହ ସୃଷ୍ଟି କରିଛି ।


# ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ପାଟକୁରା ନିର୍ବାଚନମଣ୍ଡଳି ର ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡା ପଞ୍ଚାୟତ ର ବସନ୍ତପୁର ଗ୍ରାମର ଅମିତା ମହାନ୍ତି ଙ୍କ ୭୪ବର୍ଷ ପରଲୋକ ହୋଇଛି । ସେ ଜଣେ ସଂସ୍କୃତି ସଂପନ୍ନ ଧର୍ମପରାୟଣ ମହିଳା ଥିଲେ । ଗାଁ ମାଟିକୁ ଭଲପାଉଥିବା ଜଣେ ନିଆରା ମଣିଷ । ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି । ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବ୍ଲକ ଅଧକ୍ଷ ଅଭୟ ମହାରାଜ, ପୂର୍ବତନ ଅଧକ୍ଷ ନବଘନ ନାୟକ,ବସନ୍ତପୁର ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ର ପରିଚାଳନା ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି, ତେଣ୍ଡାକୁଡା ସରପଞ୍ଚ ମାନସ



ରାଉତ,ପୂର୍ବତନ ସରପଞ୍ଚ ରବିନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ଦୀପ୍ତି ରଞ୍ଜନ କାନୁନଗୋ,ଙ୍କ ସମେତ ଅନେକ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ଆଶିଷ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ଆରମ୍ଭ ହେବ ପ୍ରାଣୀ ସ୍ୱାସ୍ଥ୍ୟ ଅଭିଯାନ: ମୋଦୀ



ନୂଆଦିଲ୍ଲୀ : ଭାରତର ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଏକ ପ୍ରମୁଖ ପ୍ରୋତ୍ସାହନ ପ୍ରଦାନ କରି, ୨୦୨୫ ଅକ୍ଟୋବର ୧୧ ତାରିଖରେ ନୂଆଦିଲ୍ଲୀରେ ୯୪୭ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ କରାଯାଇଥିଲା ଏବଂ ୨୧୯ କୋଟି ଟଙ୍କାର ଅତିରିକ୍ତ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ନିବେଶର ଏକ ବୃହତ ପ୍ୟାକେଜର ଅଂଶ ଭାବେ ଏହି ପଦକ୍ଷେପଗୁଡ଼ିକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିଲେ।

ଏହି ପ୍ରକଳ୍ପଗୁଡ଼ିକୁ ଦୁଇଟି ପ୍ରମୁଖ କୃଷି ଯୋଜନା - ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା (ପିଏମ୍ – ଡିଡିକେୱାଇ) ଏବଂ ଡାଲି ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ସହିତ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା, ଯାହା ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ କୃଷି-ସମ୍ପର୍କିତ କ୍ଷେତ୍ରଗୁଡିକରେ ଭାରତର ଆତ୍ମନିର୍ଭରଶୀଳତା ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଧନ -ଧାନ୍ୟ କୃଷି ଯୋଜନା (ପିଏମ୍ – ଡିଡିକେୱାଇ) ଅଧୀନରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବାରେ ପଶୁପାଳନ, ମତ୍ସ୍ୟଚାଷ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, " ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଆମ ପଶୁପାଳନ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରୁଛି । ପଶୁମାନଙ୍କୁ ପାଦ ଏବଂ ମୁଖ ରୋଗ ଭଳି ବିଭିନ୍ନ ରୋଗରୁ ରକ୍ଷା କରିବା ପାଇଁ ୧୨୫ କୋଟିରୁ ଅଧିକ ଟୀକା ମାଗଣାରେ ପ୍ରଦାନ କରାଯାଇଛି ଯାହା ସମସ୍ତେ ଜାଣିଛନ୍ତି ବୋଲି ସେ କହିଥିଲେ। ଏହା ଯୋଗୁଁ ପଶୁମାନେ ସୁସ୍ଥ ହୋଇଛନ୍ତି ଏବଂ କୃଷକମାନଙ୍କ ଚିନ୍ତା ମଧ୍ୟ ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ଧନ - ଧାନ୍ୟ କୃଷି ଯୋଜନା ଅଧୀନରେ, ସ୍ଥାନୀୟ ସ୍ତରରେ ପଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ଅଭିଯାନ ମଧ୍ୟ ଆରମ୍ଭ କରାଯିବ।" ପ୍ରଧାନମନ୍ତ୍ରୀ ଗ୍ରାମୀଣ ସମୃଦ୍ଧି ପାଇଁ ବିବିଧତାର ଅତ୍ୟନ୍ତ ଅବଶ୍ୟକତା ଉପରେ ଆହୁରି ଗୁରୁତ୍ୱାରୋପ କରି ସେ କହିଥିଲେ, "ଯେଉଁଠାରେ ଚାଷ ସମ୍ଭବ ନୁହେଁ, ସେଠାରେ ପଶୁପାଳନ ଏବଂ ମତ୍ସ୍ୟଚାଷକୁ ପ୍ରୋତ୍ସାହିତ କରିବାକୁ ପଡିବ। କୃଷକମାନଙ୍କ ଆୟ ବୃଦ୍ଧି କରିବା ପାଇଁ, ଆମ ସରକାର ସେମାନଙ୍କୁ ପାରମ୍ପରିକ ଚାଷ ବ୍ୟତୀତ ବିକଳ୍ପ ସୁବିଧା ପ୍ରଦାନ କରୁଛନ୍ତି। ତେଣୁ, ଅତିରିକ୍ତ ଆୟ ପାଇଁ ପଶୁପାଳନ, ମାଛ ଚାଷ ଏବଂ ମହୁମାଛି ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଛୋଟ ଚାଷୀ ଏବଂ ଭୂମିହୀନ ପରିବାରକୁ ମଧ୍ୟ ସଶକ୍ତ କରିଥାଏ।"

ଆସାମର ଗୌହାଟୀରେ ପ୍ରତିଷ୍ଠିତ ଉତ୍ତର-ପୂର୍ବ କ୍ଷେତ୍ରର ପ୍ରଥମ ଆଇଭିଏଫ୍ ପ୍ରୟୋଗଶାଳାର ଉଦଘାଟନ ପ୍ରମୁଖ ଆକର୍ଷଣ ଥିଲା। ଏହି ଅତ୍ୟାଧୁନିକ ସୁବିଧା ଉତ୍ତର - ପୂର୍ବ ରାଜ୍ୟଗୁଡ଼ିକରେ ଦୁଗ୍ଧ କ୍ଷେତ୍ରର ବିକାଶ ଏବଂ ପ୍ରଜନନ ଉନ୍ନତି ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ ପ୍ରଦାନ କରିବ।

ଜାତୀୟ ଦୁଗ୍ଧ ବିକାଶ କାର୍ଯ୍ୟକ୍ରମ (ଏନପିଡିଡି) ଅଧୀନରେ, ବହୁ ବଡ଼ ଧରଣର ଦୁଗ୍ଧ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟ ଉଦଘାଟନ କରାଯାଇଥିଲା। ଏଥିରେ ମେହସାନା ଦୁଗ୍ଧ ସଂଘ ପ୍ରକଳ୍ପ ଅନ୍ତର୍ଭୁକ୍ତ, ଯେଉଁଥିରେ ୪୬୦ କୋଟି ଟଙ୍କା ବ୍ୟୟରେ ୧୨୦ ମେଟ୍ରିକ୍ ଟନ୍ ପ୍ରତିଦିନ କ୍ଷୀର ପାଉଡର ଉତ୍ପାଦିତ ହେଉଥିବା ପ୍ଲାଣ୍ଟ ଏବଂ ୪୬୦ କୋଟି ଟଙ୍କା ବ୍ୟୟରେ ବିକଶିତ ଦୈନିକ ୩.୫ ଲକ୍ଷ ଲିଟର ୟୁଏଚଟି ପ୍ଲାଣ୍ଟ ; ୭୬.୫୦ କୋଟି ଟଙ୍କା ବ୍ୟୟରେ ଇନ୍ଦୋର ଦୁଗ୍ଧ ସଂଘ ଦ୍ୱାରା ପ୍ରତିଷ୍ଠିତ ଦୈନିକ ୩୦ ଟନ୍ ଉତ୍ପାଦିତ ହେଉଥିବା କ୍ଷୀର ପାଉଡର ପ୍ଲାଣ୍ଟ; ୪୬.୮୨ କୋଟି ଟଙ୍କା ବ୍ୟୟରେ ଭିଲୱାରା ଦୁଗ୍ଧ ସଂଘ ଦ୍ୱାରା ସ୍ଥାପିତ ଦୈନିକ ୨୫୦୦୦ ଲିଟର ଉତ୍ପାଦିତ ହେଉଥିବା ୟୁଏଚଟି ପ୍ଲାଣ୍ଟ; ଏବଂ ୨୫.୪୫ କୋଟି ଟଙ୍କା ବ୍ୟୟରେ ତେଲେଙ୍ଗାନାର କରିମନଗରର ନୁସ୍ତୁଲାପୁରରେ ବିକଶିତ ଏକ ଗ୍ରୀନଫିଲ୍ଡ ଦୁଗ୍ଧ କାରଖାନା ଅନ୍ତର୍ଭୁକ୍ତ। ଦୁଗ୍ଧ ନେଟୱାର୍କକୁ ଆହୁରି ବିସ୍ତାର କରି, ଏନପିଡିଡି ଅଧୀନରେ ୨୧୮ କୋଟି ଟଙ୍କା ମୋଟ ନିବେଶ ସହିତ ଆନ୍ଧ୍ର ପ୍ରଦେଶର ଚିତ୍ତୁର ଜିଲ୍ଲାର କୁପ୍ପମ୍ ମଣ୍ଡଳରେ ଏକ ସମନ୍ୱିତ ଦୁଗ୍ଧ କାରଖାନା ଏବଂ ୨୦୦ ଟିପିଡି ପଶୁଖାଦ୍ୟ କାରଖାନା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

ପଶୁପାଳନ ଭିତ୍ତିଭୂମି ବିକାଶ ପାଣ୍ଠି (ଏଏଚଆଇଡିଏଫ) ଅଧୀନରେ, ବିଭିନ୍ନ ରାଜ୍ୟରେ ୩୦୩.୮୧ କୋଟି ଟଙ୍କାର ୧୦ ଟି ପ୍ରକଳ୍ପ ଉଦଘାଟିତ ହୋଇଛି, ଯାହା ଦେଶର ଖାଦ୍ୟ, କ୍ଷୀର ଏବଂ ପଶୁ ଉତ୍ପାଦ ପ୍ରକ୍ରିୟାକରଣ କ୍ଷମତାକୁ ସୁଦୃଢ଼ କରିଛି। ପ୍ରଜନନ ସେବାର ଶେଷ ମାଇଲ ବିତରଣକୁ ସୁଦୃଢ଼ କରିବା ପାଇଁ, ଉତ୍ତର ପ୍ରଦେଶର ସମସ୍ତ ଜିଲ୍ଲାରୁ ୨୦୦୦ ନୂତନ ତାଲିମପ୍ରାପ୍ତ ଏବଂ ସଜ୍ଜିତ ମୈତ୍ରୀ (ଗ୍ରାମୀଣ ଭାରତରେ ବହୁମୁଖୀ କୃତ୍ରିମ ଗର୍ଭଧାରଣ କରାଉଥିବା କୁଶଳୀ)ଙ୍କୁ ରାଷ୍ଟ୍ରୀୟ ଗୋକୁଳ ମିଶନ ଅଧୀନରେ ପ୍ରଧାନମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାରା ଭାରତରେ ୩୮୦୦୦ ରୁ ଅଧିକ ମୈତ୍ରୀଙ୍କୁ ସାମିଲ କରାଯାଇଥିଲା, ଯାହା ଦେଶବ୍ୟାପୀ ପ୍ରାଣୀଧନର କୃତ୍ରିମ ଗର୍ଭଧାରଣ କଭରେଜ ଏବଂ ଜେନେଟିକ୍ ଉନ୍ନତିକରଣରେ ଏକ ପ୍ରମୁଖ ମାଇଲଖୁଣ୍ଟକୁ ପ୍ରତିନିଧିତ୍ୱ କରେ।

ଏହି ପଦକ୍ଷେପଗୁଡ଼ିକ କୃଷି ସହଯୋଗୀ କ୍ଷେତ୍ରଗୁଡ଼ିକର ସମନ୍ୱିତ ଏବଂ ସ୍ଥାୟୀ ବିକାଶ ମାଧ୍ୟମରେ ଚାଷୀଙ୍କ ପାଇଁ ସୁଯୋଗ ବୃଦ୍ଧି କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ, ଯାହା ସମସ୍ତଙ୍କ ପାଇଁ ଆର୍ଥିକ ସୁରକ୍ଷା ଏବଂ ପୁଷ୍ଟିକର କଲ୍ୟାଣ ସୁନିଶ୍ଚିତ କରେ।

# ଅନୁକୂଳ ହେଉଛି ପାଗ

ନୂଆଦିଲ୍ଲୀ ୧୨।୧୦: ଅକ୍ଟୋବର ମାସର ଅଧାଦିନ ବିତିଗଲାଣି। ଆଜି ୧୨ଅକ୍ଟୋବର ଦିଲ୍ଲୀରେ ଏବେ ହାଲୁକା ଥଣ୍ଡା ଅନୁଭୂତ ହେଉଛି। କିଛି ଦିନର ବିରାମ ପରେ ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତ୍ତନ ପୁଣି ଆରମ୍ଭ ହୋଇଛି। ଆଗାମୀ ୨ରୁ ୩ ଦିନରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର କିଛି ଅଂଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବିଦା ହେବା ଲାଗି ପରିସ୍ଥିତି ଏବେ ଅନୁକୂଳ ହୋଇଛି। ଏଥିରୁ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ଦକ୍ଷିଣ ଭାରତରେ ଖୁବ୍ ଶୀଘ୍ର ଉତ୍ତର-ପୂର୍ବ ମୌସୁମୀ ଆରମ୍ଭ ହେବ ବୋଲି ପୂର୍ବାନୁମାନ କରିଛନ୍ତି।

ଉତ୍ତର-ପୂର୍ବ ମୌସୁମୀକୁ ଦେଶରେ ରିଟ୍ରିଟିଂ ମନସୁନ ବୋଲି ମଧ୍ୟ କୁହାଯାଏ। ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ବିକଶିତ ହେଉଥିବାର ଆଇଏମଡି ସୂଚିତ କରିଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଏହି ପ୍ରଣାଳୀ ଯୋଗୁ ଦକ୍ଷିଣ ଭାରତରେ ଉତ୍ତର-ପୂର୍ବ ମୌସୁମୀ ଆରମ୍ଭ ହୋଇପାରେ ବୋଲି ଆଇଏମଡି ଆକଳନ କରିଛନ୍ତି। ପାଣିପାଗ ପରିସ୍ଥିତିରୁ ଆଗାମୀ ୨ରୁ ୩ ଦିନରେ ରିଟ୍ରିଟିଂ ମନସୁନ ଅନୁଭୂତ ହେବବୋଲି ଆକଳନ କରାଯାଉଛି।

ଏଥିରୁ ଆଇଏମଡି ତାମିଲନାଡୁ ଓ ଅନ୍ତରୀଣ କର୍ଣ୍ଣାଟକ ଲାଗି ଭୀଷଣ ବର୍ଷା ଆଶଙ୍କା କରିଛନ୍ତି। ଉତ୍ତର-ପୂର୍ବ ମୌସୁମୀ ଯୋଗୁଁ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ଏପରି ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟାରେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଓଡିଶା ସମେତ ପୂର୍ବୋତ୍ତର ଭାରତୀୟ ରାଜ୍ୟ ଯେପରି ନାଗାଲ୍ୟାଣ୍ଡ, ମଣିପୁର ଓ ମିଜୋରାମରେ ଭୀଷଣ ବର୍ଷା ଆଶଙ୍କା କରିଛନ୍ତି।

ଏଥିରେ ଆଇଏମଡି ବଙ୍ଗୋପସାଗରରେ ଏକ ନୂଆ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ବୋଲି ଚେତାବନୀ ଦେଇଛନ୍ତି, ଯାହା ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ମୌସୁମୀ ପ୍ରାରମ୍ଭର ସୂଚନା ବୋଲି କୁହାଯାଇଛି। ଆଇଏମଡି ଆଗାମୀ ୪୮ ଘଣ୍ଟାରେ ଏହା ଅଧିକ ତୀବ୍ର ହେବ ବୋଲି ପୂର୍ବାନୁମାନ କରିଛନ୍ତି। ଏଥି ଯୋଗୁ ଓଡିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଭୀଷଣ ବର୍ଷା ହୋଇପାରେ ବୋଲି ସତର୍କତା ଜାରି କରିଛନ୍ତି। ଗତ ୨୪ ଘଣ୍ଟାରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳରେ ଭୀଷଣ ବର୍ଷା ରେକର୍ଡ କରାଯାଇଛି। ଏଣୁ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଛନ୍ତି।

# ବୁଡ଼ିଯିବ ନୀତିଶଙ୍କ ରାଜନୀତି

ପାଟନା: ୨୦୨୫ ବିହାର ବିଧାନସଭା ନିର୍ବାଚନ ପାଇଁ ଏନଡିଏର ଆସନ ବଣ୍ଟନ ଘୋଷଣା ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ପୂର୍ଣ୍ଣିଆର ସ୍ୱାଧୀନ ସାଂସଦ ପପୁ ଯାଦବ ଏକ କଠୋର ଆକ୍ରମଣ ଆରମ୍ଭ କରି ଏହି ଆସନ ବୁଝାମଣାକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିରୁଦ୍ଧରେ ଏକ "ଷଡ଼ଯନ୍ତ୍ର" ବୋଲି କହିଛନ୍ତି। ସେ ଦାବି କରିଥିଲେ ଯେ ଏହି ଫର୍ମୁଲା ନୀତୀଶ କୁମାରଙ୍କୁ ରାଜନୈତିକ



ଭାବରେ "ଫିନିସ" କରିବା ପାଇଁ ଡିଜାଇନ୍ କରାଯାଇଛି । ସେ ଦାବି କରିଛନ୍ତି ଯେ ଏହା ପଛରେ ଜେଡିୟୁ ନେତା ସଞ୍ଜୟ ଝା ଅଛନ୍ତି।

ସୋସିଆଲ ମିଡିଆରେ ଏକ ବିବୃତ୍ତିରେ ପପୁ ଯାଦବ ଏନଡିଏର ଆସନ ବଣ୍ଟନ ଗଣନା ବ୍ୟାଖ୍ୟା କରି କହିଛନ୍ତି, "ସଞ୍ଜୟ ଝା ଆଜି ତାଙ୍କର ମିସନ ପୂରଣ କରିଛନ୍ତି। ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ୍ୟ କରିବାର ଷଡ଼ଯନ୍ତ୍ର ସଫଳ ହୋଇଛି।" ସେ ଅଭିଯୋଗ କରିଥିଲେ ଯେ ବିଜେପି, ତାର ସହଯୋଗୀ ଦଳ ସହିତ, ୧୪୨ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି, ଯେତେବେଳେ ଜେଡିୟୁ ମାତ୍ର ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି।

# ଶାନ୍ତି ପ୍ରକ୍ରିୟା ସଫଳ ନହେଲେ ଆମ ପାଖରେ ଅନ୍ୟ ଉପାୟ ଅଛି : ମୁତ୍ତାକି

ନୂଆଦିଲ୍ଲୀ : ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ସମ୍ପ୍ରତି ହୋଇଥିବା ସୀମା ସଂଘର୍ଷ ମଧ୍ୟରେ, ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତ୍ତାକି ଆଜି ନୂଆଦିଲ୍ଲୀରେ ଆଉ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ମହିଳା ସାମ୍ବାଦିକଙ୍କୁ ସାମିଲ କରାଯାଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ସେ ପୁଣିଥରେ ପାକିସ୍ତାନକୁ ଟାର୍ଗେଟ କରିଛନ୍ତି । ଏହା ସହିତ ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକମାନଙ୍କୁ ସାମିଲ କରାନଯିବା ଏକ ବୈଷୟିକ ତ୍ରୁଟି ଥିଲା ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ପାକିସ୍ତାନର କିଛି ବିଶେଷ ବ୍ୟକ୍ତି ପରିସ୍ଥିତିକୁ ଆହୁରି ଖରାପ କରିବାକୁ ଚେଷ୍ଟା କରୁଛନ୍ତି, ଯେତେବେଳେ ପାକିସ୍ତାନର ସାଧାରଣ ଜନତା ଏବଂ ଅନେକ ରାଜନୈତିକ ବ୍ୟକ୍ତି ଶାନ୍ତିପ୍ରିୟ। ଆଫଗାନିସ୍ତାନ ସ୍ପଷ୍ଟ କରିଛି ଯେ ସେ ଆଲୋଚନା



ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଛି, କିନ୍ତୁ ଯଦି ତାହା ନହୁଏ, ତେବେ ସେ ନିଜକୁ କିପରି ରକ୍ଷା କରିବାକୁ ଜାଣିଛି।

"ପାକିସ୍ତାନର କିଛି ବିଶେଷ ବ୍ୟକ୍ତି ପରିସ୍ଥିତିକୁ ଆହୁରି ଖରାପ କରିବାକୁ ଚେଷ୍ଟା କରୁଛନ୍ତି, ଯେତେବେଳେ ପାକିସ୍ତାନର ସାଧାରଣ ଜନତା ଏବଂ ଅନେକ ରାଜନୈତିକ ବ୍ୟକ୍ତି ଶାନ୍ତିପ୍ରିୟ। ଆଫଗାନିସ୍ତାନ ସ୍ପଷ୍ଟ କରିଛି ଯେ ସେ ଆଲୋଚନା ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଛି, କିନ୍ତୁ ଯଦି ତାହା ନହୁଏ, ତେବେ ସେ ନିଜକୁ କିପରି ରକ୍ଷା କରିବାକୁ ଜାଣିଛି"

ମୁତାକି କହିଛନ୍ତି, "ଆମେ ପାକିସ୍ତାନ ସହିତ ଭଲ ସମ୍ପର୍କ ଚାହୁଁଛୁ। ପାକିସ୍ତାନର ଲୋକ ଏବଂ ରାଜନୈତିକ ଗୋଷ୍ଠୀ ଶାନ୍ତିକୁ ଭଲ ପାଆନ୍ତି ଏବଂ ଆଫଗାନିସ୍ତାନ ସହିତ ଶାନ୍ତି ଚାହାଁନ୍ତି। ତଥାପି, ପାକିସ୍ତାନରେ କିଛି ବିଶେଷ ବ୍ୟକ୍ତି ଅଛନ୍ତି ଯେଉଁମାନେ ପରିସ୍ଥିତିକୁ ଆହୁରି ଖରାପ କରିବାକୁ ଚେଷ୍ଟା କରୁଛନ୍ତି।" ସେ ଆହୁରି କହିଛନ୍ତି ଯେ ଆଫଗାନିସ୍ତାନ ଏହାର ସୀମାର ସୁରକ୍ଷା ପ୍ରତି ସତର୍କ ରହିବ। ଗତକାଲି ରାତିର ଅପରେସନ ପରେ, କତର ଏବଂ ସାଉଦି ଆରବ କହିଥିଲେ ଯେ ଯୁଦ୍ଧ ବନ୍ଦ ହେବା ଉଚିତ। "ଆମ ପକ୍ଷରୁ ଯୁଦ୍ଧ ବନ୍ଦ ହୋଇଯାଇଛି। ଆମେ ସମସ୍ତ ଦେଶ ସହିତ ଭଲ ସମ୍ପର୍କ ଚାହୁଁଛୁ ଏବଂ ସମସ୍ତ ଦେଶ ସେମାନଙ୍କ ସୀମାକୁ ସୁରକ୍ଷା ଦେବାକୁ ଚାହାନ୍ତି।"

# ନୋବେଲ୍ ଗେମ୍ : ଭୟଙ୍କର ଯୁଦ୍ଧ ସଙ୍କେତ?

ନୂଆଦିଲ୍ଲୀ: ନୋବେଲ ଶାନ୍ତି ପୁରସ୍କାର ଆଳରେ କ'ଣ ଏକ ଭୟଙ୍କର ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି କି? କାରଣ ଏହାର ସଙ୍କେତ ଦେଖାଯିବା ଆରମ୍ଭ ହୋଇସାରିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାର ସ୍ୱପ୍ନ ଅଧୁରା ରହିଛି। ନୋବେଲ ଶାନ୍ତି ପୁରସ୍କାର ଭେନେଜୁଏଲାର ବିରୋଧୀ ନେତା ମାରିଆ କୋରିନା ମାଚାଡୋଙ୍କୁ ପ୍ରଦାନ କରାଯାଇଛି। ହେଲେ ପୁରସ୍କାର ପାଇବା କ୍ଷଣି ହିଁ ବିଜେତା ମାରିଆ ତାଙ୍କର ପଦକ ଟ୍ରମ୍ପଙ୍କୁ ଉତ୍ସର୍ଗ କରିଛନ୍ତି। ପୁରସ୍କାର ଜିତିବା ପରେ, ମାରିଆ ତାଙ୍କ ଏକ୍ସରେ ଲେଖିଛନ୍ତି, "ମୁଁ ଏହି ପୁରସ୍କାର ଭେନେଜୁଏଲାର ପୀଡିତ ଲୋକଙ୍କୁ ଏବଂ ଆମ ଉଦ୍ଦେଶ୍ୟ ପାଇଁ ତାଙ୍କ ବିଶେଷ ସମର୍ଥନ ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଉତ୍ସର୍ଗ କରୁଛି!"

କୁହାଯାଉଛି ମାରିଆଙ୍କ ନୋବେଲ୍ ଉତ୍ସର୍ଗ ଏକ ସମର୍ଥନ ଗେମ୍ ପ୍ଲାନ୍ । ବାସ୍ତବରେ ସେ ଭେନେଜୁଏଲାରା ଶାସନ ଲୋଭରେ ଥିବା ବେଳେ ଏଥିପାଇଁ ଟ୍ରମ୍ପଙ୍କ ସହଯୋଗ ତାଙ୍କୁ ଆବଶ୍ୟକ । ଯାହାପରେ ମାରିଆ ମାଚାଡୋଙ୍କ ନୋବେଲ ପୁରସ୍କାର ବିଜୟକୁ ନେଇ ଏବେ ଅନେକ ପ୍ରଶ୍ନ ଉଠାଯାଉଛି। ମାଚାଡୋ ଆମେରିକା ଏବଂ ଟ୍ରମ୍ପଙ୍କ ସମର୍ଥକ ରହିଆସିଛନ୍ତି। ମାଚାଡୋ ଖୋଲାଖୋଲି ଭାବରେ ଆମେରିକା ଏବଂ ଇସ୍ରାଏଲକୁ ସମର୍ଥନ କରିଛନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ମଧ୍ୟରେ, ମାଚାଡୋ ଅନେକ ନିର୍ବାଚନ ଏବଂ ଆଲୋଚନା ପ୍ରକ୍ରିୟା ବର୍ଜନ କରିଛନ୍ତି। ସେ ପ୍ରାୟତଃ କହିଛନ୍ତି ଯେ ବିଦେଶୀ ହସ୍ତକ୍ଷେପ ହେଉଛି ବର୍ତ୍ତମାନର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବାର ଏକମାତ୍ର ଉପାୟ। ଏହା ବ୍ୟତୀତ, ମାରିଆ ଭେନେଜୁଏଲାରେ କ୍ଷମତା ହାସଲ ପାଇଁ ଯୁଦ୍ଧକୁ ସମର୍ଥନ କରନ୍ତି। ମାରିଆ ଭେନେଜୁଏଲାରେ ଆକ୍ରମଣ ପାଇଁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ମଧ୍ୟ ଲେଖିଥିଲେ।

ନୋବେଲ୍ ଆଡରେ ଯୁଦ୍ଧ ଆଶଙ୍କା

ଆମେରିକାର ସେନା ଭେନେଜୁଏଲା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ। ଆମେରିକା ଚାହୁଁଛି ମାରିଆ ସିଂହାସନକୁ ଆରୋହଣ କରନ୍ତୁ । ଆଉ ଟ୍ରମ୍ପଙ୍କ ଦୀର୍ଘ ଦିନର ନୋବେଲ୍ ଆଶା ମଉଳିବା ପରେ ମାରିଆଙ୍କ ବୟାନ ତାଙ୍କୁ ଖୁସି କରାଇଛି । ତେଣୁ ଏବେ ମାରିଆଙ୍କ ସମର୍ଥନରେ ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ଆମେରିକା । ଅନ୍ୟପଟେ ମାରିଆଙ୍କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ଥିବା ବେଳେ, ଭେନେଜୁଏଲାର ରାଷ୍ଟ୍ରପତି ମାଦୁରୋଙ୍କୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମର୍ଥନ ମିଳିଛି। ରୁଷ ଏବଂ ଭେନେଜୁଏଲା ଏକ ୧୦ ବର୍ଷର ରଣନୈତିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ପ୍ରତିରକ୍ଷା, ଶକ୍ତି, ବାଣିଜ୍ୟ ଏବଂ ସୁରକ୍ଷା ଭଳି କ୍ଷେତ୍ରରେ ସହଯୋଗ ଅନ୍ତର୍ଭୁକ୍ତ। ଆମେରିକା ସହିତ କୂଟନୈତିକ ସମ୍ପର୍କ ଛିନ୍ନ କରିବା ପରେ, ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ରୁଷ ସହିତ ମିଶିଛନ୍ତି। ଆଉ ଗୋଟେପଟେ ଆମେରିକା ଇସ୍ରାଏଲ ମାରିଆଙ୍କ ପକ୍ଷରେ ଥିବା ବେଳେ, ରଷ ଏବଂ ଇରାନ ଭେନେଜୁଏଲା ରାଷ୍ଟ୍ରପତିଙ୍କ ସହିତ ଅଛନ୍ତି। ଆଉ ଯଦି ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରେ, ତେବେ ମାଦୁରୋ ରୁଷ ଏବଂ ଇରାନର ସମର୍ଥନ ପାଇପାରନ୍ତି ଏବଂ ଏହା ଏକ ଭୟଙ୍କର ଯୁଦ୍ଧ ରୂପ ନେବାର ଆଶଙ୍କା ସୃଷ୍ଟି କରିଛି ।

# ଗାଜା ଶାନ୍ତି ସମ୍ମିଳନୀ ପାଇଁ ମୋଦୀଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ : ଗାଜାରେ ଗତ ଦୁଇ ବର୍ଷ ହେବ ଜାରି ସଂଘର୍ଷ ଏବେ ଶାନ୍ତିରେ ବଦଳିବା ନଜର ଆସୁଛି। ଅସ୍ତ୍ରବିରତି ଲାଗୁ ହେବାର ପ୍ରକ୍ରିୟାର ପୂରା ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଏବେ ଇଜିପ୍ଟରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ମାଧ୍ୟମରେ ଏହି ଚୁକ୍ତିକୁ ଅନ୍ତିମ ରୂପ ଦେବାର ପ୍ରସ୍ତୁତିରେ। ଇଜିପ୍ଟର ଶର୍ମ ଅଲ୍ ଶେଖରେ ସୋମବାର (୧୩ ଅକ୍ଟୋବର)ରେ ହେବାକୁ ଥିବା ଉକ୍ତ ବୈଠକରେ ପିଏମ୍ ମୋଦିଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ହେଲେ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ବିଦେଶ ରାଜ୍ୟ ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ସାମିଲ ହେବେ। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀ ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଓ ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତେହ ଅଲ ସିସିଙ୍କ ମିଳିତ ଅଧ୍ୟକ୍ଷତାରେ ହେବ।ଏହି ସମ୍ମିଳନୀ ପାଇଁ ଉତ୍ସାହିତ ଇଜିପ୍ଟର ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଏଥିରେ ୨୦ରୁ ଅଧିକ ଦେଶର ନେତାଙ୍କ ସାମିଲ ହେବାର ଆଶା ରହିଛି। ଭାରତ ସରକାରଙ୍କ ପକ୍ଷରୁ ଜାରି କରାଯାଇ ଥିବା ବୟାନରେ ମଧ୍ୟ ଏହି ନିମନ୍ତ୍ରଣକୁ ସ୍ପଷ୍ଟ କରି କୁହାଯାଇଛି ଯେ, ଗାଜାରେ ଶାନ୍ତି ପାଇଁ ଆୟୋଜିତ ହେବାକୁ ଥିବା ସମ୍ମିଳନୀ ପାଇଁ ପିଏମ୍ ମୋଦିଙ୍କୁ ଆମନ୍ତ୍ରିତ କରାଯାଇଛି। ହେଲେ , ତାଙ୍କ ସ୍ଥାନରେ ବିଦେଶ ରାଜ୍ୟ ମନ୍ତ୍ରୀ ସେଠାରେ ଭାରତର ପ୍ରତିନିଧିତ୍ୱ କରିବେ।

ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହମାସ ଓ ଇସ୍ରାଏଲ ମଧ୍ୟରେ ନିକଟରେ ହୋଇଥିବା ଯୁଦ୍ଧ ବିରତିକୁ ଆହୁରି ଅଧିକ ଦୃଢ କରିବା। ଏହି ଅନୁସାରେ ମଧ୍ୟ-ପୂର୍ବରେ ଦୀର୍ଘକାଳିନ ଶାନ୍ତି ସ୍ଥାପନାର ସମ୍ଭାବନା ସୃଷ୍ଟି ହେବ। ଇଜିପ୍ଟର ରାଷ୍ଟ୍ରପତି କାର୍ଯ୍ୟାଳୟ କହିଛି, ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ଗାଜା ପଟ୍ଟୀରେ ଯୁଦ୍ଧକୁ ସମାପ୍ତ କରିବା , କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଆଣିବା ପ୍ରୟାସକୁ ବଢାଇବା ଓ ସୁରକ୍ଷାର ଏକ ନୂଆ ପର୍ଯ୍ୟାୟର ଆରମ୍ଭ କରିବା ଅଛି ।

# ଆଫଗାନିସ୍ତାକୁ ଲାଗି ଥିବା ସୀମା ବନ୍ଦ କଲା ପାକିସ୍ତାନ: ଘନେଇଲା ଯୁଦ୍ଧ ଆଶଙ୍କା

ନୂଆଦିଲ୍ଲୀ: ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଚରମ ସୀମାରେ ପହଞ୍ଚିଛି। ଦୁଇ ପଡ଼ୋଶୀ ଏବେ ପରସ୍ପରକୁ ଆକ୍ରମଣ କରିବାର ସଜବାଜ ହେଉଛନ୍ତି। ଏନେଇ ପାକିସ୍ତାନ ରବିବାର ଆଫଗାନିସ୍ତାନକୁ ଲାଗିଥିବା ଏହାର ସୀମା ବନ୍ଦ କରିଦେଇଛି। ଦୁଇ ଦେଶର ସେନା ମଧ୍ୟରେ ଲଢ଼େଇ ଯୋଗୁ ପାକିସ୍ତାନ ଏହାର ସୀମା ବନ୍ଦ କରୁଛି ବୋଲି ପାକିସ୍ତାନ ସରକାର କହିଛନ୍ତି।ନିକଟରେ ପାକିସ୍ତାନ ଆଫଗାନିସ୍ତାନର କାବୁଲ ପାର୍ଶ୍ୱବର୍ତ୍ତି ଅଞ୍ଚଳଗୁଡ଼ିକରେ ବୋମାମାଡ଼ କରିଥିଲା। ଜବାବରେ ତାଲିବାନ ଶନିବାର ପାକିସ୍ତାନ ସେନା ଉପରେ ଆକ୍ରମଣ କରିଥିଲା। ଏଥିରେ ପାକିସ୍ତାନରେ ୫୮ ଯବାନଙ୍କ ମୃତ୍ୟୁ ହୋଇଥିବା ତାଲିବାନ ଦାବି କରୁଥିବା ବେଳେ ପାକିସ୍ତାନ କହିଛି ଆମ ଗୁଳିରେ ୨୦୦ରୁ ଅଧିକ ତାଲିବାନୀ ସେନା ନିହତ ହୋଇଛନ୍ତି। ପାକିସ୍ତାନର କୁର୍ରମ ଏରିଆରେ ଏବେବି ଦୁଇ ସେନା ମଧ୍ୟରେ ଗୁଳିବିନିମୟ ଜାରି ରହିଛି ବୋଲି ପାକିସ୍ତାନ ଦାବି କରିଛି। ପରସ୍ପରର ଦାବି ନେଇ ସତ୍ୟତା ଜଣାପଡ଼ି ନଥିବା ବେଳେ ପାକିସ୍ତାନ ସୀମା ବନ୍ଦ କରିବା ବଡ଼ ଯୁଦ୍ଧର ସଂକେତ ଦେଉଛି।ପାକିସ୍ତାନର ତୋରଖାନ ଓ ଚମନ ସୀମା ଆଫଗାନିସ୍ତାନ ସହିତ ଭଲ ଭାବରେ ଲାଗି ରହିଛି। ତେଣୁ ଏହି ଦୁଇଟି ରବିବାର ବନ୍ଦ କରିଦିଆଯାଇଛି। ତା ସହିତ ତିନୋଟି ଛୋଟ ଛୋଟ ସୀମାନ୍ତ ଏରିଆ ଯଥା ଖାର୍ଲାଚି, ଅଙ୍ଗୋର ଆଡ୍ଡା, ଏବଂ ଗୁଲାମ ଖାନକୁ ମଧ୍ୟ ପାକିସ୍ତାନ ବନ୍ଦ କରିଦେଇଥିବା କହିଛି। ତେବେ ପାକିସ୍ତାନ ସୀମା ବନ୍ଦ କରିବା ନେଇ ଯଦିଓ ଆଫଗାନିସ୍ତାନ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିପାରି ନାହିଁ, ତେବେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି କତାର ଓ ୟୁଏଇ ଅନୁରୋଧ କ୍ରମେ ଗତକାଲି ମଧ୍ୟରାତ୍ରୀରେ ତାଲିବାନ ସେନା ପାକିସ୍ତାନ ବିରୋଧୀ ଅପରେସନ ବନ୍ଦ କରି ଦେଇଛି।ଭୂଖଣ୍ଡରେ ଘେରା ଆଫଗାନିସ୍ତାନର ପାକିସ୍ତାନ ସହିତ ୨,୬୦୦ କିଲୋମିଟର (୧,୬୦୦ ମାଇଲ) ଲମ୍ବା ସୀମା ରହିଛି। ଡୁରାଣ୍ଡ ଲାଇନକୁ ନେଇ ଦୁଇ ଦେଶ ମଧ୍ୟରେ ପୂର୍ବରୁ ସୀମା ବିବାଦ ରହି ଆସିଥିବା ବେଳେ ଇସ୍ଲାମାବାଦ ତାଲିବାନ ପ୍ରଶାସନ ଉପରେ ପାକିସ୍ତାନ ଉପରେ ଆକ୍ରମଣ କରୁଥିବା ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ ଲଗାଉଛି। ଯାହାକୁ କାବୁଲ ଅସ୍ୱୀକାର କରୁଛି।

# ଶୁଳ୍କ ନେଇ ପୁଣି ମୁହାଁମୁହିଁ ଟ୍ରମ୍ପ-ଜିନପିଙ୍ଗ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୧୦୦% ଶୁଳ୍କ ଧମକ ସତ୍ତ୍ୱେ ଚୀନ୍ ରବିବାର ସ୍ପଷ୍ଟ କରିଛି ଯେ ଏହା ପଛକୁ ହଟିବ ନାହିଁ। ଏହା ଧମକ ବଦଳରେ ଆଲୋଚନା ମାଧ୍ୟମରେ ମତଭେଦ ସମାଧାନ କରିବାକୁ ଆମେରିକାକୁ ଅନୁରୋଧ କରିଛି। ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଅନଲାଇନରେ ପ୍ରକାଶିତ ଏକ ବିବୃତ୍ତିରେ କହିଛି, "ଚୀନର ସ୍ଥିତି ସ୍ପଷ୍ଟ" । "ଆମେ ଶୁଳ୍କ ଯୁଦ୍ଧ ଚାହୁଁନାହୁଁ, କିନ୍ତୁ ଆମେ ଭୟଭୀତ ମଧ୍ୟ ନୁହେଁ।" ଟ୍ରମ୍ପ ନଭେମ୍ବର ୧ ତାରିଖରୁ ଚୀନ୍ ଉପରେ ଅତିରିକ୍ତ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବେ ବୋଲି ଘୋଷଣା କରିବାର ଦୁଇ ଦିନ ପରେ ଚୀନ୍ ଏହି ପ୍ରତିକ୍ରିୟା ଦେଇଛି। ଅନେକ ଗ୍ରାହକ ଏବଂ ସାମରିକ ଉତ୍ପାଦ ପାଇଁ ଏକ ପ୍ରମୁଖ ଉପାଦାନ, ବିରଳ ପୃଥିବୀ ଖଣିଜ ପଦାର୍ଥର ରପ୍ତାନି ଉପରେ ଚୀନ୍ ଦ୍ୱାରା ଲଗାଯାଇଥିବା ନୂତନ କଟକଣାର ଜବାବରେ ଏହି ଧମକ ଦିଆଯାଇଛି। ଯାହା ଏବେ ଟ୍ରମ୍ପ୍ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଏକ ସମ୍ଭାବ୍ୟ ବୈଠକକୁ ପଥଭ୍ରଷ୍ଟ କରିବା ଏବଂ ଶୁଳ୍କ ଯୁଦ୍ଧ ଉପରେ ହୋଇଥିବା ଚୁକ୍ତିକୁ ବାଧା ଦେବାର ଧମକ ଦେଇଛି। ଏପ୍ରିଲରେ, ଉଭୟ ପକ୍ଷ ଦ୍ୱାରା ଲଗାଯାଇଥିବା ନୂତନ ଶୁଳ୍କ ସଂକ୍ଷିପ୍ତ ଭାବରେ ୧୦୦ ପ୍ରତିଶତ ଅତିକ୍ରମ କରିଥିଲା। ଶୁଳ୍କ ହ୍ରାସ ପାଇଁ ରିହାତି ପାଇବା ପାଇଁ ଟ୍ରମ୍ପ୍ ଏହି ବର୍ଷ ଅନେକ ଆମେରିକୀୟ ବାଣିଜ୍ୟିକ ଅଂଶୀଦାରଙ୍କଠାରୁ ଆମଦାନୀ ଉପରେ ଶୁଳ୍କ ବୃଦ୍ଧି କରିଛନ୍ତି। ଚୀନ୍ ସେହି କିଛି ଦେଶ ମଧ୍ୟରୁ ଗୋଟିଏ ଯିଏ ତାର ଆର୍ଥିକ ଶକ୍ତିରୁ ପଛକୁ ହଟି ନାହିଁ।

ବାରମ୍ବାର ଭାରୀ ଶୁଳ୍କ ଲାଗୁ କରିବାକୁ ଧମକ ଦେବା ସଠିକ୍ ଆଭିମୁଖ୍ୟ ନୁହେଁ। ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଏକ ପୋଷ୍ଟରେ କହିଛି, "ବାରମ୍ବାର ଭାରୀ ଶୁଳ୍କ ଲାଗୁ କରିବାକୁ ଧମକ ଦେବା ଚୀନ୍ ସହିତ ଜଡିତ ହେବା ପାଇଁ ସଠିକ୍ ଆଭିମୁଖ୍ୟ ନୁହେଁ।" ଏହି ପୋଷ୍ଟଟି ଜଣେ ଅଜ୍ଞାତ ମୁଖପାତ୍ରଙ୍କ ଦ୍ୱାରା ଅନିର୍ଦ୍ଦିଷ୍ଟ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ କରାଯାଇଛି। ବିବୃତ୍ତିରେ ଆଲୋଚନା ମାଧ୍ୟମରେ ଯେକୌଣସି ଚିନ୍ତାର ସମାଧାନ କରିବାକୁ ଆହ୍ୱାନ ଦିଆଯାଇଛି। "ଯଦି ଆମେରିକା ପକ୍ଷ ତାର ଜିଦଖୋର ମନୋଭାବରେ ଅଟଳ ରହେ ଏବଂ ତାର ନୀତି ଉପରେ ଜିଦ୍ ଧରି ରହେ, ତେବେ ଚୀନ୍ ତାର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବ," ନେବ ବୋଲି ପୋଷ୍ଟରେ କୁହାଯାଇଛି ।

# ସ୍କୁଲ-କଲେଜ ପରିସରରେ ଆରଏସଏସକୁ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଅନାହିଁ: ଖଡ଼ଗେ

ନୂଆଦିଲ୍ଲୀ: କର୍ଣ୍ଣାଟକର ମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି ଯେ ସରକାରୀ ସ୍କୁଲ ଏବଂ କଲେଜ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକ୍ରମଗୁଡ଼ିକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ। ସେ ଏହା ମଧ୍ୟ ଆବେଦନ କରିଛନ୍ତି ଯେ ସାର୍ବଜନୀନ ପାର୍କ ଏବଂ ଧାର୍ମିକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମନ୍ଦିରଗୁଡ଼ିକରେ ଆରଏସଏସ କାର୍ଯ୍ୟକ୍ରମଗୁଡ଼ିକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ।

ପ୍ରିୟାଙ୍କ ଖଡ଼ଗେ ଅଭିଯୋଗ କରିଛନ୍ତି ଯେ ଆରଏସଏସ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ସ୍କୁଲ ଏବଂ ସାର୍ବଜନୀନ ପାର୍କଗୁଡ଼ିକରେ ଏହାର ଶାଖା ଚଳାଉଛନ୍ତି, ଯେଉଁଠାରେ ସ୍ଲୋଗାନ ଦିଆଯାଏ ଏବଂ ପିଲା ଏବଂ ଯୁବକମାନଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି କରାଯାଏ। କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପୁଅ ପ୍ରିୟାଙ୍କ କହିଛନ୍ତି ଯେ ଆରଏସଏସର ବିଚାରଧାରା ଭାରତର ଏକତା ଏବଂ ଧର୍ମନିରପେକ୍ଷତାର ମୂଲ୍ୟବୋଧ ବିରୁଦ୍ଧରେ ରହିଛି। ମନ୍ତ୍ରୀ ଲେଖିଛନ୍ତି, "ଯେତେବେଳେ ସମାଜରେ ଘୃଣା ବିସ୍ତାର କରୁଥିବା ବିଭାଜନକାରୀ



ଶକ୍ତି ବୃଦ୍ଧି ପାଏ, ସେତେବେଳେ ଆମର ସମ୍ବିଧାନ, ଯାହା ସଚ୍ଚୋଟତା, ସମାନତା ଏବଂ ଏକତାର ନୀତି ଉପରେ ଆଧାରିତ, ଆମକୁ ଏପରି ଶକ୍ତିଗୁଡ଼ିକୁ ରୋକିବା ଏବଂ ଦେଶର ଧର୍ମନିରପେକ୍ଷ ମୂଲ୍ୟବୋଧକୁ ରକ୍ଷା କରିବାର ଅଧିକାର ଦିଏ।"

ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଅନୁମତି ବିନା ଲାଠି ଧରି ଆକ୍ରମଣାତ୍ମକ ପ୍ରଦର୍ଶନ କରାଯାଉଛି, ଯାହା ଶିଶୁ ଏବଂ ଯୁବକମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ସରକାରଙ୍କଠାରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ସେ କହିଛନ୍ତି, "ଶିଶୁ, ଯୁବକ, ଜନସାଧାରଣ ଏବଂ ସମଗ୍ର ସମାଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି, ମୁଁ ବିନମ୍ରତାର ସହିତ ଅନୁରୋଧ କରୁଛି ଯେ ଆରଏସଏସ ଦ୍ୱାରା ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ନିଷିଦ୍ଧ କରାଯାଉ।"

# ନିଲାମ ପୂର୍ବରୁ ବିଦା ହେବେ ୯୭ କୋଟିର ଖେଳାଳି

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି) : ଆଇପିଏଲ୍ ମିନି ନିଲାମ ପୂର୍ବରୁ ୯୭ କୋଟିର ଖେଳାଳି ବିଦା ହେବେ । ଅଧିକାଂଶ ଦଳ କିଛି ଷ୍ଟାର ଖେଳାଳିଙ୍କୁ ରିଲିଜ୍ କରିବେ । ଏହି ମିନି ନିଲାମ ଡିସେମ୍ବର ୧୫ ରୁ ୧୭ ମଧ୍ୟରେ ହୋଇପାରେ । ନଭେମ୍ବର ୧୫ରେ ରିଟେନସନ୍ ତାଲିକା ଜାରି କରାଯିବାର ଶେଷ ତାରିଖ ରହିଛି । ତେଣୁ ଚଳିତ ବର୍ଷ ଅତି କମ୍‌ରେ ୯୭ କୋଟି ୩୫ ଲକ୍ଷ ଟଙ୍କାର ଖେଳାଳି ରିଲିଜ୍ ହେବେ । ୫ ଥର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗ୍ସ ୫ ଜଣ ତାରକା ଖେଳାଳିଙ୍କୁ ବିଦା କରିପାରେ । ୬.୨୫ କୋଟିରେ କିଣାଯାଇଥିବା ଦେବନ କନୱେ, ୧.୭୦ କୋଟିରେ କିଣାଯାଇଥିବା ଦୀପକ ହୁଡା, ୧.୨ କୋଟିରେ କିଣାଯାଇଥିବା ବିଜୟ ଶଙ୍କର, ରାହୁଲ ତ୍ରିପାଠୀ( ୩.୪୦ କୋଟି) ଏବଂ ସାମ କୁରନ(୨.୪୦ କୋଟି) ।କୁରନଙ୍କୁ ରିଲିଜ୍ କରିବ ଚେନ୍ନାଇ । ଗତ ନିଲାମର ସବୁଠୁ ଦାମି ଖେଳାଳି ଥିଲେ ଭେଙ୍କଟେଷ ଆୟର । ତାଙ୍କୁ କୋଲକାତା ନାଇଟ୍ ରାଇଡର୍ସ ୨୩.୭୫ କୋଟି ଟଙ୍କାରେ କିଣିଥିଲା । ସେ ମଧ୍ୟ ରିଲିଜ୍ ହେବେ । ଦିଲ୍ଲୀ କ୍ୟାପିଟାଲ୍ସ ଅଭିଜ୍ଞ ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କଙ୍କୁ ରିଲିଜ୍ କରିପାରେ । ତାଙ୍କୁ ୧୧.୭୫ କୋଟି ଟଙ୍କାରେ କିଣିଥିଲା । ଟି ନଟରାଜନ୍ ମଧ୍ୟ ଦଳରୁ ରିଲିଜ୍ ହେବେ । ଲକ୍ଷ୍ନୌ ସୁପର ଜାଏଣ୍ଟସ ୮ କୋଟି ଟଙ୍କାରେ କିଣିଥିବା ଆକାଶଦୀପ ଓ ୭.୫୦ କୋଟି ଟଙ୍କାରେ କିଣିଥିବା ଡେଭିଡ୍ ମିଲରଙ୍କୁ ବିଦା କରିପାରେ । ମୟଙ୍କ ଯାଦବ ମଧ୍ୟ ରିଲିଜ ହୋଇପାରନ୍ତି । ତାଙ୍କୁ ଦଳ ୧୧ କୋଟି ଟଙ୍କାରେ କିଣିଥିଲା । ରାଜସ୍ଥାନ ରୟାଲ୍ସ ସହ ସମ୍ପର୍କ ଛିନ୍ନ କରିବାକୁ ଯାଉଛନ୍ତି ସଞ୍ଜୁ ସାମସନ୍ । ତେବେ ତାଙ୍କ ସ୍ଥାନରେ ୫.୨୫ କୋଟିରେ ଶ୍ରୀଲଙ୍କାର ସ୍ପିନ୍ ଅଲରାଉଣ୍ଡର ୱାନେନ୍ଦୁ ହସରଙ୍ଗା ଏବଂ ୪.୪୦ କୋଟିରେ କିଣାଯାଇଥିବା ଶ୍ରୀଲଙ୍କା ସ୍ପିନର ମହେଶ ଥେକସାନାଙ୍କୁ ଦଳ ରିଲିଜ୍ କରିପାରେ । କୁମାର ସାଙ୍ଗାକାରା ଦଳକୁ ଫେରିବାକୁ ଯାଉଛନ୍ତି ।




# ଫଲୋଅନ୍ ପରେ ଲଢିଲା ଇଣ୍ଡିଜ୍

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି) : ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଇଣ୍ଡିଜ୍ ପ୍ରଥମ ଇନିଂସରେ ଫଲୋ ଅନ୍ ଖାଇଛି । ଭାରତ ପ୍ରଥମ ଇନିଂସରେ ୫୧୮/୫ ରନ୍ କରି ପାଳି ଘୋଷଣା କରିଥିଲା । ଏହାର ଜବାବରେ ୱେଷ୍ଟଇଣ୍ଡିଜ ୮୧.୫ ଓଭରରେ ୨୪୮ ରନ୍ କରି ଅଲଆଉଟ୍ ହୋଇଥିଲା । ତେଣୁ ଭାରତ ଇଣ୍ଡିଜକୁ ଫଲୋ ଅନ୍ ଦେଇ ଦ୍ୱିତୀୟ ଇନିଂସ ପାଇଁ ଆମନ୍ତ୍ରଣ କରିଥିଲା । ମ୍ୟାଚ୍‌ର ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଇଣ୍ଡିଜ ୪୯ ଓଭରରେ ୨ ୱିକେଟ୍ ହରାଇ ୧୭୩ ରନ୍ କରିଛି । ଏବେବି ଦଳ ଭାରତୀୟ ପାଳି ଠାରୁ ୯୭ ରନ୍ ପଛରେ ରହିଛି । ଏସବୁ ସତ୍ତ୍ୱେ ଇଣ୍ଡିଜ ଓପନ୍‌ର ଜନ୍ କ୍ୟାମ୍ବେଲ୍ ଓ ସାଇହୋପ୍ ଦଳକୁ ଆଶା ଦେଇଛନ୍ତି । କ୍ୟାମ୍ବେଲ୍ ୧୪୫ ବଲରୁ ୮୭ ଏବଂ ହୋପ୍ ୧୦୩ ବଲରୁ ୬୬ ରନ୍ କରି ଅପରାଜିତ ଅଛନ୍ତି । କେବଳ ୨ ୱିକେଟ୍ ଭାବେ ଟାଜେନାରିନ୍ ଚନ୍ଦ୍ରପଲ ୧୦ ଓ ଆଲିଖ ଆଥାଞ୍ଜେ ୭ ରନ୍ କରି ପାଭିଲିୟନ୍ ଫେରିଥିଲେ । ଭାରତର ମହମ୍ମଦ ସିରାଜ ଓ ୱାଶିଂଟନ୍ ସୁନ୍ଦରଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଛି । ମ୍ୟାଚର ଦୁଇଦିନ ଖେଳ ବାକି ରହିଛି । ତେଣୁ ଚତୁର୍ଥ ଦିନ ହିଁ ଫଳାଫଳ ନିର୍ଦ୍ଧାରିତ ହେବ ବୋଲି ଆଶା ରହିଛି ।

ମ୍ୟାଚର ତୃତୀୟ ଦିନ ଇଣ୍ଡିଜ୍‌ର ପ୍ରଥମ ଇନିଂସ ୧୪୦/୪ ରୁ ଖେଳ ଆରମ୍ଭ ହୋଇଥିଲା । ସାଇହୋପ୍ ୩୧ ଓ ତେଭିନ୍ ଇମଲାକ ୧୪ ରନ୍‌ରୁ ଖେଳ ଆରମ୍ଭ କରିଥିଲେ । ହୋପ୍ ବ୍ୟକ୍ତିଗତ ସ୍କୋର ମାତ୍ର ୫ ରନ୍ ଯୋଡିଥିବା ବେଳେ କୁଲଦୀପ ଯାଦବଙ୍କ ଶିକାର ହୋଇଥିଲେ । ପରେ ପରେ ଇମଲାକଙ୍କ ୨୧ ରନ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ କୁଲଦୀପ । ଚାଇନା ମ୍ୟାନ୍ସ ସ୍ପିନ୍‌ର କୁଲଦୀପଙ୍କ ଘାତକ ବୋଲିଂ ସାମ୍ନା କରିପାରିନଥିଲେ ଇଣ୍ଡିଜ୍ ବ୍ୟାଟର । ଅଧିନାୟକ ରଷ୍ଟେନ୍ ଚେଜ୍ ୧୬ ରନ୍‌ରେ ଆଉଟ୍ ହୋଇଥିବା ବେଳେ ଜଷ୍ଟିନ୍ ଗ୍ରେଭସ୍ ୧୭, ଖାରି ପାଇରେ ୨୩, ଆଣ୍ଡସନ୍ ଫିଲିପ୍ ୨୪ ତଥା ଜୟଦିନ ସିଲେସ୍ ୧୩ ରନ୍ କରିଥିଲେ । ତେଣୁ ଇଣ୍ଡିଜ୍‌ର ପ୍ରଥମ ପାଳି ୮୧.୫ ଓଭରରେ ୨୪୮ ରନ୍‌ରେ ଶେଷ ହୋଇଥିଲା ।ଭାରତର ଦୁଇ ସ୍ପିନ୍‌ର ରବିନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଦୁହେଁ ୮ ୱିକେଟ୍ ତଥା ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା । କୁଲଦୀପ ୨୬.୫ ଓଭର ବୋଲିଂ କରି ୪ ମେଡେନ୍ ସହ ୮୨ ରନ୍ ବ୍ୟୟରେ ୫ ୱିକେଟ୍ ନେଇଥିଲେ । ସେହିଭଳି ଜାଡେଜା ୧୯ ଓଭର ଫିଙ୍ଗି ୩ ୱିକେଟ୍ ଦଖଲ କରିଥିଲେ । ଇଣ୍ଡିଜ ୨୪୮ ରନ୍‌ରେ ଅଲଆଉଟ୍ ହେବା ପରେ ଭାରତ ଫଲୋଅନ୍ ଦେଇଥିଲା । ତେଣୁ ଇଣ୍ଡିଜ୍ ପୁଣି ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା । ପ୍ରଥମ ଇନିଂସ ଭଳି ଶୀଘ୍ର ଦୁଇ ୱିକେଟ୍ ହରାଇଥିଲା ଇଣ୍ଡିଜ୍ । ଓପନର ଟାଜେନାରିନ୍ ଚନ୍ଦ୍ରପଲ ୧୦ ଓ ଆଲିକ ଆଥାଞ୍ଜେ ୭ ରନ୍ କରି ପାଭିଲିୟନ ଫେରିଯାଇଥିଲେ । ୩୫ ରନ୍‌ରେ ୨ ୱିକେଟ୍ ହରାଇବାରୁ ଇଣ୍ଡିଜ୍‌ର ସଂକଟ ବଢିଯାଇଥିଲା । ଏଭଳି ବିଶମ ସ୍ଥିତିରେ ଓପନ୍‌ର ଜନ୍ କ୍ୟାମ୍ବେଲ ଓ ସାଇହୋପ୍ ଇଣ୍ଡିଜ ପାଇଁ ଆଶା ସଂଞ୍ଚାର କରିଛନ୍ତି । ତୃତୀୟ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୧୩୮ ରନ୍‌ର ଅସମାପ୍ତ ପାର୍ଟନରସିପ୍ ହୋଇଛି । କ୍ୟାମ୍ବେଲ୍ ୧୪୫ ବଲର ସମ୍ମୁଖୀନ ହୋଇ ୯ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୮୭ ରନ୍ ଏବଂ ସାଇହୋପ୍ ୧୦୩ ବଲରୁ ୮ ଚୌକା ଓ ୨ ଛକା ସହାୟତାରେ ୬୬ ରନ୍ କରିଛନ୍ତି । ଏବେବି ଇଣ୍ଡିଜ ୯୭ ରନ୍ ପଛରେ ରହିଛି । ଏହି ଦୁଇ ବ୍ୟାଟର ଜମାଣିଆ ଇନିଂସ ଖେଳିପାରିଲେ, ଇଣ୍ଡିଜ୍ ପରାଜୟ ଟାଳିବାକୁ ସକ୍ଷମ ହୋଇପାରିବ ।




# ଏସିଆନ୍ ଟିମ୍ ଟେବୁଲ୍ ଟେନିସ୍

## ପଦକ ପର୍ଯ୍ୟାୟରେ ହଂକଂ

ଭୁବନେଶ୍ୱର, ୧୨।୧୦(ସବ୍ୟୁ) : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୨୮ତମ ଏସିଆନ୍ ଟିମ୍ ଟେବୁଲ୍ ଚାମ୍ପିଅନସିପ୍ ଜାରି ରହିଛି । କଳିଙ୍ଗ ଷ୍ଟାଡିୟମ ଇଣ୍ଡୋର ଆଥଲେଟିକ୍ ଷ୍ଟାଡିୟମ ସେଣ୍ଟରରେ ଚାଲିଥିବା ଏହି ପ୍ରତିଯୋଗିତାର ପୁରୁଷ ଦଳଗତ କ୍ୱାର୍ଟର ଲଢେଇରେ ହଂକଂ ଜମାଣିଆ ପ୍ରଦର୍ଶନ ଦେଖାଇଛି । ଭାରତ ବିପକ୍ଷ ମ୍ୟାଚରେ ହଂକଂ ୩-୦ରେ ବିଜୟ ଲାଭ କରି ସେମିଫାଇନାଲ ସହ ପଦକ ପର୍ଯ୍ୟାୟରେ ପ୍ରବେଶ କରିଛି । ବିଶ୍ୱ ଦଳଗତ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଭାରତକୁ ଅତି ସହଜରେ ହଂକଂ ଧରାସାୟୀ କରିଥିଲା । ତେଣୁ ସେମିରେ ପ୍ରବେଶ କରିଥିବାରୁ ହଂକଂ ଅତିକମ୍‌ରେ ବ୍ରୋଞ୍ଜ ପଦକ ହାସଲ କରିବ । ପୁରୁଷ ବର୍ଗର ଆଉ ଏକ କ୍ୱାର୍ଟର ଫାଇନାଲରେ ଜାପାନ ୩-୧ ଗୋଲରେ ରିପବ୍ଲିକ ଅଫ୍ କୋରିଆକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି । ତେଣୁ କ୍ୱାର୍ଟର ଫାଇନାଲର ଦୁଇ ପରାଜିତ ଦଳ କୋରିଆ ଓ ଭାରତ ମଧ୍ୟରେ ପଞ୍ଚମ ସ୍ଥାନ ପାଇଁ ଲଢେଇ ହେବ । ଭାରତ -ହଂକଂ ମ୍ୟାଚରେ ତୀବ୍ର ସଂଘର୍ଷ ଦେଖିବାକୁ ମିଳିଥିଲା । ହଂକଂର ୱଙ୍ଗଚୁଙ୍ଗ ଟିଙ୍ଗ ୧୧-୫, ୧୧-୯, ୧୩-୧୧ ସେଟ୍‌ରେ ଭାରତର ମନୁଷ ସାହାଙ୍କୁ ହରାଇଥିଲେ । ସେହିଭଳି ଦ୍ୱିତୀୟ ମ୍ୟାଚରେ ଚାନବଲ୍ଡ ଉଇନ୍ ୧୧-୮, ୧୧-୮, ୧୦-୧୨, ୯-୧୧, ୧୧-୮ ଗେମରେ ମାନବ ଠାକୁରଙ୍କୁ ପରାଜିତ କରିଥିଲେ । ତୃତୀୟ ମ୍ୟାଚରେ ଲାମ ସିୟୁ ହାଙ୍ଗ ୭-୧୧, ୧୧-୯,୧୨-୧୪ ସେଟ୍‌ରେ ଅଙ୍କୁର ଭଟ୍ଟାଚାର୍ଯ୍ୟଙ୍କୁ ପରାଜିତ କରିବା ସହ ଭାରତର ସେମିଫାଇନାଲ ଆଶାରେ ପୂର୍ଣ୍ଣଚ୍ଛେଦ ପକାଇଥିଲା ହଂକଂ । ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅର୍ଜୁନ ପୁରସ୍କାର ପ୍ରାପ୍ତ କମଲେଷ ମେହେଟା ଅତିଥି ଭାବେ ଯୋଗ ଦେଇଥିଲେ ।




# ଜାତୀୟ ଜୁଜିଟସୁ

## ଓଡିଶାକୁ ୨୮ ପଦକ

ଭୁବନେଶ୍ୱର, ୧୨।୧୦(ସବ୍ୟୁ) : ଉତ୍ତରପ୍ରଦେଶର ସାହାରନପୁରଠାରେ ଅନୁଷ୍ଠିତ ଜାତୀୟ ଜୁଜିଟସୁ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଶେଷ ଦିନ ଅନୁପମା ସ୍ୱାଇଁ ୫୨ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ।ଚଳିତ ପ୍ରତିଯୋଗିତାରେ ଏହା ତାଙ୍କର ତୃତୀୟ ସ୍ୱର୍ଣ୍ଣ ପଦକ । ପ୍ରିୟଦର୍ଶିନୀ ଘଟୁଆରୀ ବ୍ରୋଞ୍ଜ, ଅମରେଶ୍ୱର ସ୍ୱାଇଁ ସ୍ୱର୍ଣ୍ଣ, ଉମାକାନ୍ତ ବ୍ରୋଞ୍ଜ, ଦେବାଶିଷ ସାମନ୍ତରାୟ ରୌପ୍ୟ ଏବଂ ରାଧାକାନ୍ତ ସେଠୀ ରୌପ୍ୟ ପଦକ ଜିତିଛନ୍ତି ।ଚଳିତ ପ୍ରତିଯୋଗିତାରେ ଓଡିଶା ଦଳ ସର୍ବମୋଟ ୨୮ ଟି ପଦକ ଜିତିଥିବା ବେଳେ ଏଥିରେ ୯ ଟି ସ୍ୱର୍ଣ୍ଣ, ୧୦ ଟି ରୌପ୍ୟ ଓ ୯ ଟି ବ୍ରୋଞ୍ଜ୍ ପଦକ ରହିଛି । ଏହି ଅଭୁତପୂର୍ବ ସଫଳତା ପାଇଁ ଓଡିଶା ଜୁଜିଟସୁ ପ୍ରତିଯୋଗୀଙ୍କୁ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି ।



# ୧୯ ବର୍ଷରୁ କମ ରାଜ୍ୟ ମହିଳା କ୍ରିକେଟ ଦଳରେ ଈପସୀତା

ନାଉଗାଁ,୧୨।୧୦ ( ସବ୍ୟୁ ) : ରାଜ୍ୟ ୧୯ ବର୍ଷରୁ କମ ମହିଳା କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି ଈପସୀତା ପରିଡ । ଜିଲ୍ଲା ମହିଳା କ୍ରିକେଟ ଦଳରୁ ଦୀର୍ଘ ୫ ବର୍ଷ ହେଲା ପ୍ରତିନିଧିତ୍ୱ କରୁଥିବା ଏହି ଖେଳାଳି ଆଗରୁ ମଧ୍ୟ ୧୫ ବର୍ଷରୁ କମ ରାଜ୍ୟ ଦଳରେ ସାମିଲ ହୋଇଥିଲ । ବାଲିକୁଦା ବ୍ଲକ ଶୋଭା ଗ୍ରାମର ଏହି ଖେଳାଳି ମାଷ୍ଟର୍ସ କ୍ଲବର ପରିଚାଳନା ନିର୍ଦ୍ଦେଶକ ସହଦେବ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡିଶା କ୍ରିକେଟ ଆସୋସିଏସନର ଚୟନ ପ୍ରକ୍ରିୟାରେ ସାମିଲ ହୋଇ କୋଲକାତା ଓ ଜାମ୍ମୁ କାଶ୍ମୀର ଦଳ ବିପକ୍ଷରେ ଉନ୍ନତ ଖେଳ ପ୍ରଦର୍ଶନ କରି ଆଗାମୀ ୨୬ ତାରିଖରୁ ଛତିଶଗଡ଼ ରାୟପୁର ଠାରେ ଆରମ୍ଭ ହେଉଥିବା ବିସିସିଆଇ ଘରୋଇ ଟୁର୍ଣ୍ଣାମେଣ୍ଟ ପାଇଁ ଘୋଷିତ ୧୬ ଜଣିଆ ଓଡିଶା ଦଳରେ ସ୍ଥାନ ପାଇଛନ୍ତି । ଏହି ଉପଲକ୍ଷେ ଜଗତସିଂହପୁର ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ରଞ୍ଜୀବ ବିଶ୍ୱାଳ, ସଂପାଦକ ଅନିଲ କୁମାର ବିଶ୍ୱାଳ,ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ,ବରିଷ୍ଠ କ୍ରୀଡା ସଂଗଠକ ସନ୍ତୋଷ କୁମାର ଦାସ, ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ , ଓସିଏ ସଭ୍ୟ ନିବାରଣ ରାୟ, ମାଷ୍ଟର୍ସ କ୍ଲବର ସମ୍ପାଦକ ମହାଦେବ ସେଠୀ, ସଭାପତି ମନୋଜ ନାୟକ, ଯୁଗ୍ମ ସମ୍ପାଦକ ସୁନିଲ କୁମାର ମାଟିଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।



# ମହିଳା କ୍ରିକେଟ୍‌ରେ ସ୍ମୃତିଙ୍କ ନୂଆ ଅଧ୍ୟାୟ

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି) : ଆଇସିସି ମହିଳା ବିଶ୍ୱ କପ୍ କ୍ରିକେଟ୍‌ର ଭାରତର ସ୍ମୃତି ମନ୍ଧାନା ନିଜ ନାଁରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସ୍ମୃତି ମନ୍ଧାନା ୮୦ ରନ୍‌ର ଇନିଂସ ଖେଳିଛନ୍ତି । ସେ ଚଳିତ ବର୍ଷ ୧୦୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି । ସ୍ମୃତି ପ୍ରଥମ ମହିଳା ଖେଳାଳି ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ରୁ ଅଧିକ ରନ୍ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ ୧୮ ଇନିଂସରେ ୪ ଶତକ ଓ ୪ ଟି ଅର୍ଦ୍ଧଶତକ ସହ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି । ୧୦୦୦ ରନ୍ ପୂରଣ କରିବା ପାଇଁ ସେ ୧୮ ରନ୍ ପଛରେ ଥିଲେ । ସ୍ମୃତି ଯୁବ ମହିଳା କ୍ରିକେଟ୍‌ର ଭାବେ ୫୦୦୦ ରନ୍ ମଧ୍ୟ ପୂରଣ କରିଛନ୍ତି । ସେ ୨୯ ବର୍ଷ ୮୬ ଦିନରେ ଏହି କୀର୍ତ୍ତିମାନ ହାସଲ କରିଛନ୍ତି । ଦିନିକିଆରେ ସେ ୧୧୨ ଇନିଂସରେ ୫୫୬୯ ବଲରେ ୫୦୦୦ ରୁଉର୍ଦ୍ଧ୍ୱ ରନ୍ କରି ଇଣ୍ଡିଜର ଷ୍ଟେଫାନି ଟେଲର ଓ ନ୍ୟୁଜିଲାଣ୍ଡର ସୁଜି ବେଟ୍ସଙ୍କ ରେକର୍ଡ ଭାଙ୍ଗିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷରେ ୧୦୦୦ ରନ୍ ପୂରଣ କରିବା ପାଇଁ ଆଉ ୪ ରନ୍‌ର ଆବଶ୍ୟକତା ରହିଛି ।

# ଓଡ଼ିଶା ବାଳିକା ଜୁନିଅର କ୍ରିକେଟ୍ ଦଳରେ ଭଦ୍ରକରୁ ୩

ଭଦ୍ରକ,(ସବ୍ୟ): ଓଡ଼ିଶା ବାଳିକା କ୍ରିକେଟ ଦଳ ଅଣ୍ଡର ୧୬ ଓ ବାଳକ ଦଳ ଅଣ୍ଡର ୨୩ ଦଳରେ ମୋଟ ୩ଜଣ ସ୍ଥାନ ପାଇଛନ୍ତି । ବିସିସିଆଇ ଦ୍ୱାରା ପରିଚାଳିତ ଛତିଶଗଡ଼ ରାଇପୁରଠାରେ ହେବାକୁ ଥିବା ଅଣ୍ଡର ୧୬ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି । ଏହି ଦଳରେ ଭଦ୍ରକ ଜିଲ୍ଲାରୁ ୨ଜଣ ମହିଳା କ୍ରିକେଟ ଖେଳାଳୀ ସ୍ଥାନ ପାଇଛନ୍ତି । ସେମାନେ ହେଲେ ଅନନ୍ୟା ପି ରାଉତ ଏବଂ ଅର୍ଚ୍ଚନା ରାଉତ ସ୍ଥାନ ପାଇଛନ୍ତି । ସେହିପରି ଅଣ୍ଡର ୨୩ କ୍ରିକେଟ ଦଳର ହାଇଦ୍ରବାଦ୍ ଠାରେ ହେବାକୁ ଥିବା ସି. କେ. ନାଇଡୁ ଟ୍ରଫି ପାଇଁ ଘୋଷିତ ଓଡ଼ିଶା ଦଳରେ ଭଦ୍ରକ ଜିଲ୍ଲାରୁ ଜଣେ ଖେଳାଳୀ ମନୋନୀତ ହୋଇଛନ୍ତି । ସେ ହେଉଛନ୍ତି ଆକାଶ ମହାପାତ୍ର । ଏହି ଖେଳାଳୀଙ୍କ ଉନ୍ନତ ଖେଳ ଆଶା କରି ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସମ୍ପାଦକ ଧିରେନ ପଲାଇ, ଉପେନ୍ଦ୍ର ବାରିକ, ଅତିସ କୁମାର ବେହେରା, ବେୟାମକେଶ ସେନାପତି, ଭବତୋଷ ଦାସ ପ୍ରମୁଖ ଶୁଭକାମନା କରିଛନ୍ତି ।

# ଅଲ ଓଡିଶା ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ

ଭୁବନେଶ୍ୱର, ୧୨।୧୦(ସବ୍ୟୁ) : ଫରେଷ୍ଟ, ଏନଭାରମେଣ୍ଟ ଏବଂ କ୍ଲାଇମେଣ୍ଟ ଚେଞ୍ଜ୍ ବିଭାଗ ପକ୍ଷରୁ ଅଲଓଡିଶା ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି । କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବନବିଭାଗ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ମଣ୍ଡଳର ଆରସିସିଏଫ୍ ଏମ୍ ଯୋଗଜୟାନନ୍ଦ, ପିସିସିଏ ଏବଂ ଆଇଏଫ୍‌ଏସ୍ ପ୍ରେମ କୁମାର ଝା , ଆଇଏଫ୍‌ଏସ୍ ସୁରେଶ ପନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦୁପତ୍ର ବିଭାଗର ଆଇଏଫ୍‌ଏସ୍ ଉମାନନ୍ଦୁରୀ ଯୋଗ ଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାରେ ଓଡିଶାରୁ ୪ ଟି ଜୋନ୍ ୫୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।



# ଧର୍ମଶାଳା ପ୍ରିମିୟର ଲିଗ ଉଦଯାପିତ : ୟୁଥ କ୍ଲବ ଚାମ୍ପିଅନ

ଧର୍ମଶାଳା, ୧୨। ୧୦( ସବ୍ୟୁ ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ଗ୍ରାମର ମଜାର ପଡିଆରେ ଚାଲିଥିବା ଧର୍ମଶାଳା ପ୍ରିମିୟର ଲିଗ ଆଜି ଉଦଯାପିତ ହୋଇଯାଇଛି। ଧର୍ମଶାଳା ଇଲେଭେନ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଂଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଆଜି ଫାଇନାଲ ମ୍ୟାଚରେ କେସିସି ସୁଙ୍ଗୁଡା ଓ ଚୋରମୁହାଁୟୁଥ କ୍ଲବ ପରସ୍ପରକୁ ଭେଟିଥିଲେ। ଚୋରମୁହାଁୟୁଥ କ୍ଲବ ଟସ ଜିତି ଫିଲଡିଂଗ କରିବାକୁ ନିଷ୍ପତି ନେଇଥିଲା। କେସିସି ସୁଙ୍ଗୁଡା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବିକୁ ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ବିପକ୍ଷ ଚୋରମୁହାଁ ଟିମର ବିଜୟ ଦାସ ୩ଟି କୁବେଲ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଚୋରମୁହାଁୟୁଥ କ୍ଲବ ବ୍ୟାଟିଂ କରି ୧୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ବିପିନ ନାୟକ ସର୍ବାଧିକ ୪୪ ରନ ଓ ଶେଖର ଦାସ ୩୬ ରନ ସଂଗ୍ରହ କରିଥିଲେ। ଆଜିର ମ୍ୟାଚକୁ ଦୀପକ ମହାନ୍ତି ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ। ଧର୍ମଶାଳା ଇଲେଭେନ କ୍ଲବର ସଭାପତି ପଙ୍କଜ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚୋରମୁହାଁୟୁଥ କ୍ଲବକୁ ଚମ୍ପିଆନ ଓ କେସିସି ସୁଙ୍ଗୁଡା ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣୀ ଉତ୍ସବରେ ଚୋରମୁହାଁ ପଂଚାୟତ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ଚହଟା ସମିତିସଭ୍ୟା ସସ୍ମିତା ନାୟକ, ଚୋରମୁହାଁ ଗ୍ରାମ କମିଟି ସମ୍ପାଦକ ରବିନ୍ଦ୍ର କୁମାର ମହାନ୍ତି , ସମାଜସେବୀ ମଦନ ମୋହନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ସ୍ୱାଇଁ, ବସନ୍ତ ମହାନ୍ତି, ସେକ ଅବଦୁଲ୍ଲା, ସୂର୍ଯ୍ୟକାନ୍ତ ରାଉତ, ସୁମନ ଦାସ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ହରିଚନ୍ଦନପୁର ଚାମ୍ପିଅନ

ଢେଙ୍କିକୋଟ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମନୋହରପୁର ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ୨୫ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଲବକୁଶ ଯୁବକ ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା ।ରବିବାରଦିନ ଫାଇନାଲ ମ୍ୟାଚରେ ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ଘସିପୁରା ନିର୍ବାଚନ ମଣ୍ଡଳୀ ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବ୍ୟକ୍ତା ଭାବେ ସ୍ତରୀୟ ସରପଞ୍ଚ ଦୁଃଶାସନ ନାୟକ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ସମିତିସଭ୍ୟ ଦନାର୍ଦ୍ଦନ ନାୟକ, ସାମ୍ବାଦିକ ବିପିନ ବିହାରୀ ମହାନ୍ତ, ସମାଜସେବୀ ପଞ୍ଚାନନ ବେହେରା, ରାଜେଶ ମଣ୍ଡଳ, ଭାଗବାନ ବେହେରା,ରୁଦ୍ରନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଖେଳରେ ଭାଷ୍ୟକାର ଥିଲେ ଉତ୍ତମ କୁମାର ଖଣ୍ଡା ଓ ସିପୁନ ବାରିକ । ରେଫରୀ ଦାଇତ୍ୱି ତୁଲାଇଥିଲେ ଅଭିମନ୍ୟୁ ନାୟକ । ଫାଇନାଲ ଖେଳରେ ଚାମ୍ପିୟନ ହୋଇଥିଲା ମହାଦେବ ଓ ମହାଦେବ ହରିଚନ୍ଦନପୁର ଦଳ ରନର୍ସଅପ ହୋଇଥିଲେ ଷ୍ଟାର ଇଲେଭେନ ରାଇସୁଆଁ ଝ ତୃତୀୟ ବିଜେତା ବରେଇଗୁଡା ଓ ଚତୁର୍ଥ ବିଜେତା ବିଶ୍ୱଗୁରୁ ଟିମ ଛୋଟରାୟପୁର । ପୁରସ୍କାର ଭାବେ ଚାମ୍ପିୟନ ଦଳକୁ ୧୮ ହଜାର, ରନର୍ସଅପ କୁ ୧୨ ହଜାର, ତୃତୀୟ ବିଜେତା କୁ ୮ ହଜାର ଓ ଚତୁର୍ଥ କୁ ୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ଲବକୁଶ ଯୁବକସଂଘର ବିଚିତ୍ରା ବେହେରା, ସୁଧାଂଶୁ ଶେଖର ବେହେରା,ସୁଦାମ ନାୟକ, ଅନିଲ ବାରିକ, ଗଗନ ବାରିକ, କେତନ ନାୟକ, ବିଦ୍ୟାଧର ନାୟକ, କ୍ଷୀରୋଦ ନାୟକ, ପ୍ରମୋଦ ନାୟକ, ସିପୁନ ବାରିକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସହଯୋଗକରି କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ । ଆଖପାଖ ଗ୍ରାମର ଶହ ଶହ ଫୁଟବଲ ପ୍ରେମୀ ଖେଳକୁ ଉପଭୋଗ କରିଥିଲେ । ମହିଳା ମାନଙ୍କ ପାଇଁ ଦୌଡ଼, ପୁଚି, ମ୍ୟୁଜିକ ଚେୟାର, ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ, ଦିତୀୟ ଓ ତୃତୀୟ କୁ ବିଧାୟକ ଶ୍ରୀ ପାତ୍ର ପୁରସ୍କୃତ କରିଥିଲେ ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି